

ଆଶିକୀ-୩
ରଣବୀରଙ୍କ ଲୁକ୍‌କୁ ଅନୁସରଣ କରିଛନ୍ତି କାର୍ତ୍ତିକ୍

▶ପୃଷ୍ଠା ୧୦ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-212 ◆BHUBANESWAR ◆TUESDAY ◆28 JANUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୧୨ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୮ ଜାନୁଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡରେ ୟୁସିସି

■ **ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି):** ଉତ୍ତରାଖଣ୍ଡରେ ସୋମବାର ଏକକ ନାଗରିକ ସଂହିତା (ୟୁସିସି) ଲାଗୁ ହୋଇଛି। ଉତ୍ତରାଖଣ୍ଡର ଧାମି ସରକାରଙ୍କ ପୂର୍ବ ପ୍ରତିଶ୍ରୁତି ସ୍ୱରୂପ ଏହାକୁ ଲାଗୁ କରାଯାଇଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏ ସମ୍ପର୍କିତ ଏକ ପୋର୍ଟାଲ ଉଦ୍ଘାଟନ କରିବା ସହିତ ଏହି ନିୟମ ଲାଗୁ ସମ୍ପର୍କରେ ଘୋଷଣା କରିଛନ୍ତି। ଫଳରେ ଦେଶର ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡରେ ୟୁସିସି ଲାଗୁ ହୋଇଛି। ଏହାଦ୍ୱାରା ଉତ୍ତରାଖଣ୍ଡରେ ଏଣିକି ଧର୍ମ, ସଂପ୍ରଦାୟ ଏବଂ ଜାତି ନିର୍ବିଶେଷରେ



ସମସ୍ତେ ଗୋଟିଏ ଆଇନରେ ପରିଚାଳିତ ହେବେ। ପୂରା ଉତ୍ତରାଖଣ୍ଡରେ ଏହି ଆଇନ କାର୍ଯ୍ୟକାରୀ ହୋଇଥିବାରୁ ରାଜ୍ୟ ବାହାରେ ରହୁଥିବା ଲୋକମାନେ ମଧ୍ୟ ଏହାକୁ ମାନିବାକୁ ବାଧ୍ୟ ହେବେ। ତେବେ ଅନୁସୂଚିତ ଜନଜାତି ଓ ସଂରକ୍ଷିତ ବର୍ଗର ଲୋକ ଓ ସଂପ୍ରଦାୟଙ୍କ କ୍ଷେତ୍ରରେ ୟୁସିସି ଲାଗୁ ହେବ ନାହିଁ। ୟୁସିସି ଲାଗୁ ହେବା ଦ୍ୱାରା ସମସ୍ତ ରାଜ୍ୟବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ସମାନ ଅଧିକାର ମିଳିବ। ସଂପ୍ରଦାୟଗତ ଆଇନ ବ୍ୟବସ୍ଥାକୁ ନେଇ କାହାରି ପାଇଁ ଅନ୍ୟ ବିକଳ୍ପ ରହିବ ନାହିଁ।

## ୱାକଫ୍ ସଂଶୋଧନ ବିଲ୍‌କୁ ଜେପିସି ମଞ୍ଜୁରୀ

■ **ନୂଆଦିଲ୍ଲୀ,୨୭।୧(ଏଜେନ୍ସି):** ଗତ ଅଗଷ୍ଟ ମାସରେ ସଂସଦରେ ଉପସ୍ଥାପିତ ହୋଇଥିବା ୱାକଫ୍ ସଂଶୋଧନ ବିଲକୁ ସଂସଦୀୟ ଯୁଗ୍ମ କମିଟି (ଜେପିସି) ସୋମବାର ଅନୁମୋଦନ କରିଛି। ଜଗଦମ୍ବିକା ପାଲଙ୍କ ନେତୃତ୍ୱାଧୀନ ଏହି କମିଟିରେ ମୋଟ ୩୧ ସଦସ୍ୟ ରହିଥିଲା ବେଳେ ସେମାନଙ୍କ ମଧ୍ୟରୁ ୧୬ ସଦସ୍ୟ ଏନଡିଏ ବ୍ଲକ୍‌ର। ତେବେ ସୋମବାର ବସିଥିବା ଚୂଡ଼ାନ୍ତ ବୈଠକରେ ଏହି ବିଲକୁ ଜେପିସି କମିଟି ଅନୁମୋଦନ ଦେଇଛି। ଏହି ବିଲର ବିଭିନ୍ନ ଦିଗରେ ଆଲୋଚନା କରାଯିବା ସହିତ ୪୪ଟି ସଂଶୋଧନ ଆଣିବାକୁ ବିରୋଧୀ ସଦସ୍ୟଙ୍କ



**ବିରୋଧୀଙ୍କ ୪୪ ପ୍ରସ୍ତାବ ନାମଞ୍ଜୁର**

**ଏନଡିଏର ୧୨ ପ୍ରସ୍ତାବକୁ ଅନୁମୋଦନ**

ପକ୍ଷରୁ ଦାବି କରାଯାଇଥିଲେ ହେଁ ଏହାକୁ ଜେପିସି ଅଗ୍ରାହ୍ୟ କରିଦେଇଛି। କିନ୍ତୁ ଏନଡିଏ ସଦସ୍ୟଙ୍କ ପକ୍ଷରୁ ଅଣାଯାଇଥିବା ୧୪ଟି ପ୍ରସ୍ତାବ ଉପରେ ଏହି କମିଟି ଅନୁମୋଦନ ଦେଇଛି। ଏହି କମିଟି ପକ୍ଷରୁ ୱାକଫ୍ ବିଲ୍‌ରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ବର୍ତ୍ତମାନ ୱାକଫ୍ ବ୍ୟବସ୍ଥା ଅନୁସାରେ ଜଣେ ବ୍ୟକ୍ତି ୱାକଫ୍ ସମ୍ପତ୍ତି ବ୍ୟବହାର କରୁଥିଲେ ଏବଂ ତାହା ଧାର୍ମିକ କାର୍ଯ୍ୟ ପାଇଁ ବ୍ୟବହାର ହେଉଥିଲେ ସେ ତାହାକୁ ନେଇ ପ୍ରଶ୍ନ ଉଠାଇପାରିବେ। କିନ୍ତୁ ଏଥିରେ ପରିବର୍ତ୍ତନ କରାଯିବା ସହିତ ସଂଶୋଧିତ ଆଇନରେ ଏହାକୁ ବାଦ୍ ଦିଆଯିବ ବୋଲି କମିଟି ନିଷ୍ପତ୍ତି ନେଇଛି।

### ଧାନ କିଣାରେ କଟ୍‌ନୀଛଟ୍‌ନୀ

# ହାତ ଟେକିଦେଲେ ଯୋଗାଣମନ୍ତ୍ରୀ

■ **ଭୁବନେଶ୍ୱର,୨୭।୧(ସମିସ):** ଧାନ କିଣାରେ ସରକାରଙ୍କ ନିୟମ ନୁହେଁ, ମିଲରମାନଙ୍କ ମନମାନି ଚାଲିଛି। କଟ୍‌ନୀଛଟ୍‌ନୀ ବନ୍ଦ କରିବାକୁ ବିଜେପି ଦେଇଥିବା ପ୍ରତିଶ୍ରୁତି ପୂରଣ କରିପାରୁନାହିଁ। ଧାନ କିଣାରେ ଏପରି ଜଟିଳ ସ୍ଥିତି ସମୟରେ ଖୋଦ୍ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଜର ଅସହାୟତା ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ଏହି ଅସହାୟତା ପରେ ରାଜ୍ୟରେ ଚାଷୀମାନେ କାହା ଉପରେ ଭରଷା କରିବେ ବୋଲି ପ୍ରଶ୍ନ ଉଠିଛି। ଅନୁରୂପ ଭାବରେ ଚାଷୀଙ୍କୁ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ହେବ କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି।

**ଧାନ କଥାରେ ମୁଣ୍ଡ ନ ପୂରାଇବାକୁ ମନ୍ତ୍ରୀଙ୍କୁ ଆଇଏଏସ୍‌ଙ୍କ ପରାମର୍ଶ**

**ଡବଲ ଇଞ୍ଜିନ ସରକାରରେ ମିଲରଙ୍କ ଡବଲ କଟ୍‌ନୀଛଟ୍‌ନୀ: ବିଜେଡି**

**ସରକାରରେ ବାବୁରାଜ, ମନ୍ତ୍ରୀଙ୍କ ଅସହାୟତା ଦୁର୍ଭାଗ୍ୟଜନକ: କଂଗ୍ରେସ**



ରାଜ୍ୟରେ ଧାନ କିଣାରେ କୌଣସି କଟ୍‌ନୀଛଟ୍‌ନୀ ହେବନାହିଁ ବୋଲି ବିଜେପି ନିଜର ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରିଥିଲା। କ୍ଷମତାକୁ ଆସିବା ପରେ ସରକାରଙ୍କ ସବୁ ମନ୍ତ୍ରୀ ଓ ବିଜେପି ନେତାମାନେ ଏହାକୁ ଦୋହରାଇ ଚାଲିଲେ। ମାତ୍ର ଧାନ କିଣା ଆରମ୍ଭ ହେବା ପରେ ସବୁ ପ୍ରତିଶ୍ରୁତି ପାଣିର ଗାର ପାଲଟି ଯାଇଛି। ବିଭିନ୍ନ ସ୍ଥାନରେ କ୍ୱିଣ୍ଟାଲ ପିଛା ୭ରୁ ୮ କିଲୋ କଟ୍‌ନୀଛଟ୍‌ନୀ ହେଉଥିବା ଅଭିଯୋଗ ଆସୁଛି। ମାତ୍ର ସରକାର ମିଲରମାନଙ୍କ ମନମାନିରେ ଅଙ୍କୁଶ ଲଗାଇବାରେ ସଫଳ ହୋଇ ନାହାନ୍ତି। ଏବେ ନିଜେ ଯୋଗାଣମନ୍ତ୍ରୀ ଶ୍ରୀ ପାତ୍ର ଏହାକୁ ସ୍ୱୀକାର କରିଛନ୍ତି। ଧାନ କିଣାରେ ମିଲରମାନଙ୍କ ମନମାନି ଚାଲିଥିବା ଉଲ୍ଲେଖ କରି ନିଜର ଅସହାୟତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ମିଲର ମାନେ ୬-୮ କିଲୋ ପର୍ଯ୍ୟନ୍ତ କଟ୍‌ନୀଛଟ୍‌ନୀ କରିବାକୁ ଜିଦ୍ଦି ଧରୁଛନ୍ତି। ଚାଷୀମାନେ ଏତେ ଟଙ୍କା ପାଉଛନ୍ତି, ଆମେ କ'ଣ ପାଇବୁ ବୋଲି ପ୍ରଶ୍ନ କରି ନିଜ ଇଚ୍ଛାନୁସାରେ କଟ୍‌ନୀଛଟ୍‌ନୀ କରୁଛନ୍ତି। କେତେକ ସ୍ଥାନରେ ତାଙ୍କୁ ଧାନ କିଣାରେ ମୁଣ୍ଡ ନ ପୂରାଇବାକୁ ଆଇଏଏସ ଅଫିସରମାନେ ପରାମର୍ଶ ଦେଉଛନ୍ତି। ଚାଷୀ ଓ ମିଲରଙ୍କ କଥାରେ ମୁଣ୍ଡ ନ ପୂରାଇବା ଦରକାର ଓ ସେମାନଙ୍କ ସମସ୍ୟା ଆପେଆପେ ସମାଧାନ ହୋଇଯିବ ବୋଲି ଆଇଏଏସ୍ ▶ପୃଷ୍ଠା-୭

### ଧାନ ଫେରାଇଦେଲେ ମିଲର୍

## ହୃଦ୍‌ଘାତରେ ଟଳିପଡ଼ିଲେ ଚାଷୀ

■ **ସୋରଡ଼ା, ୨୭।୧(ସମିସ):** ଧାନବିକ୍ରି ପାଇଁ ମଣ୍ଡି ଓ ମିଲରଙ୍କ ପାଖକୁ ବାରମ୍ବାର ଦୌଡ଼ି ନିରାଶ ହେବା ପରେ ଶେଷରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି ଜଣେ ଚାଷୀ। ଏଭଳି ଅଭିଯୋଗ ଆସିଛି ଗଞ୍ଜାମ ଜିଲ୍ଲା ସୋରଡ଼ା ଗୁଣ୍ଡୁରିବାଡ଼ି ଚାକୁଣ୍ଡା ଗ୍ରାମରୁ। ମୃତ ଚାଷୀ ହେଲେ,ଗଣେଶ ବିଷୋୟୀ। ଏ ନେଇ ଗଣେଶଙ୍କ ପରିବାର ପକ୍ଷରୁ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି। ▶ପୃଷ୍ଠା-୭

## ଆଜିଠାରୁ ଉତ୍କର୍ଷ ଓଡ଼ିଶା; ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ

■ **ଭୁବନେଶ୍ୱର, ୨୭।୧(ସମିସ):** ଆସନ୍ତାକାଲିଠାରୁ ଦୁଇଦିନ ଧରି ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଛି ଉତ୍କର୍ଷ ଓଡ଼ିଶା; ମେକ୍ ଇନ୍ ଓଡ଼ିଶା କନକ୍ଲେଭ-୨୦୨୫। ସମ୍ମିଳନୀରେ ଯୋଗଦେବାକୁ ସୋମବାର ସୁଦ୍ଧା ୨୦ରୁ ଊର୍ଦ୍ଧ୍ୱ ଦେଶରୁ ପ୍ରାୟ ୮୦୦୦ରୁ ଉର୍ଦ୍ଧ୍ୱ ଶିଳ୍ପ ପ୍ରତିନିଧି ପଞ୍ଜୀକରଣ କରିଛନ୍ତି। ସେହିପରି ୩୦୦ରୁ ଅଧିକ ନିବେଶ ସ୍ୱୀକୃତି ଫର୍ମ(ଇନଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ଫର୍ମ) ମଧ୍ୟ ରାଜ୍ୟ ସରକାରଙ୍କ ନିକଟରେ ହସ୍ତଗତ ହୋଇଛି। ଏହି ସମାବେଶ ଜରିଆରେ ରାଜ୍ୟକୁ ୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୁଞ୍ଜିନିବେଶ ଆସିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମକୁ ବିଧିବଦ୍ଧ ଭାବରେ ଉଦ୍‌ଘାଟନ କରିବେ। ନିଜେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିଜ 'ଏକ୍ସ' ହ୍ୟାଣ୍ଡଲରେ ମଧ୍ୟ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସିଧାସଳଖ ଜନତା ମଇଦାନକୁ ଯିବେ ଏବଂ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ'କୁ ଉଦ୍‌ଘାଟନ କରିବେ।

**ନିବେଶ ସମାବେଶକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ**

**ସମ୍ମିଳନୀରେ ଯୋଗଦେବେ ୨୦ ଦେଶର ପ୍ରତିନିଧି**

**୮୦୦୦ରୁ ଊର୍ଦ୍ଧ୍ୱ ଶିଳ୍ପ ପ୍ରତିନିଧି କରିଛନ୍ତି ପଞ୍ଜୀକରଣ**



ସମ୍ମିଳନୀ ସମ୍ପର୍କରେ ସୂଚନା ଦେଇ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି ଯେ ଉତ୍କର୍ଷ ଓଡିଶା; ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୫ ଏକ ଐତିହାସିକ ଓ ଯୁଗାନ୍ତକାରୀ କନକ୍ଲେଭ ହେବ। ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଏହି କନକ୍ଲେଭର ଉଦଘାଟନ କରିବେ। ଗଙ୍ଗାର ସ୍ରୋତ ଭଳି ଓଡ଼ିଶାକୁ ନିବେଶକମାନେ ଆସିବେ। ଆଗାମୀ ଦିନରେ ଓଡ଼ିଶାରେ ▶ପୃଷ୍ଠା-୭

## ସେବା ନାମରେ ଛାତିଥରା ନିର୍ଯାତନା / ଖାଦ୍ୟ ମାଗିଲେ ଗୋଇଠା, ବେତମାଡ଼

■ **ସମ୍ବଲପୁର, ୨୭।୧ (ସମିସ):** ଖାଦ୍ୟ ମାଗିଲେ ମିଳୁଛି ଗାଳି; ପ୍ରତିବାଦ କଲେ ମୁଥ, ଗୋଇଠା ଓ ବେତମାଡ଼। ଖାଲି ସେତିକି ନୁହେଁ, ପୁରୁଷ-ମହିଳାଙ୍କୁ ଏକାଠି ଗାଧୋଇ ଦିଆଯାଉଥିବା ବେଳେ ୩/୪ ଦିନର ବାସି ଖାଦ୍ୟ ଦିଆଯାଉଛି।

**'ସମର୍ଥ' ଅନୁଷ୍ଠାନର ସଂପାଦକଙ୍କ ସମେତ ୨ ଗିରଫ**

**ଭିଡିଓ ଭାଇରାଲ ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା**

**କଳା ତାଲିକାଭୁକ୍ତ କରିବାକୁ ଚିଠି ଲେଖିଲେ ଜିଲ୍ଲାପାଳ**



ଏପରିକି, ସେମାନଙ୍କ ମୁହଁ ବନ୍ଦ ରଖିବା ପାଇଁ ପ୍ରତିଦିନ ମାତ୍ରାଧିକ ନିଶା ଡୋଜ୍ ମଧ୍ୟ ଦିଆଯାଉଛି। ସେହିପରି ନିର୍ଯାତନାରେ କାହାରି ମୃତ୍ୟୁ ହୋଇଗଲେ, ଶବକୁ ସେମିତି ଦିନ ଦିନ ଧରି ପକାଇ ରଖାଯାଉଥିଲା। ପୁଲିସ୍‌କୁ ବି ଖବର ଦେଉ ନଥିଲେ। କିଛି ଦିନ ପରେ ଚୁପ୍‌ଚାପ ଶବକୁ କେଉଁଆଡ଼େ ଫିଙ୍ଗି ଦେଉଥିଲେ। ଏହିପରି ଭାବେ ଅତ୍ୟଧିକ ନିର୍ଯାତନା ଯୋଗୁଁ ୯ ଅନ୍ତେବାସୀଙ୍କ ▶ପୃଷ୍ଠା-୭

## ବସ୍ ଓଲଟି ୨ ମୃତ

■ **ଅନୁଗୋଳ, ୨୭।୧ (ସମିସ):** କେନ୍ଦୁଝରରୁ ଅନୁଗୋଳ ଅଭିମୁଖେ ଆସୁଥିବା ଓଏସ୍‌ଆର୍‌ଟିସି ବସ୍ ରବିବାର ସମଲ ବ୍ୟାରେଜ୍ ନିକଟ ଗହମଠାରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ବସ୍‌ରେ ଥିବା ୨ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୪୭ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକ ହେଲେ, ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅଞ୍ଚଳର ସମୀର ମହନ୍ତ ଓ ଝାଡ଼ଖଣ୍ଡ ସିଂହଭୂମ ଅଞ୍ଚଳର ରାଧାନାଥ ମୁଣ୍ଡା। ଆହତମାନଙ୍କୁ ନିକଟସ୍ଥ ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୫ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ▶ପୃଷ୍ଠା-୭

**ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା**

## ୪ ଫାଇନାନ୍ସ କର୍ମଚାରୀଙ୍କୁ ମୁଣ୍ଡଜାମିନ ରଖି ୨ କୋଟି ଦାବି

■ **ବ୍ରହ୍ମପୁର, ୨୭ ।୧(ସମିସ):** ୪ଜଣ ଫାଇନାନ୍ସ କର୍ମଚାରୀଙ୍କୁ ବ୍ରହ୍ମପୁରରୁ ଅପହରଣ କରି ଚିକିଟିର ଭଙ୍ଗା ଦଦରା କୁଡ଼ିଆ ଘରେ ରଖି ୪ ଦିନ ଧରି ନିର୍ଯାତନା ଦେବା ଏବଂ ସାପ ଭୟ ଦେଖାଇ ୨ କୋଟି ଟଙ୍କା ଦାବି କରିବା ଭଳି ଘଟଣା ଗଂଜାମ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ କେ.ନୂଆଗାଁ ଥାନା ପୁଲିସ୍ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ଅପହୃତମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତଜଣଙ୍କ ହେଲେ, ▶ପୃଷ୍ଠା-୭



ଜଣେ ଗିରଫ; ସ୍କାନର୍‌ରେ ଦୁର୍ଦ୍ଦାନ୍ତ 'ଦଣ୍ଡ' ସମେତ ୫

ଘଟଣାସ୍ଥଳରୁ ଉଦ୍ଧାର ୩ ନାଗସାପ ବନବିଭାଗକୁ ହସ୍ତାନ୍ତର






### 'ଦି କ୍ୱିଣ୍ଟ' ରିପୋର୍ଟ ପରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ରକୁ ନେଇ ବଢ଼ିଲା ଚର୍ଚ୍ଚା

# ୪୦୫୬ ଭୋଟ ବଢ଼ିଲା କେମିତି

■ **ଭୁବନେଶ୍ୱର, ୨୭।୧ (ସମିସ):** ୨୦୨୪ ସାଧାରଣ ନିର୍ବାଚନରେ ଦେଖା ଦେଇଥିବା ବିଭ୍ରାନ୍ତି ଓ ବିସଙ୍ଗତି ସଂକ୍ରାନ୍ତରେ ଗୋଟିଏ ପରେ ଗୋଟିଏ ଅଭିଯୋଗ ଆସିବାରେ ଲାଗିଛି। ପୂର୍ବରୁ ନିର୍ବାଚନ ବିଶ୍ଳେଷଣ କରୁଥିବା ଦୁଇ ଦୁଇଟି ସଂସ୍ଥା ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ବିଭିନ୍ନ ସଂସଦୀୟ କ୍ଷେତ୍ରଗୁଡ଼ିକରେ ମତଦାନ ଓ ଇଭିଏମ୍ ଭୋଟ ମଧ୍ୟରେ ପାର୍ଥକ୍ୟ, ମତଦାନ ହାରରେ ଅହେତୁକ ବୃଦ୍ଧି ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ମତଦାନ ସଂଖ୍ୟାରୁ ଇଭିଏମ୍‌ରେ ଅଧିକ ଭୋଟ ବାହାରିବା ସମସ୍ତଙ୍କୁ ସନ୍ଦେହରେ ପକାଇଛି। ଓଡ଼ିଶାର ୧୭ଟି ସଂସଦୀୟ କ୍ଷେତ୍ରରେ ୪୨ ଲକ୍ଷ ଭୋଟ ଏପଟସେପଟ ହୋଇଥିବା ପୂର୍ବରୁ ଅଭିଯୋଗ ହୋଇଥିବାବେଳେ ବିଜେଡି ଗତ ଡ଼ିସେମ୍ବର ମାସରେ ଏ ସଂକ୍ରାନ୍ତରେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଭେଟି ଆପତ୍ତି ଜଣାଇଛି। ଏହି କ୍ରମରେ ଦୁଇଦିନ ତଳେ କଂଗ୍ରେସ ନେତା ଯୋଗେନ୍ଦ୍ର ଯାଦବ ପ୍ରଶ୍ନ ଉଠାଇ ମୁଖ୍ୟ ନିର୍ବାଚନ କମିଶନର ଅବସର ପୂର୍ବରୁ ଏହାର ଉତ୍ତର ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଦେଶର ଅଗ୍ରଣୀ ଡ଼ିଜିଟାଲ ଗଣମାଧ୍ୟମ 'ଦି କ୍ୱିଣ୍ଟ' ମଧ୍ୟ ଅନୁରୂପ ପ୍ରଶ୍ନ ଉଠାଇଛି। ଓଡ଼ିଶା, ଆନ୍ଧ୍ର ଓ ଅରୁଣାଚଳରେ ୮୧ହଜାରରୁ ଊର୍ଦ୍ଧ୍ୱ ଭୋଟ କେଉଁଠୁ ଆସିଲା ବୋଲି ପ୍ରଶ୍ନ କରିଛି। ଏପରି ସମ୍ବେଦନଶୀଳ ଘଟଣାରେ ନିର୍ବାଚନ ଆୟୋଗ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ମଧ୍ୟ କ୍ୱିଣ୍ଟ ଦାବି କରିଛି।

**ଦୁଇଦିନ ତଳେ ନିର୍ବାଚନ ରଣନୀତିକାର ଯୋଗେନ୍ଦ୍ର ଉଠାଇଥିଲେ ପ୍ରଶ୍ନ**

**ନିର୍ବାଚନ କମିଶନଙ୍କ ରହସ୍ୟମୟ ନିରବତା ବଢ଼ାଇଚାଲିଛି ସନ୍ଦେହ**

**ଓଡ଼ିଶା ସହ ଆନ୍ଧ୍ରପ୍ରଦେଶ ଓ ସିକ୍କିମ୍‌ରେ ମଧ୍ୟ ଅନୁରୂପ ବିସଙ୍ଗତି**

**ଏହି ପ୍ରସଙ୍ଗରେ ଡ଼ିସେମ୍ବରରେ ନିର୍ବାଚନ କମିଶନଙ୍କୁ ଭେଟିଛି ବିଜେଡି**



'ଦି କ୍ୱିଣ୍ଟ' ନିଜ ରିପୋର୍ଟରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ର କଥା ଉଲ୍ଲେଖ କରିଛି। ଢେଙ୍କାନାଳରେ ଲୋକସଭା ପାଇଁ ଯେତିକି ଭୋଟର ମତଦାନ କରିଥିଲେ, ଇଭିଏମ୍‌ରେ ତା'ଠାରୁ ୪୦୫୬ ଭୋଟ ଅଧିକ ମିଳିଥିବା 'କ୍ୱିଣ୍ଟ' ନିଜ ରିପୋର୍ଟରେ ଉଲ୍ଲେଖ କରି ଏ ସମ୍ପର୍କରେ ନିର୍ବାଚନ କମିଶନଙ୍କଠାରୁ ଉତ୍ତର ଲୋଡ଼ିଛି। 'ଦି କ୍ୱିଣ୍ଟ' ରିପୋର୍ଟ ଅନୁଯାୟୀ ଗତ ବର୍ଷ ଓଡ଼ିଶା ସହ ଆନ୍ଧ୍ର ପ୍ରଦେଶ ଓ ସିକ୍କିମରେ ଏକସାଙ୍ଗରେ ଉଭୟ ▶ପୃଷ୍ଠା-୭






# ପୁଣି ଆରମ୍ଭ ହେବ କୈଳାସ ମାନସରୋବର ଯାତ୍ରା



ନୂଆଦିଲ୍ଲୀ,୨୭।୧(ଏଜେନ୍ସି): ବୈଦେଶିକ ମନ୍ତ୍ରାଳୟ ସଚିବ ବିକ୍ରମ ମିଶ୍ରି ସଂପ୍ରତି ଚୀନ ଗସ୍ତରେ ଯାଇଥିଲା ବେଳେ ସେଠାରେ ଚାଇନା ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କ ସହ ତାଙ୍କର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଦ୍ୱିପାକ୍ଷିକ ସ୍ୱାର୍ଥରକ୍ଷାକୁ ଗୁରୁତ୍ୱ ଦେଇ ଉଭୟ ରାଷ୍ଟ୍ର କାର୍ଯ୍ୟ କରିବା ଉଚିତ ବୋଲି ୱାଙ୍ଗ କହିଥିଲା ବେଳେ କୈଳାସ ମାନସରୋବର ଯାତ୍ରା ପୁଣି ଆରମ୍ଭ କରିବାକୁ ଚୀନ୍ ରାଜି ହୋଇଛି। ଏଥିପାଇଁ ପୂର୍ବରୁ ଯାହାକିଛି ପ୍ରକ୍ରିୟା ରହିଥିଲା ତାହାକୁ ବଜାୟ ରଖାଯିବ ନା ଏଥିରେ କୌଣସି ପରିବର୍ତ୍ତନ ଆଣିବାକୁ ପଡ଼ିବ ସେନେଇ ଉଭୟ ରାଷ୍ଟ୍ରର ବିଶେଷଜ୍ଞମାନଙ୍କ ଦ୍ୱାରା ଆଲୋଚନା କରାଯିବା ପରେ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି। ଏହାବ୍ୟତୀତ ଭାରତ ଏବଂ ଚୀନ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ, ଜନସମ୍ପର୍କ ବୃଦ୍ଧି ପାଇଁ ମଧ୍ୟ ଗୁରୁତ୍ୱ ଦିଆଯିବ। ମିଡିଆ ଏବଂ ଥିଙ୍କଟ୍ୟାଙ୍କ ମାଧ୍ୟମରେ ଉଭୟ ଦେଶର ଲୋକମାନଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଁ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଛି। ତେବେ ଅଚାନକ ଭାବେ ଭାରତ ସହ ସମ୍ପର୍କ ବୃଦ୍ଧି ପାଉ଼ଇ ଚୀନ୍ କାହିଁକି ଆଗ୍ରହୀ ହୋଇପଡ଼ିଛି ତାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଆମେରିକାରେ ଟ୍ରମ୍ପ ପ୍ରଶାସନ କ୍ଷମତାକୁ ଆସିବା ପରେ ଦକ୍ଷିଣ ଏସିଆ ନୀତିକୁ ନେଇ ଟ୍ରମ୍ପ ପ୍ରଶାସନ ଯେଉଁଳି ଆଭିମୁଖ୍ୟ ଗ୍ରହଣ କରିଛି ତାହା ଦ୍ୱାରା ଚୀନ୍ ମଧ୍ୟ ନିଜର ଆଭିମୁଖ୍ୟ ବଦଳାଇବାକୁ ବାଧ ହୋଇଛି ବୋଲି କୁହାଯାଉଛି।

# ସ୍ୱାଧୀନତାର ୭୫ ବର୍ଷ ପରେ ଛତିଶଗଡ଼ ଗାଁ ଦେଖିଲା ବିଜୁଳି



ରାୟପୁର,୨୭।୧(ଏଜେନ୍ସି): ବିଭିନ୍ନ କ୍ଷେତ୍ରରେ ଲୋକମାନଙ୍କୁ ସ୍ୱାବଲମ୍ବୀ କରିବାକୁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଯୋଜନା ପ୍ରଣୟନ କରାଯାଉଛି। କିନ୍ତୁ ସ୍ୱାଧୀନତାର ୭୫ ବର୍ଷ ପରେ ଛତିଶଗଡ଼ର ଏକ ଗାଁରେ ପ୍ରଥମଥର ପାଇଁ ବିଦ୍ୟୁତ ସେବା ଉପଲବ୍ଧ ହେବା ଘଟଣା ଅନେକଙ୍କୁ ବିସ୍ମିତ କରିଛି। ବିଜାପୁର ଜିଲ୍ଲାର ଚିକାପଲ୍ଲୀ ଗାଁ ନକ୍ସଲ ପ୍ରବଣ ଇଲାକା ଭାବେ ଏଠାରେ ବିଭିନ୍ନ କ୍ଷେତ୍ରରେ ନାନା ସମସ୍ୟା ରହିଆସିଛି। ନକ୍ସଲ ପ୍ରଭାବରେ ଏଠାରେ ବିଦ୍ୟୁତ ସେବା ମଧ୍ୟ ଉପଲବ୍ଧ କରିବା ସମ୍ଭବ ହୋଇ ନଥିଲା। କିନ୍ତୁ ଏବେ ଏହି ଗାଁ ଲୋକେ ବିଦ୍ୟୁତ ସେବା ଉପଲବ୍ଧ କରିଛନ୍ତି। ' ନିୟଦ ନେଲାନାର' ଯୋଜନାରେ ଏହି ଗ୍ରାମବାସୀଙ୍କୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ କହିଛନ୍ତି। ବିଜାପୁର ସଦର ମହକୁମା ଠାରୁ ପ୍ରାୟ ୬୦ କିମି ଦୂରରେ ରହିଥିବା ଏହି ଗାଁ ବ୍ୟତୀତ ଏଠାକାର ଅନ୍ୟ ୬ଟି ଗାଁକୁ ମଧ୍ୟ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଛି। ଜଙ୍ଗଲ ଏବଂ ପାହାଡ଼ ଘେରା ସୁଦୂର ତଥା ନିକାଞ୍ଚନ ଗ୍ରାମଗୁଡିକୁ ଆଦର୍ଶ ଗାଁରେ ପରିଣତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଅଭିଯାନରେ ଏହି ସେବା ଯୋଗାଇ ଦିଆଯାଉଥିବା କୁହାଯାଇଛି।

**ଦିଲ୍ଲୀ ନିର୍ବାଚନ**

# ଆପ୍-ବିଜେପିର 'ଯମୁନା' ରାଜନୀତି ଜୋରଦାର୍

ନୂଆଦିଲ୍ଲୀ,୨୭।୧(ଏଜେନ୍ସି): ଦିଲ୍ଲୀ ବିଧାନସଭା ନିର୍ବାଚନକୁ ଆଉ ମାତ୍ର ହାତ ଗଣତି ସମୟ ରହିଥିଲା ବେଳେ ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବିଜେପି ଏବଂ ଆମ ଆଦମୀ ପାର୍ଟି(ଆପ୍) ମଧ୍ୟରେ ଯମୁନା ନଦୀ ଜଳକୁ ନେଇ ରାଜନୀତି ତୀବ୍ର ହୋଇଛି। କେଜ୍ରିୱାଲ ସରକାର ଦିଲ୍ଲୀରେ ୧୦ ବର୍ଷ ଧରି କ୍ଷମତାରେ ରହିଥିଲେ ହେଁ ଯମୁନା ସଫେଇ ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହାକୁ ଏଯାବତ୍ ପୂରଣ କରିନାହିଁ। ଯମୁନା ନଦୀ ଜଳ ସଫା ହେବା ପରିବର୍ତ୍ତେ ଏହା ବେଳକୁ ବେଳ ପ୍ରଦୂଷିତ ହେବାରେ ଲାଗିଛି। ଯାହାକୁ ନେଇ ଦିଲ୍ଲୀବାସୀଙ୍କ ଜୀବନ ଏବେ ଦୁର୍ବିସହ ହୋଇପଡ଼ିଛି ବୋଲି ବିଜେପି ଆପ୍ ବିରୋଧରେ ଅଭିଯୋଗ ଆଣିଥିଲା ବେଳେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ସୋମବାର ଏହାର ଦୃଢ ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ, ଦିଲ୍ଲୀବାସୀଙ୍କୁ ହରିୟାଣା ଏବଂ ଉତ୍ତରପ୍ରଦେଶରୁ ପାନୀୟ ଜଳ ଯୋଗାଇ ଦିଆଯାଇଥାଏ। କିନ୍ତୁ ହରିୟାଣାରୁ ପ୍ରବାହିତ ହେଉଥିବା ଯମୁନା ନଦୀ ଜଳକୁ ସେଠାକାର ବିଜେପି ସରକାର ବିଷାକ୍ତ କରିବାରେ ଲାଗିଛନ୍ତି । ଯମୁନା ନଦୀରେ ହରିୟାଣା ସରକାର ଏଭଳି ବିଷ ମିଶାଉଛନ୍ତି ଯେ ତାହାକୁ ଜଳ ବିଶୋଧନାଗାରରେ ମଧ୍ୟ ବିଶୋଧନ କରିବା ସମ୍ଭବ ହେଉ ନାହିଁ। କିନ୍ତୁ ଏଭଳି ବିଷାକ୍ତ ଜଳକୁ ଦିଲ୍ଲୀ ସରକାର ଦିଲ୍ଲୀବାସୀଙ୍କୁ ବ୍ୟବହାର କରିବାକୁ ଦେଇ ନାହାନ୍ତି। ଦିଲ୍ଲୀ ଜଳବୋର୍ଡ ଏହି ବିଷୟ ଜାଣିବା ପରେ ହରିୟାଣାରୁ ଆସୁଥିବା ଜଳକୁ ବନ୍ଦ କରିଦେଇଛି। ଏହାଦ୍ୱାରା ଦିଲ୍ଲୀରେ ହଜାର ହଜାର ଲୋକଙ୍କ ଜୀବନ ରକ୍ଷା କରାଯାଇପାରିଛି। ନା।ଚେତ ଏଭଳି ବିଷାକ୍ତ ପାଣି ପିଇ ସମୂହ ମୃତ୍ୟୁ ଘଟିଥାଆନ୍ତା ବୋଲି କେଜ୍ରିୱାଲ କହିଛନ୍ତି।



**ନିର୍ବାଚନ ଜିତିବାକୁ ଲୋକଙ୍କୁ ମାରିବାକୁ ଚାହୁଁଛି ବିଜେପି**

**ହରିୟାଣାରେ ଯମୁନା ପାଣିକୁ ବିଷାକ୍ତ କରାଯାଉଛି କହିଲେ କେଜ୍ରିୱାଲ**



ଅନ୍ୟପକ୍ଷରେ ଏଭଳି ବିଷାକ୍ତ ପାଣି ଉପରେ ଦିଲ୍ଲୀ ଜଳବୋର୍ଡ ତୀକ୍ଷଣ ନଜର ରଖି ଏହାକୁ ବନ୍ଦ କରଦ୍ଇଥିବାରୁ ଦିଲ୍ଲୀରେ ଜଳାଭାବ ସୃଷ୍ଟି ହେଉଛି। କିନ୍ତୁ ବିଜେପି ଏଭଳି ଚାଲ ଚଲାଇ ରାଜନୀତିକ ଫାଇଦା ଉଠାଇବାକୁ ପଛାଇ ନାହିଁ। ଜାପାନ ଉପରେ ଆମେରିକା ପରମାଣୁ ବୋମା ନିକ୍ଷେପ କରିବା ଭଳି କିଛି ରାଷ୍ଟ୍ର ସେମାନଙ୍କ ଶତ୍ରୁ ରାଷ୍ଟ୍ର ବିରୋଧରେ ଷଡ଼ଯନ୍ତ୍ର କରି ଜୈବିକି ଅସ୍ତ୍ର ବ୍ୟବହାର କରି ନଦୀ ଜଳକୁ ବିଷାକ୍ତ କରିଦେବାର ନଜିର ରହିଛି। କିନ୍ତୁ ବିଜେପି ମଧ୍ୟ ଏଭଳି ହୀନ ଉଦ୍ୟମରୁ ବର୍ତ୍ତି ପାରି ନାହିଁ ବୋଲି କେଜ୍ରିୱାଲ କହିଛନ୍ତି। ବିଜେପି ଏଭଳି ଷଡ଼ଯନ୍ତ୍ର କରି ଦିଲ୍ଲୀ ପରିବେଶ ନଷ୍ଟ କରିବା ସହିତ ଲୋକମାନଙ୍କ ମଧ୍ୟରେ ହଙ୍ଗାମା ସୃଷ୍ଟି କରିବାକୁ ଉଦ୍ୟମ ଜାରି ରଖିଛି। ସବୁ ଦୋଷ ଆପ୍ ଉପରେ ଲଦି ଆମ ଦଳକୁ ବଦନାମ କରିବାକୁ ପଛାଉ ନାହିଁ। କିନ୍ତୁ ଏହି ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀ ଆତିଶୀ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ତୁରନ୍ତ ନିର୍ବାଚନ ଆୟୋଗଙ୍କୁ ଭେଟି ଆଲୋଚନା କରିବାକୁ ସମୟ ମାଗିଛନ୍ତି ବୋଲି କେଜ୍ରିୱାଲ କହିଛନ୍ତି।

### କେଜ୍ରିୱାଲ ଡାହା ମିଛ କହୁଛନ୍ତି : ନାଏବ ସିଂ ସାଇନି

କେଜ୍ରିୱାଲ ଆଣିଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ମିଛ ବୋଲି ହରିୟାଣା ସରକାର କହିଛନ୍ତି। ମିଛ କହିବା କେଜ୍ରିୱାଲଙ୍କ ଏକ ନିୟମିତ ଅଭ୍ୟାସ। ପରେ ପରେ କୌଣସି ବିଷୟକୁ ଚ୍ୟାଲେଞ୍ଜ କରାଗଲେ ତାହାକୁ ସାମ୍ନା ନ କରି ସେଠାରୁ ଖସିଯିବା ମଧ୍ୟ ତାଙ୍କର ଆଉ ଏକ ଅଭ୍ୟାସ ବୋଲି ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି କହିଛନ୍ତି। ସେ କହିଛନ୍ତି ଯେ, ହରିୟାଣାର ସୋନିପତ୍ ଠାରେ ଯମୁନା ନଦୀ ଦିଲ୍ଲୀରେ ପ୍ରବେଶ କରୁଥିଲା ବେଳେ ଏଠାରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ଯାଞ୍ଚ କରାଯାଉ। କେଜ୍ରିୱାଲ ତାଙ୍କ ମୁଖ୍ୟ ସଚିବଙ୍କୁ ପଠାନ୍ତୁ ଏବଂ ସେ ହରିୟାଣା ମୁଖ୍ୟ ସଚିବଙ୍କ ସହ ମିଶି ଯମୁନା ନଦୀ ଜଳ ଯାଞ୍ଚ କରି ରିପୋର୍ଟ ଦିଅନ୍ତୁ। କିନ୍ତୁ ବିଗତ ୧୦ ବର୍ଷ ଧରି କ୍ଷମତାରେ ରହିଥିବା କେଜ୍ରିୱାଲ ସରକାର ଯମୁନା ନଦୀ ଜଳ ବଣ୍ଟନକୁ ଠିକଣା ଭାବେ ପରିଚାଳନା ନ କରି ପାରି ଏଭଳି ଡାହା ମିଛର ଆଶ୍ରୟ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନାଏବ ସିଂ କହିଛନ୍ତି।

# ମହାକୁମ୍ଭରେ ପରିବାର ସହ ସ୍ନାନକଲେ କେନ୍ଦ୍ରମନ୍ତ୍ରୀ ଅମିତ ଶାହ



ନୂଆଦିଲ୍ଲୀ,୨୭।୧(ଏଜେନ୍ସି): ପ୍ରୟାଗରାଜ ମହାକୁମ୍ଭକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା ବେଳେ ଇତିମଧ୍ୟରେ ପ୍ରାୟ ୧୨ କୋଟି ଶ୍ରଦ୍ଧାଳୁ ଏହି ମେଳାରେ ସାମିଲ ହୋଇସାରିଥିବା କୁହାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ସୋମବାର ସାଧୁ ସନ୍ଥଙ୍କ ଗହଣରେ ତ୍ରିବେଣୀ ସଙ୍ଗମରେ ସ୍ନାନ କରିଛନ୍ତି। କିନ୍ତୁ ମହାକୁମ୍ଭ ମେଳାକୁ ନେଇ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ପରୋକ୍ଷରେ କେନ୍ଦ୍ର ସରକାରଙ୍କୁ କଟାକ୍ଷ କରିଛନ୍ତି। ଖଡଗେ ସୋମବାର ମଧ୍ୟପ୍ରଦେଶର ମହୁଠାରେ 'ଜୟ ବାପୁ, ଜୟ ଭୀମ, ଜୟ ସମ୍ବିଧାନ' ରାଲିକୁ ସମ୍ବୋଧିତ କରିବା ଅବସରରେ ବିଜେପିକୁ ନିଶାଣ କହିଛନ୍ତି ଯେ ଗଙ୍ଗାରେ ବୁଡ଼ ପକାଇଲେ ଦେଶରୁ ଦାରିଦ୍ର୍ୟ ଦୂର ହେବ ନାହିଁ।ଗୃହମନ୍ତ୍ରୀ ଅମିତ ଶାହା ତାଙ୍କ ପରିବାର ସହ କୁମ୍ଭ ସ୍ନାନ କରିବା ପରେ ଖଡ଼ଗେ ଏଭଳି କଟାକ୍ଷ କରିଛନ୍ତି। ତେବେ ବିଜେପି ଏହାର ଜବାବ ରଖିଛି। ମହାକୁମ୍ଭ କୋଟି କୋଟି ସନାତନୀ ଶ୍ରଦ୍ଧାଳୁଙ୍କ ଆସ୍ଥାର ପ୍ରତୀକ ହୋଇଛି। ଏହାକୁ ନେଇ ସମଗ୍ର ବିଶ୍ୱରେ ଭକ୍ତିର ଭାବନା ତେଜିଛି। କିନ୍ତୁ କଂଗ୍ରେସ ଏହାକୁ ବୁଝିବାକୁ ଅସମର୍ଥ।ଖଡଗେ ରାହୁଲ, ପ୍ରିୟଙ୍କାଙ୍କ ଧର୍ମକୁ ନେଇ କଟାକ୍ଷ କରିପାରିବେ କି ବୋଲି ବିଜେପି ମୁଖପାତ୍ର ସମ୍ବିତ ପାତ୍ର ପ୍ରଶ୍ନ କରିଛନ୍ତି।

**ତ୍ରିବେଣୀରେ ବୁଡ଼ ପକାଇଲେଣି ୧୨ କୋଟି ଶ୍ରଦ୍ଧାଳୁ**

# ଉତ୍ତର ଗାଜାକୁ ଫେରିଲେ ହଜାର ହଜାର ପାଲେଷ୍ଟାଇନ ନାଗରିକ



ଗାଜା ସିଟି,୨୭।୧(ଏଜେନ୍ସି): ପ୍ରାୟ ୧୫ ମାସ ପରେ ଉତ୍ତର ଗାଜାକୁ ହଜାର ହଜାର ପାଲେଷ୍ଟାଇନବାସୀ ଫେରିବା ଆରମ୍ଭ କରିଛନ୍ତି। ହମାସ ପକ୍ଷରୁ ୨୦୨୩ ଅକ୍ଟୋବରରେ ଇସ୍ରାଏଲ ଉପରେ ଆକ୍ରମଣ କରାଯିବା ପରେ ଏହାର କିଛି ଦିନ ଅନ୍ତରରେ ଇସ୍ରାଏଲ ସେନା ଗାଜାରେ ପ୍ରବେଶ କରିବା ସହିତ ଆକ୍ରମଣ ଆରମ୍ଭ କରିଥିଲା। ଏହାଦ୍ୱାରା ୬୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହେବା ସହିତ ଲକ୍ଷାଧିକ ଲୋକ ଗାଜାପଟି ଛାଡି ଇଜିପ୍ଟ ସୀମା ମୁହାଁ ହୋଇଥିଲେ। କିନ୍ତୁ ଏବେ ହମାସ ଏବଂ ଇସ୍ରାଏଲ ମଧ୍ୟରେ ଅସ୍ତ୍ରବିରତି କାର୍ଯ୍ୟକାରୀ ହେବା ପରେ ହଜାର ହଜାର ଗାଜାବାସୀ ସେମାନଙ୍କ ଅଞ୍ଚଳକୁ ଫେରିଛନ୍ତି। ପ୍ରାୟ ୪୫ ଦିନ ପାଇଁ ଏହି ଅସ୍ତ୍ରବିରତି କାର୍ଯ୍ୟକାରୀ କରାଯାଉଥିଲା ବେଳେ ଏହି ପର୍ଯ୍ୟାୟରେ ଆହୁରି ଅଧିକ ପାଲେଷ୍ଟନୀୟ ଲୋକଙ୍କୁ ସେମାନଙ୍କୁ ଘରକୁ ଫେରିବା ଲାଗି ଇସ୍ରାଏଲ ଅନୁମତି ଦେବ ବୋଲି କୁହାଯାଉଛି। କିନ୍ତୁ ହମାସ କବଳରେ ଏବେ ବି ରହିଥିବା କିଛି ମହିଳା ଇସ୍ରାଏଲ ବନ୍ଧକଙ୍କୁ ଯଦି ମୁକ୍ତ ନ କରାଯାଏ ତେବେ ଗାଜାକୁ ପାଲେଷ୍ଟେନୀୟ ଲୋକଙ୍କୁ ଆସିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ସ୍ପଷ୍ଟ କରିଛନ୍ତି।

**ଦିଲ୍ଲୀରେ ଚାଞ୍ଚଲ୍ୟ; ଲିଭ୍-ଇନ୍-ରିଲେସନରୁ ହତ୍ୟା**

# ସୁଟ୍‌କେସରେ ମହିଳାଙ୍କ ପୋଡ଼ା ଶବ; ଅଭିଯୁକ୍ତ ଗିରଫ

ନୂଆଦିଲ୍ଲୀ,୨୭।୧(ଏଜେନ୍ସି): ଲିଭ୍-ଇନ-ରିଲେସନକୁ ନେଇ ଦିଲ୍ଲୀରେ ପୁଣି ଏକ ଜଘନ୍ୟ ହତ୍ୟାକାଣ୍ଡ ସମ୍ପର୍କିତ ଖବର ସାମ୍ନାକୁ ଆସିଛି। ଦିଲ୍ଲୀର ଘାଜିପୁର ଅଞ୍ଚଳରେ ଏକ ସୁଟକେସ୍‌ରୁ ଜଣେ ମହିଳାଙ୍କ ସମ୍ପୂର୍ଣ୍ଣ ପୋଡି ଯାଇଥିବା ଶବକୁ ପୁଲିସ ଜବତ କରିବା ପରେ ଏହାକୁ ଆଧାର କରି ନାଟକୀୟ ଢଙ୍ଗରେ ଅଭିଯୁକ୍ତମାନଙ୍କୁ ଧରିବାକୁ ସଫଳ ହୋଇଛି। ଶବର ଫରେନ୍‌ସିକ ପରୀକ୍ଷଣ ପରେ ମୃତ ମହିଳାଙ୍କ ବୟସ ୨୦ରୁ ୩୫ ବର୍ଷ ହେବ ବୋଲି ପୁଲିସ କହିଥିଲା ବେଳେ ଅଭିଯୁକ୍ତ ଅମିତ ତିୱାରୀ(୨୨) ଏବଂ ତା'ର ସହଯୋଗୀକୁ ପୁଲିସ ଗିରଫ କରିଛି। ମିଳିଥିବା ଖବର ଅନୁସାରେ ରବିବାର ଭୋର ସମୟରେ ପୂର୍ବ ଦିଲ୍ଲୀର ଘାଜିପୁର ଅଞ୍ଚଳରେ ଏକ ଅଧା ପୋଡ଼ା ସୁଟକେସ ପଡ଼ି ରହିଥିବା ସ୍ଥାନୀୟ ଲୋକ ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ଏହାପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସୁଟକେସଟିକୁ ଯାଞ୍ଚ କରିଥିଲା ବେଳେ ତା' ଭିତରୁ ପୋଡି ଯାଇଥିବା ଏକ ମୃତଦେହ ମିଳିଥିଲା। ଏହା ସଂପୂର୍ଣ୍ଣ ପୋଡ଼ି ଯାଇଥିବାରୁ ଶବ ଚିହ୍ନଟ କରିବା ପୁଲିସ ପାଇଁ କାଠିକର ହୋଇପଡ଼ିଥିଲା। କିନ୍ତୁ ପୁଲିସ ବିଭିନ୍ନ ଦିଗକୁ ତର୍ଜମା କରି ଘଟଣାର ଖୋଳତାଡ଼ କରିବାକୁ ପ୍ରୟାସ କରିବା ପରେ ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା। ତେବେ କଲ୍ ପାଇବାର କିଛି ଘଣ୍ଟା ପୂର୍ବରୁ ସୁଟକେସ ପଡ଼ିଥିବା ଅଞ୍ଚଳକୁ ଏକ ହୁଣ୍ଡାଇ ଭର୍ଣ୍ଣା କାର୍ ଆସିଥିବା ସିସିଟିଭିରୁ ଜଣାପଡ଼ିଥିଲା। ତେବେ କାର୍ ନମ୍ବରକୁ ଯାଞ୍ଚ କରିବା ପରେ କାର୍ ମାଲିକ ଲୋନି ଅଞ୍ଚଳର ବୋଲି ପୁଲିସ ଜାଣିବାକୁ ପାଇଥିଲା। ତେବେ ସେଠାରେ ପହଞ୍ଚିବା ପରେ କାର୍ ମାଲିକ ଜଣକ କିଛି ଦିନ ତଳେ ଏହାକୁ ଅମିତ ତିୱାରୀ ନାମକ ଜଣେ ଯୁବକଙ୍କୁ ବିକ୍ରି କରିଦେଇଥିବା କହିଥିଲେ। ଏହାପରେ ଗାଜିଆବାଦରେ ରହୁଥିବା ୨୨ ବର୍ଷୀୟ ଅମିତଙ୍କୁ ପୁଲିସ ଠାବ କରିବା ସହିତ ତାଙ୍କ ସହଯୋଗୀ ଅନୁଜ କୁମାରଙ୍କୁ ହେପାଜତକୁ ନେଇଥିଲା। ଅମିତ ଜଣେ କ୍ୟାବ୍ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲା ବେଳେ ଅନୁଜ ଜଣେ ମେକାନିକ୍। ଉଭୟଙ୍କୁ ପଚରାଉଚରା କରାଯିବା ପରେ ଅମିତଙ୍କ ଉପରେ ପୁଲିସର ସନ୍ଦେହ ବଢିବାର ତାକୁ ଶବ ଚିହ୍ନଟ ପାଇଁ ନିଆଯାଇଥିଲା। ତେବେ ଅମିତ ଶବକୁ ଚିହ୍ନିବା ସହିତ ଏହା ତାଙ୍କର ସମ୍ପର୍କୀୟ ୨୨ ବର୍ଷୀୟା ଶିଲ୍ପା ପାଣ୍ଡେଙ୍କ ମୃତଦେହ ବୋଲି ମାନି ଯାଇଥିଲା।

ଶିଲ୍ପା ହେଉଛନ୍ତି ଅମିତଙ୍କ ଦୂର ସମ୍ପର୍କୀୟ ଭଉଣୀ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ସେମାନେ ଗାଜିଆବାଦରେ ପ୍ରାୟ ବର୍ଷେ ହେବ ଲିଭ ଇନ ରିଲେସନରେ ରହୁଥିଲେ। ଲିଭ ଇନକୁ ବର୍ଷେ ବିତି ଯାଇଥିବାରୁ ଶିଲ୍ପା ସବୁବେଳେ ଅମିତଙ୍କୁ ବାହା ହେବାକୁ କହୁଥିଲେ। କିନ୍ତୁ ଅମିତ ସମ୍ପର୍କ କାଟିବାକୁ ଚାହୁଁଥିଲେ। କିନ୍ତୁ ଶିଲ୍ପାଙ୍କୁ ବିବାହ ନ କଲେ ଅମିତଙ୍କ ସହିତ ତାଙ୍କ ପରିବାର ଲୋକଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରାଯାଇ ଫସାଇ ଦିଆଯିବ ବୋଲି ଶିଲ୍ପାଙ୍କ ପରିବାର ଲୋକେ ଧମକ ଦେଇଥିଲେ। ଏହାକୁ ନେଇ ଅମିତ ଶିଲ୍ପାଙ୍କୁ ଜୀବନରୁ ହଟାଇ ଦେବାକୁ ଯୋଜନା କରିଥିଲା। ଏସବୁ ଭିତରେ ଅମିତ ଶନିବାର ପ୍ରବଳ ମଦ ପିଇ ଘରକୁ ଆସିଥିଲା ବେଳେ ବିବାହକୁ ନେଇ ଶିଲ୍ପାଙ୍କ ସହ ତାଙ୍କର ପ୍ରବଳ ଝଗଡ଼ା ହୋଇଥିଲା। ଏଥିରେ ରାଗି ଯାଇ ସେ ଶିଲ୍ପାଙ୍କୁ ତଣ୍ଟି ଚିପି ମାରି ଦେଇଥିଲେ। ଶିଲ୍ପା ମରିଯିବାରୁ ଅମିତ ପୂରା ଡରି ଯାଇଥିଲେ। ସେ ମୃତଦେହକୁ ଗୋଟିଏ ସୁଟକେସରେ ଭର୍ତ୍ତି କରିଥିଲେ ଓ ଏହାକୁ ଅନ୍ୟତ୍ର ଫିଙ୍ଗିବା ପାଇଁ ବନ୍ଧୁ ଅନୁଜ କୁମାରଙ୍କୁ ଡାକିଥିଲେ। ଅମିତ ପ୍ରଥମେ ମୃତଦେହକୁ ଉତ୍ତର ପ୍ରଦେଶର କୌଣସି ସ୍ଥାନରେ ଫିଙ୍ଗିବାକୁ ଯୋଜନା କରିଥିଲେ। କିନ୍ତୁ ଉତ୍ତର ପ୍ରଦେଶ ଯିବା ବାଟରେ ଦୁଇଟି ପୁଲିସ୍ ଚେକପୋଷ୍ଟ ଅତିକ୍ରମ କରିବାକୁ ରହିଥିବାରୁ ସେମାନେ ଗାଜିଆବାଦରେ ଏକ ପରିତ୍ୟକ୍ତ ସ୍ଥାନରେ ମୃତଦେହ ଫିଙ୍ଗି ଦେବାକୁ ନିଷ୍ପତ୍ତି ନେଇଥିଲେ। ସୁଟକେସକୁ ଫିଙ୍ଗିବା ପୂର୍ବରୁ ସେମାନେ ଡିଜେଲ କିଣିଥିଲେ ଏବଂ ସୁଟକେସ ସହ ମୃତଦେହକୁ ଡିଜେଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏହାପରେ ସେଠାରୁ କାର ଧରି ଫେରାର ହୋଇ ଯାଇଥିଲେ।

# ସୈଫ ଅଲ୍ଲୀଙ୍କ ଆକ୍ରମଣ ଘଟଣାରେ ମହିଳା ଗିରଫ



କୋଲକାତା,୨୭।୧(ଏଜେନ୍ସି): ବଲିଉଡ୍ ଅଭିନେତା ସୈଫ ଅଲ୍ଲୀ ଖାନଙ୍କ ଉପରେ ଆକ୍ରମଣ ଘଟଣାରେ ମୁମ୍ବଇ ପୁଲିସ ପଶ୍ଚିମବଙ୍ଗରୁ ଜଣେ ମହିଳାଙ୍କୁ ଗିରଫ କରିବା ସହିତ ରିମାଣ୍ଡରେ ନେଇଛି। ସୈଫଙ୍କ ଆକ୍ରମଣ ଘଟଣାରେ ପୁଲିସ ଜଣେ ବାଂଲାଦେଶୀ ନାଗରିକ ମହମ୍ମଦ ସିରିଫୁଲକୁ ଗିରଫ କରିଥିଲା ବେଳେ ସେ ବ୍ୟବହାର କରୁଥିବା ମୋବାଇଲ ସିମ୍ ଏହି ମହିଳାଙ୍କ ନାମରେ ପଞ୍ଜିକୃତ ହୋଇଥିଲା ବୋଲି ଜଣାପଡ଼ିଛି। ସରିଫୁଲ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବାକୁ ଖୋଳତାଡ଼ କରିବା ପରେ ଏହି ବିଷୟ ଜଣାପଡ଼ିବାରୁ ମୁମ୍ବଇ ପୁଲିସ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାର ଛାପ୍ରାରୁ ଖୁକୁମୋନୀ ଜାହାଙ୍ଗିର ଶେଖ ନାମ୍ନୀ ମହିଳାଙ୍କୁ ଗିରଫ କରିଛି। ଏହି ମହିଳା ସରିଫୁଲଙ୍କୁ ବହୁ ଦିନରୁ ଜାଣିଥିବା ଏବଂ ତା' ସମ୍ପର୍କରେ ରହିଥିବାରୁ ତାଙ୍କ ଠାରୁ ସରିଫୁଲ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ପୁଲିସ କହିଛି।

**ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡରେ ଲାଗୁ ହେଲା ୟୁସିସି**

# ସମସ୍ତଙ୍କ ପାଇଁ ସାମ୍ବିଧାନିକ ଅଧିକାର ଏକ ହେବ




ଡେରାଡୁନ୍,୨୭।୧(ଏଜେନ୍ସି): ଦେଶର ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡରେ ସୋମବାର ଏକକ ନାଗରିକ ସଂହିତା (ୟୁସିସି) ଲାଗୁ ହୋଇଛି। କେନ୍ଦ୍ର ସରକାର ସାରା ଦେଶରେ ୟୁସିସି ଲାଗୁ କରିବାକୁ ବହୁ ଦିନରୁ ପ୍ରୟାସ କରିଆସିଥିଲା ବେଳେ ପ୍ରଥମେ ଉତ୍ତରାଖଣ୍ଡର ଧାମି ସରକାର ନିଜର ପୂର୍ବ ପ୍ରତିଶ୍ରୁତି ରକ୍ଷା ସ୍ୱରୂପ ଏହାକୁ ଲାଗୁ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏ ସମ୍ପର୍କିତ ଏକ ପୋର୍ଟାଲ ଉଦ୍‌ଘାଟନ କରିବା ସହିତ ଏହି ନିୟମ ଲାଗୁ ସମ୍ପର୍କରେ ଘୋଷଣା କରିଛନ୍ତି। ଏହାଦ୍ୱାରା ଉତ୍ତରାଖଣ୍ଡରେ ଏଣିକି ଧର୍ମ, ସଂପ୍ରଦାୟ ଏବଂ ଜାତି ନିର୍ବିଶେଷରେ ସମସ୍ତେ ଗୋଟିଏ ଆଇନରେ ପରିଚାଳିତ ହେବେ। ପୂରା ଉତ୍ତରାଖଣ୍ଡରେ ଏହି ଆଇନ କାର୍ଯ୍ୟକାରୀ ହେବ। ଉତ୍ତରାଖଣ୍ଡ ବାହାରେ ରହୁଥିବା ରାଜ୍ୟର ଲୋକ ମଧ୍ୟ ଏହାକୁ ମାନିବାକୁ ବାଧ ହେବେ। ତେବେ ଅନୁସୂଚିତ ଜନଜାତି ଓ ସଂରକ୍ଷିତ ବର୍ଗର ଲୋକ ଓ ସଂପ୍ରଦାୟକଙ୍କ କ୍ଷେତ୍ରରେ ୟୁସିସି ଲାଗୁ ହେବ ନାହିଁ। ୟୁସିସି ଲାଗୁ ହେବା ଦ୍ୱାରା ସମସ୍ତ ରାଜ୍ୟବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ସମାନ ଅଧିକାର ମିଳିବ। ସଂପ୍ରଦାୟଗତ ଆଇନ ବ୍ୟବସ୍ଥାକୁ ନେଇ କାହାରି ପାଇଁ ଅନ୍ୟ ବିକଳ୍ପ ରହିବ ନାହିଁ। ବିବାହ, ଛାଡ଼ପତ୍ର, ଉତ୍ତରାଧିକାର, ଲିଭ ଇନ ରିଲେସନସିପ ଆଦି କ୍ଷେତ୍ରରେ ସମସ୍ତ ନାଗରିକ ଗୋଟିଏ ଆଇନ ଦ୍ୱାରା ପରିଚାଳିତ ହେବେ।

ୟୁସିସି ଅନୁସାରେ ଝିଅମାନଙ୍କ ବିବାହ ବୟସ ୧୮ ଓ ପୁଅଙ୍କ ବୟସ ୨୧ ବର୍ଷ ରହିଥିଲା ବେଳେ ବିବାହ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ମୁସଲମାନ ସଂପ୍ରଦାୟରେ ରହିଥିବା ବହୁବିବାହ ପ୍ରଥା ଓ ନିକାହା ହଲାଲାକୁ ନିଷିଦ୍ଧ କରାଯାଇଛି। ବିବାହ ଧାର୍ମିକ ପରମ୍ପରା କିମ୍ବା ଆଇନଗତ ଉପାୟରେ କରାଯାଇ ପାରିବ। କିନ୍ତୁ ବାହାଘରର ୬୦ ଦିନ ମଧ୍ୟରେ ଏହାର ପଞ୍ଜିକରଣ ବାଧ୍ୟତାମୂଳକ।

ସେହିପରି ୟୁସିସି ଅଧୀନରେ ଛାଡ଼ପତ୍ର ପାଇଁ ପତି ଓ ପତ୍ନୀଙ୍କର ସମାନ କାରଣ ଏବଂ ଆଧାର ରହିବା ଦରକାର। ଛାଡ଼ପତ୍ର ପାଇଁ ଯେଉଁ କାରଣ ସ୍ୱାମୀଙ୍କ ପାଇଁ ଲାଗୁ ହେବ, ସେହି କାରଣ ପତ୍ନୀଙ୍କ ପାଇଁ ମଧ୍ୟ ଲାଗୁ ହେବ। ଏହାର ଅର୍ଥ ଜଣେ ସ୍ୱାମୀ ମଧ୍ୟ ଛାଡ଼ପତ୍ର ପାଇଁ ଆବେଦନ କରିପାରିବେ। ବାହାଘରର ବର୍ଷକ ମଧ୍ୟରେ କେହି ବି ଛାଡ଼ପତ୍ର ପାଇଁ ଆବେଦନ କରିପାରିବେ ନାହିଁ। ବାହାଘର ପରେ ଯଦି ଅନୈତିକ ସମ୍ପର୍କ ସ୍ୱାମୀ କିମ୍ବା ପତ୍ନୀ ରଖୁଛନ୍ତି, ତା'ହେଲେ ଛାଡ଼ପତ୍ର ପାଇଁ ଏହାକୁ କାରଣ ଭାବେ ବିବେଚନା କରାଯାଇ ପାରିବ।

**ଏକାଧିକ ବିବାହ, ତଲାକ ଓ ହଲାଲ୍ ଉପରେ ଲାଗିବ ପ୍ରତିବନ୍ଧକ**

**ଆମେରିକାର ବିଦେଶୀ ସହାୟତା କାର୍ଯ୍ୟକ୍ରମ ଉପରେ ଲାଗିଲା ରୋକ୍**

# ହରଡ଼ଘଣାରେ ବାଂଲାଦେଶର ୟୁନୁସ୍ ସରକାର



**ବାଂଲାଦେଶକୁ ସମସ୍ତ ସହାୟତା ବନ୍ଦ କରିବାକୁ ଟ୍ରମ୍ପ ପ୍ରଶାସନର ଘୋଷଣା**

ୱାଶିଂଟନ୍,୨୭।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇତିମଧ୍ୟରେ ଆଉ ଏକ ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଆମେରିକା ଦ୍ୱାରା ବିଭିନ୍ନ ରାଷ୍ଟ୍ରକୁ ଭିନ୍ନ ଭିନ୍ନ କାର୍ଯ୍ୟ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇ ଆସୁଥିଲା ବେଳେ ଏହା ଉପରେ ରୋକ୍ ଲଗାଇଛି ଟ୍ରମ୍ପ ପ୍ରଶାସନ। ବିଶ୍ୱର ବିଭିନ୍ନ ରାଷ୍ଟ୍ରଙ୍କୁ ' ୟୁଏସ୍-ଏଡ୍' ନାମରେ ଦିଆଯାଉଥିବା ଅର୍ଥ ସହାୟତା କାର୍ଯ୍ୟକ୍ରମ ତୁରନ୍ତ ବନ୍ଦ କରାଯାଇଛି ବୋଲି ଆମେରିକାର ପରରାଷ୍ଟ୍ର ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ବିଦେଶୀ ରାଷ୍ଟ୍ରମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଆମେରିକା ଅର୍ଥ ଯୋଗାଉ ଥିଲେ ମଧ୍ୟ ସେ ସବୁ ରାଷ୍ଟ୍ରମାନଙ୍କରେ ଏହି ଅର୍ଥକୁ କିଭଳି ଉପଯୋଗ କରାଯାଉଛି ତାହାକୁ ଆମେ ଭଲ ଭାବେ ଜାଣୁ ବୋଲି ଏଠାକାର ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି। ଏହିକ୍ରମରେ ବାଂଲାଦେଶକୁ ଆମେରିକା ସମସ୍ତ ଆର୍ଥିକ ସହାୟତା ବନ୍ଦ କରିବାକୁ ଘୋଷଣା କରିଛି। ଆମେରିକାର ଯେଉଁ ସଂସ୍ଥା ବା ଏଜେନ୍ସି ବିଦେଶୀ ରାଷ୍ଟ୍ରମାନଙ୍କୁ ଅର୍ଥ ସହାୟତା ଯୋଗାଇଥାଏ ତାହାର ନାମ ହେଉଛି ' ୟୁଏସଏଡ୍'। କିନ୍ତୁ ଏହି ସଂସ୍ଥା ଏବେ ବାଂଲାଦେଶକୁ କୌଣସି ସ୍ତରରେ ଅର୍ଥ ଦେବାକୁ ମନା କରିଦେଇଛି। ବାଂଲାଦେଶରେ ବିଭିନ୍ନ କ୍ଷେତ୍ରରେ ଏହି ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଯୋଜନାଗୁଡିକୁ ତୁରନ୍ତ ରଦ୍ଦ କରିଦିଆଯିବା ସହିତ ଏଥିପାଇଁ ହୋଇଥିବା ଚୁକ୍ତିକୁ ମଧ୍ୟ ବାତିଲ କରିଦିଆଯାଇଥିବା କୁହାଯାଇଛି। ଆମେରିକାର ଏଭଳି ନିଷ୍ପତ୍ତିକୁ ନେଇ ବାଂଲାଦେଶର ଅନ୍ତରୀଣ ୟୁନୁସ୍ ସରକାର ହରଡ଼ ଘଣାରେ ପଡ଼ିଥିବା ଚର୍ଚ୍ଚା ଆରମ୍ଭ ହୋଇଛି। ଗୋଟିଏ ପଟେ ଅର୍ଥ ଅଭାବରୁ ୟୁନୁସ ସରକାର ଘୋର ଆର୍ଥିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ବେଳେ ବର୍ତ୍ତମାନ ଟ୍ରମ୍ପ ପ୍ରଶାସନର ଏହି ନିଷ୍ପତ୍ତି ବାଂଲାଦେଶକୁ କାଙ୍ଗାଳ ହେବା ଆଡକୁ ଠେଲି ଦେବ ବୋଲି ରାଜନୀତିକ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବରେ ଭାରତ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଯୋଗ ଦେଇଥିଲେ। ଶପଥ ଗ୍ରହଣ ଉତ୍ସବ ପରେ ପରେ ଜୟଶଙ୍କର ଏବଂ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ଏହି ସମୟରେ ଜୟଶଙ୍କର ବାଂଲାଦେଶ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଘଟଣାର ମାତ୍ର ୫ ଦିନ ପରେ ଆମେରିକା ଏଭଳି ନିଷ୍ପତ୍ତି ଶୁଣାଇବା ଭାରତ ପାଇଁ ବଡ଼ ବିଜୟ ହୋଇଥିବା କୁହାଯାଉଛି।

## ଟ୍ରମ୍ପ-ମୋଦୀ ଆଲୋଚନା

ନୂଆଦିଲ୍ଲୀ,୨୭।୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଟେଲିଫୋନ ଯୋଗେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଆଲୋଚନା କରିଛନ୍ତି। ଟ୍ରମ୍ପ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ହେଉଛି ପ୍ରଥମ ଆଲୋଚନା। ପରସ୍ପରକୁ ଉତ୍ତମ ବନ୍ଧୁ ଭାବେ ବିବେଚନା କରୁଥିବା ମୋଦୀ ଏବଂ ଟ୍ରମ୍ପ ଏହି ଆଲୋଚନା ବେଳେ ପରସ୍ପରଙ୍କୁ ବଧାଇ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ସହ ହୋଇଥିବା ଆଲୋଚନା ସମ୍ପର୍କରେ 'ଏକ୍ସ'ରେ ଉଲ୍ଲେଖ କରି କହିଛନ୍ତି ଯେ, ' ମୋର ପ୍ରିୟ ବନ୍ଧୁ ଡୋନାଲ୍ଡ ଟ୍ରମ୍ପଙ୍କ ସହ କଥା ହୋଇ ମୁଁ ଖୁବ୍ ଆନନ୍ଦିତ। ଦ୍ୱିପାକ୍ଷିକ ସହଯୋଗ ଏବଂ ପାରସ୍ପାରିକ ବିଶ୍ୱାସକୁ ନେଇ ଉଭୟ ରାଷ୍ଟ୍ରର ସ୍ୱାର୍ଥ ରକ୍ଷା ଦିଗରେ କାର୍ଯ୍ୟ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଆମ ଦେଶବାସୀଙ୍କ କଲ୍ୟାଣ ସହିତ ବୈଶ୍ୱିକ ଶାନ୍ତି ଓ ପ୍ରଗତି ଦିଗରେ ମଧ୍ୟ କାର୍ଯ୍ୟ କରିବାକୁ ଆମେ ଅଗ୍ରାଧିକାର ଦେବୁ ' ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି।

# ରାଜ୍ୟ ନିର୍ବାଚନ କମିଶନର ହେଲେ ମଧୁସୂଦନ ପାଢ଼ୀ

## ପ୍ରକାଶ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ନିଯୁକ୍ତି





**ଭୁବନେଶ୍ୱର,୨୭।୧(ସମିସ):** ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ମଧୁସୂଦନ ପାଢ଼ୀ ନୂଆ ରାଜ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଏନେଇ ସୋମବାର ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ପୂର୍ବତନ ପୁଲିସ ଡିଜି ତଥା ଅବସରପ୍ରାପ୍ତ ଆଇପିଏସ ପ୍ରକାଶ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଛି। ଏହାସହ ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଛି। ଶ୍ରୀ ମିଶ୍ରଙ୍କ ନିଯୁକ୍ତି ନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

# ଖୁବ୍‌ଶୀଘ୍ର ବିଜେଡିର ନବକଳେବର

## ଭାଙ୍ଗିଲା ସମସ୍ତ ଛାମୁଆ ସଂଗଠନ

**ଭୁବନେଶ୍ୱର,୨୭।୧(ସମିସ):** ଖୁବଶୀଘ୍ର ହେବ ବିଜେଡିର ନବକଳେବର। ଏଥିପାଇଁ ଦଳର ସମସ୍ତ ଛାମୁଆ ସଂଗଠନକୁ ଭଙ୍ଗ କରିଛନ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ। ଏ ସଂକ୍ରାନ୍ତରେ ଦଳ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜୁ ମହିଳା ଜନତା ଦଳ ସହିତ, ବିଜୁ ଯୁବ ଓ ଛାତ୍ର ସଂଠନ, ଶ୍ରମିକ ସାମ୍ମୁଖ୍ୟ, ଲିଗାଲ୍ ସେଲ୍ ଓ ଅପ୍ରବାସୀ ସେଲ୍‌କୁ ଭାଙ୍ଗି ଦିଆଯାଇଛି। ଅନ୍ୟପଟେ ବିଜେଡିରେ ସାଂଠନିକ ନିର୍ବାଚନ ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି।

ଦଳର ବରିଷ୍ଠ ନେତା ତଥା ଦଳର ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ସାଂଠନିକ କାର୍ଯ୍ୟକ୍ରମ ଗୋଟିଏ ଦଳର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ନିର୍ଦ୍ଧାରିତ ସମୟରେ ବିଜେଡିର ନିର୍ବାଚନ ହୋଇଥାଏ। କୋଭିଡ୍ ଯୋଗୁଁ ଦଳର ସାଂଠନିକ ନିର୍ବାଚନ ହୋଇ ପାରି ନ ଥିଲା। ୨୦୨୪ ସାଧାରଣ ନିର୍ବାଚନ କାରଣରୁ ନିର୍ବାଚନ କମିଶନଙ୍କୁ ଦଳ ତରଫରୁ ୨୦୨୪ ଶେଷ ଆଡ଼କୁ ନିର୍ବାଚନ ପ୍ରକ୍ରିୟା ଶେଷ କରିବା ନେଇ କୁହାଯାଇଥିଲା। ସେହି ଅନୁସାରେ ପ୍ରକ୍ରିୟାକୁ ଆଗକୁ ନିଆଯାଇଛି ବୋଲି ଶ୍ରୀ ମିଶ୍ର କହିଛନ୍ତି। ସୂଚନା ଥାଉ କି, ଗତ ୨୦ ତାରିଖରେ ଦଳର ସଭାପତି ନବୀନ ପଟ୍ଟନାୟକ ଦଳର ବରିଷ୍ଠ ବିଧାୟକ ତଥା ପୂର୍ବତନ ସାଂସଦ ଏବଂ ପୂର୍ବତନ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଦଳର ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରିଛନ୍ତି।

# ଚିକିତ୍ସାଧୀନ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ରାଉରକେଲା, ୨୭।୧(ସମିସ):** ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଟାଙ୍ଗରପାଲି ଥାନା କନଷ୍ଟ୍ରକସନ୍ କଲୋନୀର ନୀଳମଣି ରାଉତ(୫୫)। ସୂଚନା ମୁତାବକ, ମାଆକୁ ହତ୍ୟା ଅଭିଯୋଗରେ ନୀଳମଣି ରାଉରକେଲା ସ୍ୱତନ୍ତ୍ର କାରାଗାରରେ ବିଚାରାଧୀନ କଏଦୀ ଭାବେ ବନ୍ଦୀ ଥିଲେ। ତେବେ ଗତକାଲି ଅପରାହ୍ଣ ପ୍ରାୟ ୪ଟା ୨୫ରେ ସେ ଜେଲ୍ ଭିତରେ ହଠାତ୍ ଚେତାଶୂନ୍ୟ ହୋଇପଡ଼ିବାରୁ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା।

**ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ସମୀକ୍ଷା**

# ରାଜ୍ୟରେ ବଢ଼ିବ ସହର ସଂଖ୍ୟା, ଯୋଜନାବଦ୍ଧ ଭାବେ ହେବ ବିକଶିତ

■ ୧୭ ପ୍ରତିଶତ ଟାଉନ୍‌ସିପ୍ ୩୦ ପ୍ରତିଶତକୁ ସମ୍ପ୍ରସାରିତ ହେବ
■ ନୂଆ ଟିପି ସ୍କିମ୍‌ରେ ବୃହତ ସମ୍ବଲପୁର ଓ ବୃହତ ରାଉରକେଲା



**ଭୁବନେଶ୍ୱର,୨୭।୧(ସମିସ):** ବିକଶିତ ଓଡ଼ିଶା, ବିକଶିତ ସହର ଯୋଜନାରେ ରାଜ୍ୟରେ ବିକଶିତ ସହର ସଂଖ୍ୟା ବୃଦ୍ଧି କରାଯିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଯୋଜନାବଦ୍ଧ ଭାବେ ବିକଶିତ କରାଯାଇ ରାଜ୍ୟରେ ଅଧିକରୁ ଅଧିକ ସହର ପ୍ରତିଷ୍ଠା କରାଯିବ। ରାଜ୍ୟରେ ବର୍ତ୍ତମାନ ୧୭ ପ୍ରତିଶତ ଟାଉନ୍ ସିପ ରହିଛି। ଏହାକୁ ୩୦ପ୍ରତିଶତ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯିବ। ବିଡିଏ ଦ୍ୱାରା ଭୁବନେଶ୍ୱରରେ ଆରମ୍ଭ କରାଯାଇଥିବା ଟିପି ସ୍କିମ୍ ଭଳି ବୃହତ ସମ୍ବଲପୁର ଓ ବୃହତ ରାଉରକେଲା ଗଠନ କରାଯିବ। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନସ୍ଥ ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକର କାର୍ଯ୍ୟ ସମୀକ୍ଷା ବୈଠକରେ ହୋଇଥିବା ଆଲୋଚନାରୁ ଏହି ସୂଚନା ମିଳିଛି।

ସୋମବାର ଏ ନେଇ ଅନୁଷ୍ଠିତ ବୈଠକ ସଂପର୍କରେ ସୂଚନା ଦେଇ ବିଭାଗୀୟ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଯୋଜନାବଦ୍ଧ ସହର ପ୍ରତିଷ୍ଠା ପାଇଁ ଆବଶ୍ୟକ ହେଉଥିବା ଟାଉନ୍ ପ୍ଲାନର୍ ପଦବୀ ଖୁବ୍‌ଶୀଘ୍ର ପୂରଣ କରାଯିବ। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିପିପି ମୋଡ୍‌ରେ ସେମାନଙ୍କ ଅଧୀନରେ ଥିବା ସରକାରୀ ଜମିଗୁଡ଼ିକର ସଦୁପଯୋଗ କରି ନିଜର ଆୟ ବୃଦ୍ଧି କରିବା ନିମନ୍ତେ ନଗର ଉନ୍ନୟନ କର୍ତ୍ତୃପକ୍ଷମାନଙ୍କୁ ପରାମର୍ଶ ଦିଆଯାଇଛି।

ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ନୂଆ ସହର ନିର୍ମାଣ ହେବା ସହ ପୁରୁଣା ସହରର ମଧ୍ୟ ନବକଳେବର ହେବ। ୨୦୩୬ରେ ବିକଶିତ ଓଡ଼ିଶା ପାଇଁ ଯୋଜନା କରାଯାଉଛି। ଏ ନେଇ ସମସ୍ତ ଉନ୍ନୟନ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଛି। ଯେଉଁ ଅଞ୍ଚଳରେ ପୁରୁଣା ସହର, ପୁରୁଣା ଘର ବା ଜାଗା ଅଛି; ହେଲେ ଲୋକ ରାସ୍ତା କଥା ଭାବି ଘର କରି ପାରୁନାହାନ୍ତି, ସେଥିପାଇଁ ନୂଆ ଆଇନ ଆସିବାକୁ ଯାଉଛି। ଯାହାଦ୍ୱାରା ସେସବୁ ଅଞ୍ଚଳରେ ସହରୀ ସୁବିଧା ଉପଲବ୍ଧ ହେବ। ପୁରୁଣା ସିଟିଗୁଡ଼ିକରେ ମଧ୍ୟ ଲୋକମାନେ ଘର କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

ଅପ୍ୟପକ୍ଷରେ କଟକ, ଭୁବନେଶ୍ୱର ଓ ପୁରୀକୁ ନେଇ ଟ୍ରାଇ ସିଟି ଗଠନ ପାଇଁ ଉନ୍ନୟନ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଛି। ଏହା ସହ ବ୍ରହ୍ମପୁରର ବିକାଶ ପାଇଁ ସ୍ୱେରେଜ ଓ ଡ୍ରେନେଜ ପାଇଁ ମଧ୍ୟ ଆଲୋଚନା ହୋଇଛି। ବିଲ୍ଡର ହୁଅନ୍ତୁ କି ସାଧାରଣ ଲୋକ ସରଳ ପ୍ରକ୍ରିୟାରେ ଲୋକମାନେ ନିର୍ଦ୍ଧାରିତ ସମୟରେ ଘର କରିବା କେମିତି ସମ୍ଭବ ହେବ, ସେନେଇ ଆଲୋଚନା ହୋଇଛି। ଯେଉଁ ଘରଗୁଡ଼ିକ ପାଇଁ ରେଜିଷ୍ଟ୍ରେସନରେ ବାଧା ଥିଲା ତାହା ମଧ୍ୟ ସମାଧାନ କରାଯାଉଛି ବୋଲି ମନ୍ତ୍ରୀ ଡା. ମହାପାତ୍ର ସୂଚନା ଦେଇଛନ୍ତି।

ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ କହିଥିଲେ, ବିକଶିତ ଓଡିଶା ୨୦୩୬କୁ ଆଖି ଆଗରେ ରଖି ରାଜ୍ୟରେ ଯେଉଁସବୁ ନୂଆ ସହର ଗଢ଼ି ଉଠିବ, ସେଥିପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ମହତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବ। ତାକୁ ଦୃଷ୍ଟିରେ ରଖି ଉନ୍ନୟନ କର୍ତ୍ତୃପକ୍ଷଗୁଡିକ ନିଜର କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣି ପରିସ୍ଥିତି ସହିତ ଖାପ ଖୁଆଇ କାମ କରିବାକୁ କହିଥିଲେ। ଖାରବେଳଭବନଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ପୌର ପ୍ରଶାସକ ଅରିନ୍ଦମ ଡାକୁଆ, ସ୍ୱତନ୍ତ୍ର ସଚିବ ଦେବାଶିଷ ସିଂହ, ସ୍ୱତନ୍ତ୍ର ସଚିବ ସୁଶାନ୍ତ ମିଶ୍ର, ବିଡିଏ, ସିଡିଏ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ପୁରୀ-କୋଣାର୍କ, କଳିଙ୍ଗନଗର, ପାରାଦୀପ୍, ତାଳଚେର-ଅନୁଗୁଳ-ନରାଜ ବିକାଶ ସଂସ୍ଥାର ଉପାଧ୍ୟକ୍ଷ ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

**ସ୍ୱଷ୍ଟ ଦିବାଲୋକରେ ଅନୁଗୋଳ ସହରରେ ଆତଙ୍କ**

# ବାଇକ୍‌ରେ ଆସି ଯୁବକଙ୍କୁ ହାଣିଲେ

**ଅନୁଗୋଳ, ୨୭ ।୧(ସମିସ):** ଅଶାନ୍ତ ହୋଇପଡ଼ିଛି ଅନୁଗୋଳ ସହର। ପ୍ରତିଦିନ ଚୋରି, ରାହାଜାନି, ଡକାୟତି, ଲୁଟପାଟ, ହତ୍ୟା, ମରଣାନ୍ତକ ଆକ୍ରମଣ ଭଳି ଜଘନ୍ୟ ଅପରାଧ ଘଟି ଚାଲିଛି। ସତେଯେମିତି ଅନୁଗୋଳରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ସୋମବାର ମଧ୍ୟ ସ୍ୱଷ୍ଟ ଦିବାଲୋକରେ ବଡ଼ଧରଣର ଏକ ଆପରାଧିକ ଘଟଣା ଘଟିଛି। ୭ଜଣ ଦୁର୍ବୃତ୍ତ ୩ଟି ବାଇକ୍‌ରେ ଆସି ଜଣେ ଯୁବକଙ୍କୁ ମରଣାସ୍ତ୍ରରେ ଅତି ନୃଶଂସ ଭାବେ ଆକ୍ରମଣ କରିଛନ୍ତି। ଏହି ଘଟଣା ଏଠାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଆକ୍ରମଣର ଶିକାର ଯୁବକ ହେଲେ, ଅନୁଗୋଳ ସଦର ଥାନା ଅଙ୍ଗାରବନ୍ଧ ଗାଁର ପାର୍ଥସାରଥୀ ପ୍ରଧାନ(୨୫)। ତାଙ୍କୁ ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୋମବାର ସକାଳେ ପାର୍ଥ ମୈତ୍ରୀନଗର ଅଞ୍ଚଳର ଏକ ଜିମ୍ ସେଣ୍ଟର୍‌ରୁ ଫେରୁଥିଲେ।



ଅମଲାପଡ଼ା ଗନ୍ଧୀମାର୍ଗ ହନୁମାନ ମନ୍ଦିର ନିକଟରେ ସେ ଅଟକିଥିବା ବେଳେ ୭ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ତାଙ୍କୁ ଚୋଟ ପରେ ଚୋଟ ପକାଇଥିଲେ। ତାଙ୍କ ଛାତି, ହାତ, ପିଠିରେ ଗଭୀର ଆଘାତ ଲାଗିଛି। ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ କରାଯାଇଥିବା ସନ୍ଦେହ କରାଯାଉଛି। ପାର୍ଥଙ୍କ ଜଣେ ସାଙ୍ଗଙ୍କ କହିବାନୁସାରେ, ଗତ ୨୫ତାରିଖରେ ତାଙ୍କର ଜନ୍ମଦିନ ଥିଲା। ଏଥିରେ ଯୋଗଦେବା ପାଇଁ ପାର୍ଥ ବିଭିନ୍ନ ଅଞ୍ଚଳରୁ ଅନେକ ଯୁବକଙ୍କୁ ଡାକିଥିଲେ। ତେବେ ଜନ୍ମଦିନ ପାଳନ ସମୟରେ ଆସିଥିବା କିଛି ଯୁବକଙ୍କ ସହ କୌଣସି କାରଣରୁ ତାଙ୍କର ବଚସା ହୋଇଥିଲା। ଏହିଠାରୁ ହିଁ ପୂରା ଘଟଣା ଆରମ୍ଭ ହୋଇଥିବା କୁହାଯାଉଛି। ତେବେ ପୁଲିସ୍ ଏନେଇ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାଯାଇଛି।

# କୁହୁଡ଼ି ରହିବ, ତାପମାତ୍ରା ବଢ଼ିବ

**ଭୁବନେଶ୍ୱର,୨୭।୧(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ କୁହୁଡ଼ି ଅନୁଭୂତ ହେଉଛି। ଏହି ସ୍ଥିତି ଆଗାମୀ ୨-୩ ଦିନ ଯାଏଁ ଜାରି ରହିବାର ସମ୍ଭାବନା ରହିଛି। ବିଶେଷ କରି ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣରେ କୁହୁଡ଼ିର ପ୍ରଭାବ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମଙ୍ଗଳବାର ରାତିରୁ ବୁଧବାର ସକାଳ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ, ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାରେ ଘନ କୁହଡ଼ି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ ଦୃଶ୍ୟମାନ କ୍ଷମତା ୫୦ ମିଟର ତଳକୁ ରହିବା ନେଇ ଆଶଙ୍କା ରହିଛି। କିଛି ସ୍ଥାନରେ ଜିରୋ ଭିଜିବିଲିଟି ଅନୁଭୂତ ହେବା ନେଇ ମଧ୍ୟ ଆଶଙ୍କା କରାଯାଉଛି। ତେଣୁ ଘନ କୁହୁଡି ସମୟରେ ଘାଟି ରାସ୍ତାରେ ଗାଡ଼ି ନ ଚଳାଇବା ପାଇଁ ପରାମର୍ଶ ଦିଆଯାଇଛି। ବିଶେଷ କରି ରାତି ୨ଟାରୁ ସକାଳ ୯ ଟା ପର୍ଯ୍ୟନ୍ତ କୁହୁଡ଼ିର ପ୍ରଭାବ ସବୁଠୁ ଅଧିକ ରହିବାକୁ ଥିବାରୁ ଏହି ସବୁ ଜିଲ୍ଲାରେ ସତର୍କତାର ସହ ଗାଡ଼ି ଚଳାଇବାକୁ ପରାମର୍ଶ ଦିଆଯାଇଛି।




ସାଧାରଣତନ୍ତ୍ର ଦିବସ ଅବସରରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସ୍ୱାଧୀନତା ସଂଗ୍ରାମୀ ଏକାମ୍ର ଗାନ୍ଧୀ ପଣ୍ଡିତ ରଘୁନାଥ ମହାପାତ୍ରଙ୍କ ନାତୁଣୀ ମିତ୍ରା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି

# ମୁଖ୍ୟ ସଚିବଙ୍କୁ ଦିଲ୍ଲୀରେ ମୁଖ୍ୟ ଆବାସିକ କମିସନର ଅତିରିକ୍ତ ଦାୟିତ୍ୱ

■ ତିନି ଘଣ୍ଟାରେ ପ୍ରକାଶ ପାଇଲା ସଂଶୋଧିତ ନିଯୁକ୍ତି ବିଜ୍ଞପ୍ତି
■ ଭୁବନେଶ୍ୱରରେ ରହି କେମିତି ସମ୍ଭାଳିବେ ଦିଲ୍ଲୀ ଦାୟିତ୍ୱ

**ଭୁବନେଶ୍ୱର,୨୭।୧(ସମିସ):** ମୁଖ୍ୟ ଶାସନ ସଚିବ ମନୋଜ ଅହୁଜାଙ୍କୁ ରାଜ୍ୟ ସରକାର ନୂଆ ଦାୟିତ୍ୱ ଦେଇଛନ୍ତି। ଶ୍ରୀ ଆହୁଜାଙ୍କୁ ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ମୁଖ୍ୟ ଆବାସିକ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷେ ଶ୍ରୀ ଆହୁଜାଙ୍କ ଏପରି ନିଯୁକ୍ତିକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି ରାଜନୈତିକ ବିଶେଷଜ୍ଞ। ଏପରି ନିଯୁକ୍ତି ରାଜ୍ୟ ପ୍ରଶାସନିକ ମୁଖ୍ୟଙ୍କ ପଦ ପର୍ଯ୍ୟାଦା କ୍ଷୁର୍ଣ୍ଣ କରିଛି ବୋଲି ରାଜନୈତିକ ପଣ୍ଡିତମାନେ ମତପ୍ରକାଶ କରିଛନ୍ତି; ଅନ୍ୟପକ୍ଷରେ ଓଡ଼ିଶାରେ ରହି ସେ ଦିଲ୍ଲୀ ଦାୟିତ୍ୱ କିପରି ତୁଲାଇବେ ବୋଲି ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

ମୁଖ୍ୟ ସଚିବ ପଦ ରାଜ୍ୟ ପ୍ରଶାସନର ସର୍ବୋଚ୍ଚ ପଦ। ଏହି ପଦର ସ୍ୱତନ୍ତ୍ର ଗରିମା ରହିଛି ଓ ସମ୍ପୃକ୍ତ ପଦାଧିକାରୀଙ୍କ ଉପରେ ଅନେକ ଗୁରୁ ଦାୟିତ୍ୱ ମଧ୍ୟ ରହିଛି। ଏପରିସ୍ଥଳେ କେଉଁ ଆଧାରରେ ମୁଖ୍ୟ ସଚିବ ଶ୍ରୀ ଆହୁଜାଙ୍କୁ ଦିଲ୍ଲୀ ଦାୟିତ୍ୱ ବୁଝିବାକୁ ଦିଆଗଲା ତାହାକୁ ନେଇ ବୁଦ୍ଧିଜୀବୀ ମହଲ ପ୍ରଶ୍ନ କରିବା ସହ ସରକାରଙ୍କ ଏପରି ପଦକ୍ଷେପ ଏକ ଖରାପ ପରମ୍ପରା ସୃଷ୍ଟି କରିଛି ବୋଲି କହିଛନ୍ତି। ମୁଖ୍ୟ ଶାସନ ସଚିବ ସ୍ୱତନ୍ତ୍ର କ୍ଷମତା ଓ ପଦ ମର୍ଯ୍ୟାଦା ଉପଭୋଗ କରିଥାନ୍ତି। ତେଣୁ ମୁଖ୍ୟ ଆବାସିକ କମିଶନର ରୂପେ ଅତିରିକ୍ତ ଦାୟିତ୍ୱ ତାଙ୍କ ସମ୍ମାନ କ୍ଷୁର୍ଣ୍ଣ କରିବ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ନିଯୁକ୍ତି ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ସମୟରେ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା କରାଯାଇଥିବା ଗୁରୁତର ତ୍ରୁଟିକୁ ମଧ୍ୟ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ । ବିଭାଗ ପକ୍ଷରୁ ଜାରି ପ୍ରଥମ ବିଜ୍ଞପ୍ତିରେ ଶ୍ରୀ ଆହୁଜାଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଅଧ୍ୟକ୍ଷ ଭାବରେ ଦର୍ଶାଯାଇଥିଲା। ଏହି ପଦବୀରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ କାର୍ଯ୍ୟରତ ଅଛନ୍ତି। ତେଣୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଅଧ୍ୟକ୍ଷ କିଏ ଅଛନ୍ତି ଓ ଏହାର ବ୍ୟବସ୍ଥା କ'ଣ ତାହା ବୋଧହୁଏ ସାଧାରଣ ପ୍ରଶାସନ ବିଭାଗର ଶୀର୍ଷ ଅଧିକାରୀ ଅବଗତ ନଥିଲେ ବା ପ୍ରଶାସନିକ ବ୍ୟବସ୍ଥା ସମ୍ପର୍କରେ ତାଙ୍କର ଧାରଣା ନ ଥିଲା। ସାମାଜିକ ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ପୁନର୍ବାର ତ୍ରୁଟି ସଂଶୋଧନ କରାଯାଇ ପୁନଃ ବିଜ୍ଞପ୍ତି ପ୍ରକାଶ କରାଗଲା। ଏଠାରେ ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ମାସରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର କାର୍ଯ୍ୟକାରୀ ଅଧ୍ୟକ୍ଷ ରୂପେ ଶ୍ରୀ ଆହୁଜା ଦାୟିତ୍ୱ ତୁଲାଇ ଆସୁଛନ୍ତି । ମାତ୍ର ସାଧାରଣ ପ୍ରଶାସନ ବିଭାଗ ଏ ସମ୍ପର୍କରେ ଅବଗତ ନ ଥିବା ସରକାର କିପରି ଚାଲିଛି ତାହା ସ୍ୱଷ୍ଟ କରି ଦେଇଛି ।



**ବିଭିନ୍ନ ସ୍ଥାନରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ**

# ତ୍ରିରଙ୍ଗା, ସମ୍ବିଧାନର ସୁରକ୍ଷା ଲାଗି ଆହ୍ୱାନ








**ଭବାନୀପାଟଣା, ୨୭ ।୧(ସମିସ):**

କଳାହାଣ୍ଡି ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ପାଳିତ ହୋଇଯାଇଛି। ଏହି ପବିତ୍ର ଦିବସର ମୁଖ୍ୟ ଅତିଥି ଭାବେ ପାୱାର ସଚିନ ପ୍ରକାଶ ଜିଲ୍ଲାପାଳ କଳାହାଣ୍ଡି ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଭାରତର ସ୍ୱାଧୀନତା ଓ ସମ୍ବିଧାନ ପ୍ରଣୟନରେ ମହାପୁରୁଷଙ୍କ ଅକ୍ଲାନ୍ତ ପରିଶ୍ରମ, ତ୍ୟାଗ ଓ ବଳିଦାନ ରହିଛି ବୋଲି କହି ସେ ସେମାନଙ୍କ ସ୍ମୃତିଚାରଣ କରିଥିଲେ। ତେବେ ସ୍ୱାଧୀନତା ହାସଲ ଆଉ ସମ୍ବିଧାନ ପ୍ରଣୟନ ସହଜ ନ ଥିଲା ବୋଲି ସେ ମନେ ପକାଇ ଦେଇଥିଲେ। ତ୍ରିରଙ୍ଗା, ସମ୍ବିଧାନର ସୁରକ୍ଷା ଲାଗି ଆହ୍ୱାନ ଦେଇଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ କଳାହାଣ୍ଡି ଜିଲ୍ଲାର ବୀର ସ୍ୱାଧୀନତା ସଂଗ୍ରାମୀ ସହିଦ୍ ରେଣ୍ଡୋ ମାଝିଙ୍କ ବଳିଷ୍ଠ ନେତୃତ୍ୱ ଓ ନିଜ ମାଟି ଦେଶ ମାତୃକାର ସେବା ପାଇଁ ଇଂରେଜ ସରକାରଙ୍କ ବିରୋଧରେ ଲଢ଼େଇ କରି ସହିଦ୍ ହୋଇଥିବା ସେ ସ୍ମରଣ କରାଯାଇ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ କୃଷି, ଗମନାଗମନ, ଇତ୍ୟାଦି କ୍ଷେତ୍ରରେ ହୋଇଥିବା ଉନ୍ନତି ଓ ବିକାଶ ଧାରାର ଅଗ୍ରଗତି ସମ୍ପର୍କରେ ସେ ସୂଚନା ଦେଇଥିଲେ। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ୪୪ଟି ପ୍ଲାଟୁନ୍ ପରେଡରେ ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରଥମ ଶ୍ରେଷ୍ଠ ବିବେଚିତ ସିନିୟର ଏନ୍‌ସିସି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଆର୍ମି ଉଇଙ୍ଗ, ଜୁନିୟର ବି ଏମ ହାଇସ୍କୁଲ, ବେଷ୍ଟ ସ୍କାଉଟ୍ ମାଣିକେଶ୍ୱରୀ ହାଇସ୍କୁଲ, ବେଷ୍ଟ ଗାଇଡ୍ କିସ୍ ଆବାସିକ ବିଦ୍ୟାଳୟ, ବେଷ୍ଟ ଜୁନିଅର ରେଡକ୍ରସ ସିଟିଜେନ ମଡେଲ ଇଏମ୍ ସ୍କୁଲ, ବେଷ୍ଟ ସିନିୟର ସିଭିଲିଆନ, ସତ୍ୟସାଇ ବିଦ୍ୟାମନ୍ଦିର, ଜୁନିୟର ସିଭିଲିଆନ, ବିମଳା କନଭେଣ୍ଟ, ବେଷ୍ଟ ପ୍ଲାଟୁନ୍ ସିନିୟର କମାଣ୍ଡର ଯୋଗେଶ୍ୱର ବୈଶାଳ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ବେଷ୍ଟ ଲିଟିଲ କମାଣ୍ଡର ରାଜପ୍ରତାପ ସାହୁଙ୍କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ବେଟୀ ପଢ଼ାଓ ବେଟୀ ବଚାଓ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ବିବେଚିତ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା ଜେଲ, ରେଡ଼କ୍ରସ ଦୃଷ୍ଟିହୀନ, ମୂକ ବଧିର ବିଦ୍ୟାଳୟ, ନେହେରୁ ସେବା କେନ୍ଦ୍ର ପରିଦର୍ଶନରେ ଯାଇ ମୁଖ୍ୟ ଅତିଥି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଅନ୍ତେବାସୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏଥିରେ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ ପ୍ରଭାତ ପରିଡ଼ା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଡେପୁଟି କଲେକ୍ଟର ସତ୍ୟନାରାୟଣ ମେହେର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଶ୍ରୀକାନ୍ତ ଦଲେଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାତଃ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସହରରେ ରାମ ଧୁନ୍ ପରିବେଷଣ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ଟାଉନହଲରେ ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବଇତୁରା ଦୀପ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡ ଅଜୟ ମିଶ୍ର, ଡ ଉମେଶ ଚନ୍ଦ୍ର ଶତପଥୀ, ଉମାଶଙ୍କର କର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଶିକ୍ଷକ ବିରଞ୍ଚି ନାରାୟଣ ମୁଣ୍ଡ ପରିଚାଳନା କରିଥିଲେ।

ମୁସଲିମ ପିସ୍ ଫୋରମ୍ କଳାହାଣ୍ଡି ତରଫରୁ ସ୍ଥାନୀୟ ଉର୍ଦ୍ଦୁ ଲାଇବ୍ରେରୀ କାର୍ଯ୍ୟାଳୟରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ମହମ୍ମଦ ଅଲ୍ଲୀ ଖାଁଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକ ଅବସର ପ୍ରାପ୍ତ ଫରେଷ୍ଟର ଅଜିଜ ମହମ୍ମଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଆୟୁବ ଅଲ୍ଲୀ ଖାଁ, ଶେଖ୍ ମନ୍ନାନ, ସମିମ ଅହମଦ, ହାଜି ଅକବର ମହମ୍ମଦ, ହାଜୀ ୱାହିଦ, ଇବ୍ରାହିମ୍ ମହମ୍ମଦଙ୍କ ସମେତ ମଦ୍ରାସାର ଛାତ୍ର ଓ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଜାମା ମସଜିଦ ପରିସରରେ ମଦ୍ରାସା ହବିବୁଲ୍ଲ ମଦାରିସରେ ସଭାପତି ହାକୀ ଅକିଲ ମହମ୍ମଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁସଲିମ ପିସ୍ ଫୋରମ୍ ତରଫରୁ ଜିଲ୍ଲାର ଜୁନାଗଡ଼, ଧର୍ମଗଡ଼, ଜୟପାଟଣା, ମିନଗୁର,



କେସିଙ୍ଗାରେ ମଧ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଜିଲ୍ଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ, ଜିଲ୍ଲା ଉପ ସଭାପତି ଧନୁର୍ଦ୍ଧର ଗହୀର, ଇନ୍ଦ୍ରଜିତ୍ ମହାକୁଡ଼, ପ୍ରୀତମ ବେହେରା, ସୁବାସ ଚନ୍ଦ୍ର ପ୍ରଧାନ, ମହମ୍ମଦ ସାହେବ, ସନ୍ତୋଷ ପଣ୍ଡା, ଚନ୍ଦ୍ର ଯୋଷୀ, ଜଳନ୍ଧର ନାୟକ, ସିଦ୍ଧାର୍ଥ ନାୟକ, କୃଷ୍ଣଚନ୍ଦ୍ର ନାଏକ, ସନ୍ତୋଷ ମୁଣ୍ଡ, ସରୋଜ ବାଗ, ସାଜିଦ ମହମ୍ମଦ୍, ସୁଶାନ୍ତ ପ୍ରଧାନୀ, ସୁକାନ୍ତି ସରାଫ, ଲକ୍ଷ୍ମୀପ୍ରିୟା ନାୟକ, ପ୍ରମିଳା ଭାତରା, ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଭବାନୀପାଟଣାସ୍ଥିତ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍‌ରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ୬୪ ବାଟାଲିୟନ କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର, ବିବିଏ, ବିସିଏ ବିଭାଗର ଅଧ୍ୟକ୍ଷ ଡ. ସୁଦୀପ୍ତ ଜେନା, ବିକାଶ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ଆଦିତ୍ୟ ପଟ୍ଟନାୟକ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର, ବିକାଶ ଆବାସିକ ବିଦ୍ୟାଳୟ ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଜେନେରାଲ ମ୍ୟାନେଜର ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ଡ ଆଦିତ୍ୟ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ସୁଦୀପ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଭବାନୀପାଟଣାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପ୍ରିନ୍ସିପାଲ୍ ଭୀମସେନ୍ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଦିନେଶ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

**କଲମପୁର:** କଲମପୁର ମାଁ ତାରିଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ୭୬ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ମନୋଜ ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଭିନ୍ନ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗୌରହରି ନାଏକ, ଉପଦେଷ୍ଟା ବିଜୟ ସୁନାନୀ, ସମ୍ପାଦନ ସୁଧିର ଚନ୍ଦ୍ର ବେହେରା, ପୂର୍ଣ୍ଣ ପଣ୍ଡା, ବ୍ଲକ ସଂଯୋଜକ ଶିବାଜୀ ଚିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

କେସିଙ୍ଗା: କେସିଙ୍ଗା ସହରର ବିଭିନ୍ନ ସ୍ଥାନରେ ୭୬ ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ ହୋଇଯାଇଛି। କେସିଙ୍ଗା ସାମ୍ବାଦିକ ମହାସଂଘ ପକ୍ଷରୁ ସ୍ଥାନୀୟ ମା' କାଳୀ ଫୋଟୋ ଷ୍ଟୁଡିଓ ନିକଟରେ ସଂଘର କାର୍ଯ୍ୟକାରୀ ସଭାପତି ଦୟା ସୁନାନୀ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ପୋଷ୍ଟ ଅଫିସରେ ଡାକ ନିରୀକ୍ଷକ ରାଜିନ୍ଦ୍ର ସିଂ, କେସିଙ୍ଗା ବିଜେପି ପାର୍ଟି ଅଫିସରେ ନଗର ସଭାପତି ମଗନ ସିନ୍ଦୂର, ଏଲଆଇସି ଅଫିସରେ ଶାଖା ପରିଚାଳକ ସୁଶୀଲ ସାହୁ, କେସିଙ୍ଗା ମହାବିଦ୍ୟାଳୟରେ ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀ, କଂଗ୍ରେସ ପାର୍ଟି ଅଫିସରେ ନଗର ସଭାପତି ସୁଭାଷ ଅଗ୍ରୱାଲ, ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଗୁରୁଜୀ ପ୍ରବୀଣ ବେହେରା, ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମୀର ବେହେରା, କେସିଙ୍ଗା ବ୍ଲକ ଅଫିସରେ ଭାରପ୍ରାପ୍ତ ବିଡ଼ିଓ ସିଦ୍ଧେଶ୍ୱର ମେହେର, ସଚେତନ ନାଗରିକ ମଞ୍ଚରେ ସଭାପତି ଉତ୍ତର ମହଲା ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ଏନ୍‌ଏସି ପକ୍ଷରୁ ସ୍ଥାନୀୟ ବିଦ୍ୟାପୀଠ ଖେଳ ପଡ଼ିଆ ପରିସରରେ ଅନୁଷ୍ଠିତ ସାର୍ବଜନୀନ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନର୍ଲା ବିଜେଡି ବିଧାୟକ ମନୋରମା ମହାନ୍ତି ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ। ଏଠାରେ ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ, ଉପ ନଗରପାଳ ସରସ୍ୱତୀ ସାହା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ ଚାନ୍ଦଙ୍କ ସମେତ ସମସ୍ତ ୱାର୍ଡର କାଉନସିଲର ଉପସ୍ଥିତ ଥିଲେ।

କେସିଙ୍ଗା ନଗର ବିଜେଡ଼ି ପକ୍ଷରୁ ସ୍ଥାନୀୟ ମହାତ୍ମାଗାନ୍ଧୀ ଛକସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ନଗର ସଭାପତି ରମେଶ ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ, ଉପ ନଗରପାଳ ସରସ୍ୱତୀ ସାହା, ଯୁବନେତା ସିଲୁ ପରିଡ଼ା, କେସିଙ୍ଗା ଯୁବ ସଭାପତି ଶମ୍ଭୁ ବଗର୍ତ୍ତି, ବରିଷ୍ଠ କର୍ମୀ ଉତ୍ତର ମହଲାଙ୍କ ସମସ୍ତ ୱାର୍ଡର କାଉନସିଲର ଓ ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ରୁପ୍ରାରୋଡ:** ନର୍ଲା ବ୍ଲକ ଅଧୀନ ରୁପ୍ରାରୋଡ ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। କାନରା ବ୍ୟାଙ୍କ ମ୍ୟାନେଜର ଭୋଜରାଜ ବାଗ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁମିତ ଅଗ୍ରୱାଲ, ଆନନ୍ଦ ଅଗ୍ରୱାଲ, ବିଭୁରଞ୍ଜନ ମହାଉତି, ଶିକ୍ଷକ ଚୈତନ୍ୟ ସାହୁ, ଅନିମା ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ।

**କୋକସରା:** କୋକସରା ବ୍ଲକର ବିଭିନ୍ନ ସ୍କୁଲ, କଲେଜ ସହ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ୭୬ତମ ଗଣତନ୍ତ୍ର ଦିବସ ସମାରୋହରେ ପାଳିତ ହୋଇଛି। ବ୍ଲକ ସଦର ମହକୁମାସ୍ଥିତ ଗୁଡ଼ହାଣ୍ଡି ମଞ୍ଚରେ ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସରେ ବିଡିଓ ଡ. ହିମାଞ୍ଚଳ ମାଝୀ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଥାନା ଅଧିକାରିଣୀ ସିସ୍ମାରାଣୀ ସୁନା, ଡିଗ୍ରୀ କଲେଜ ଅଧ୍ୟକ୍ଷ ପୁଷ୍କରାଜ ମେହେର, ଏନସିସି ଏଏନ୍‌ଓ ଅଶ୍ୱିନୀ ପଟ୍ଟନାୟକ, ପୁରୁଷୋତ୍ତମ ଗୁପ୍ତା, ବିଜେପି ନେତା ତ୍ରିନାଥ ଶବର, ଅଇରୀ ନାଶନ ଚିନ୍ଦା ପ୍ରମୁଖ ଯୋଗ ଦେଇଥିଲେ। ଡିଗ୍ରୀ କଲେଜ ଓ ଜବାହର ଉଚ୍ଚ ବିଦ୍ୟାଳୟର ଏନସିସି ଛାତ୍ରଛାତ୍ରୀଙ୍କ ସହ କୋକସରା ଆଦର୍ଶ ବିଦ୍ୟାଳୟ, ଶିଶୁ ମନ୍ଦିର, ମୋଟେର ଏଲ୍‌ମାସି ଇଂରାଜୀ ମିଡିୟମ ସ୍କୁଲ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଙ୍ଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେଡ କାର୍ଯ୍ୟକ୍ରମରେ ଏନସିସି କ୍ୟାପଟନ ଅମିତ ମହାନ୍ତି ପରିଚାଳନା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷକ ସଞ୍ଜୀବ ପାଢ଼ୀ ପରିଚାଳନା କରିଥିଲେ।

**କର୍ଲାମୁଣ୍ଡା:** କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନରେ ୭୬ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବ୍ଲକ ସଦରେ ଅନୁଷ୍ଠିତ ବ୍ଲକସ୍ତରୀୟ ଉତ୍ସବରେ ବିଡିଓ ଦେବେନ୍ଦ୍ର ସାମଲ ଜାତୀୟ ପତାକା ଉତ୍ତୋନ କରିଥିଲେ। ରିଷିଡା ବାପୁଜୀ ମିନିଷ୍ଟାଡିୟମରେ ଆୟୋଜିତ ପଞ୍ଚାୟତସ୍ତରୀୟ ଉତ୍ସବରେ ସରପଞ୍ଚ ସେବତୀ ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଜେଡି କଲେଜ ଇଂରାଜୀ ଅଧ୍ୟାପକ ହିରୋଜ ଚାନ୍ଦ, ସମିତିସଭ୍ୟ ନିମାଁଇଚରଣ ବେହେରା, ନାଏବ ସରପଞ୍ଚ ନରେଶ ଦାସ ଅତିଥି ଭାବେ ଯୋଗଦେଇଥିଲେ। ପରେଡ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ସରକାରୀ ହାଇସ୍କୁଲ ଓ କନିଷ୍ଠ ବିବାଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଚାମ୍ପିଅନ ହୋଇଥିବା ବେଳେ ବେଷ୍ଟ କମାଣ୍ଡ ଭାବେ ବରିଷ୍ଠ ବିଭାଗରେ ବାପୁଜୀ ହାଇସ୍କୁଲର ସ୍କାଉଟ କମାଣ୍ଡର ଅନ୍ୱେଷରଞ୍ଜନ ସେଲମା, କନିଷ୍ଠ ବିବାଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କମାଣ୍ଡର ସୋନମ ସ୍ୱାତି ବେହେରା ପୁରସ୍କୃତ ହୋଇଥିଲେ। ସାମ୍ବାଦିକ ନରୋତ୍ତମ ସେଲମା ସଂଯୋଜନା କରିଥଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଦେବରାଜ ରଣା, କ୍ରୀଡାଶିକ୍ଷକ ଲଳିତ ସାହୁ, ଲଳିତ ଦାସ, ଅଶୋକ ତ୍ରିପାଠୀ, ସାମ୍ବାଦିକ କମ୍ବୁପାଣି ସାହୁ, ଭଜଶ୍ୟାମ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି କର୍ଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ରେ ତହସିଲଦାର ଅରୁଣ ବର୍ଗେ, ଜ୍ୟୋତିବିକାଶ ଯୁବକ ସଂଘରେ ଫକୀର ଚରଣ ସାହୁ, ରାଜସ୍ୱନିରୀକ୍ଷକ କାର୍ଯ୍ୟାଳୟରେ ଆରଆଇ ଗିରିଶଚନ୍ଦ୍ର ସାହୁ, ପେକ୍ସରେ ଗୋକୁଳ ମାଝୀ, ରିଷିଡା ଜଗନ୍ନାଥ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଗଦାଧର ପଧାନ, ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ହେମନ୍ତ ଚୌଧୁରୀ, ତେରେସିଂହା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଆରଆଇ ତନୁସ୍ମିତା ନାଏକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଭାପତି ନୈମିଚାନ୍ଦ ଜୈନ, ତେରେସିଂହା ପୀରବତୀ ମହିଳା କଲେଜରେ ମୁରଲୀଧର ରଣା ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ଡବଲ ମର୍ଡର ଘଟଣାର ଅଭିଯୁକ୍ତ ଗିରଫ

ଧର୍ମଗଡ଼, ୨୭ ।୧(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅଧୀନ ଦଶପୁର ଫାଣ୍ଡି କାର୍ଲିଗାଁରେ ଜମିବାଡି ବିବାଦକୁ ନେଇ ନିଜ ବଡ଼ ବାପା ଓ ବଡ ମାଆଙ୍କୁ ନୃଶଂସ ଭାବେ ହତ୍ୟା କରିଥିବା ପୁତୁରା ଗିରଫ ହୋଇଛି। ଅଭିଯୁକ୍ତ ହେଉଛି ବସନ୍ତ ବାଗ। ହତ୍ୟା ଲାଗି ସେ ବ୍ୟବହାର କରିଥିବା ଏକ ଟାଙ୍ଗିଆ ଓ ପଥର ଜବତ ହୋଇଛି। ଦୀର୍ଘ ଦିନ ଧରି ମୃତକଙ୍କ ପରିବାର ଓ ଅଭିଯୁକ୍ତଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ନୃଶଂସ ପୁତୁରା ପ୍ରତିଶୋଧ ପରାୟଣ ହୋଇ ନିଜ ବଡ଼ ବାପା ଓ ବଡ଼ ମାକୁ ଶେଷରେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା। ଉଭୟ କାଳେ ବଞ୍ଚିଯିବେ ବୋଲି ଭାବି ସେ ଟାଙ୍ଗିଆରେ ହାଣିବା ପରେ ପୁଣି ପଥର ସାହାଯ୍ୟରେ ଛେଚି ନିର୍ମମ ଭାବେ ହତ୍ୟା କରିଥିଲା। ଏହାଫଳରେ ବୁଢୁ ବାଗ (୫୦), ସଜନେ ବାଗ (୪୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏସଡିପିଓ ମନୋଜ ବେହେରା ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗୋଲାମୁଣ୍ଡା ଥାନାଧିକାରୀ ଶ୍ୱେତାପଦ୍ମ ସେଠ, ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ ପଣ୍ଡା ଉପସ୍ଥିତ ଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ ସମ୍ପନ୍ନ

ଜୟପାଟଣା, ୨୭ ।୧(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ରଣମାଳ ନବୀନ ନଗରପଡ଼ାରେ ୫୨ ବର୍ଷ ତ୍ରିନାଥ ମେଳା ପୂର୍ତ୍ତି ଉପଲକ୍ଷେ ହରିନାମ ସଂକୀର୍ତ୍ତନ ଅଷ୍ଟପ୍ରହର ନାମ ଯଜ୍ଞ ଆୟୋଜିତ ହୋଇଯାଇଛି। କାର୍ତ୍ତିକ ସାହୁ ଓ ତାଙ୍କ ପତ୍ନୀ ସୁରଭି ସାହୁ କର୍ତ୍ତା ଥିଲେ। ବୃନ୍ଦାବନ ପାଢ଼ୀ ପୂଜାର୍ଚ୍ଚନା କରିଥିଲେ। ସୀମାଞ୍ଚଳ ନାଏକ, ଶଙ୍କର ବିଶ୍ୱାଳ, ମାଧବ ବାଗ, କୈଳାସ ନାଏକ, ଶରତ ନାଏକ, ରାଜୁସିଂ ରାଠୋର, ନିରଞ୍ଜନ ବିଶ୍ୱାଳ, ପୁରନ୍ଦର ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ଝାରବନ୍ଧରେ ଅମୃତ ସରୋବର ଉଦ୍‌ଘାଟିତ

କୋକସରା, ୨୭ ।୧(ସମିସ): ଗଣତନ୍ତ୍ର ଦିବସ ଅବସରରେ କୋକସରା ବ୍ଲକ ଡହଗାଁ ପଞ୍ଚାୟତର ଝାରବନ୍ଧ ଗ୍ରାମରେ ନିର୍ମାଣ ହୋଇଥିବା ଅମୃତ ସରୋବର ଉଦ୍‌ଘାଟିତ ହୋଇଛି। ଏହାକୁ କୋକସରା ପଞ୍ଚାୟତ ସମିତି ଅଧ୍ୟକ୍ଷା ରିତା ଅଗ୍ରୱାଲ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଡ.ଳ ହିମାଞ୍ଚଳ ମାଝୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା, ଅଜୟ ସେନାପତି, ଏପିଓ ସତିଶ ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି କ୍ରମରେ ସରପଞ୍ଚ କୁଞ୍ଜଲତା ନାଏକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀପକ ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡହଗାଁ ପ୍ୟାକ୍ସ ସଭାପତି ବ୍ରଜମୋହନ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାୟତ ପକ୍ଷରୁ ମନରେଗା ଯୋଜନାରେ ୧୦ ଲକ୍ଷ ଟଙ୍କା, ଏସ୍‌ଏଫସିରୁ ୨ ଲକ୍ଷ ୩୨



ହଜାର ୮୦ ଟଙ୍କା ଓ ଜିଆଇ ପାଣ୍ଠିରୁ ୬ଲକ୍ଷ ୬୩ ହଜାର ୩୭୫ ଟଙ୍କା ବ୍ୟୟ ଅଟକଳରେ ଏହି ଅମୃତ ସରୋବର ନିର୍ମାଣ କରାଯାଇଛି। ଏହା କୋକସରା ବ୍ଲକରେ ପ୍ରଥମ ଅମୃତ ସରୋବର। ପୋଖରୀ ତୁଠରେ ବସିବା ପାଇଁ ପିଣ୍ଡି ନିର୍ମାଣ ସହ ପାହାଚ ରହିଛି। ଅଳିଆ ପକାଇବାକୁ ଆବର୍ଜନା କୁଣ୍ଡ ରଖାଯିବା ସହ ଚଳପ୍ରଚଳ ପାଇଁ ପଥ ନିର୍ମାଣ କରାଯାଇଛି। ବିଭିନ୍ନ କିସମର ଫୁଲ ଗଛ ସବୁ ଲଗାଯାଇଛି; ଯାହା ଏକ ପାର୍କର ଭ୍ରମ ସୃଷ୍ଟି କରୁଛି। ପାଚେରୀରେ ବିଭିନ୍ନ କଳାକୃତି ଅଙ୍କା ଯାଇଛି।

## ରିଷିଡ଼ା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଘଣ୍ଟାପଡ଼ା ଚାମ୍ପିଅନ

**କର୍ଲାମୁଣ୍ଡା, ୨୭ ।୧(ସମିସ):**

କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ବାପୁଜୀ ମିନିଷ୍ଟାଡିୟମରେ ଚାଲିଥିବା ରିଷିଡା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବୋର୍ଡା (କଳାହାଣ୍ଡି) ଓ ଘଣ୍ଟାପଡ଼ା (ବୌଦ୍ଧ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ନ ଦେବାରୁ ପେନାଲଟି ସୁଟଆଉଟର ଆଶ୍ରୟ ନିଆଯାଇଥିଲା। ଏଥିରେ ଘଣ୍ଟାପଡ଼ା ଦଳ ୫-୪ରେ ବୋର୍ଡାକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ମ୍ୟାଚକୁ ଲଳିତ ସାହୁ ପରିଚାଳନା କରିଥିବା ବେଳେ ଲଳିତ ଦାସ ଓ ପିଙ୍କୁ ଚନ୍ଦନ ସହାୟତା କରିଥିଲେ। ସ୍କୋରବୋର୍ଡ ଦାୟିତ୍ୱରେ ପ୍ରଶାନ୍ତ ସାହୁ ଓ ସୁନୀଲ ବେହେରା ଏବଂ ଫାଷ୍ଟଏଡରେ ମୋହିତ ବାଗ ରହିଥିଲେ। କମ୍ବୁପାଣି ସାହୁ ଓ କ୍ଷେତ୍ରପତି ଜାଲ ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆୟୋଜକ କମିଟି ସଭାପତି ନରୋତ୍ତମ ସେଲମା ସଭାପତିତ୍ୱ କରିଥିଲେ। ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ମୁଖ୍ୟଅତିଥି, ସରପଞ୍ଚ ସେବତୀ ରଣା, ସମିତି ସଭ୍ୟ ନିମାଁଇଚରଣ ବେହେରା, ସାମାଜିକ କର୍ମୀ ଶିବଲାଲ କେଡିଆ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ସୌମ୍ୟରଞ୍ଜନ ତ୍ରିପାଠୀ, ସତ୍ୟନାରାୟଣ କୁମାର, ତ୍ରିଶଙ୍କ ରଣା, ସଲିମଶେଖର ରଣା, ରଞ୍ଜନ ନାଏକ, ବୁଲୁ ଭୋଇ, ବବଲୁ ଦଣ୍ଡସେନା, ପ୍ରଦୀପ ମଲ୍ଲିକ, ସିଲୁ ହେରା, ଭଜଶ୍ୟାମ ସାହୁ, ସୁଶାନ୍ତ ମଲ୍ଲିକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ନାବାଳକଙ୍କ ଆତ୍ମହତ୍ୟା

ଧର୍ମଗଡ଼, ୨୭ ।୧(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧୀନ ଚିଚିଆରେ ଜଣେ ୧୬ବର୍ଷର ନାବାଳକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଲେ ଚିଚିଆ ଗ୍ରାମର ନନ୍ଦ ଅଘରିଆଙ୍କ ପୁଅ ବିନୋଦ ଅଘରିଆ ବୟସ (୧୬)। ଘରେ କେହି ନ ଥିବା ବେଳେ ସେ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦଶପୁର ଫାଣ୍ଡି ପୁଲିସ ଧର୍ମଗଡ଼ ହସ୍ପିଟାଲରେ ପହଞ୍ଚି ଶବ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି ବୋଲି ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ ପଣ୍ଡା ସୂଚନା ଦେଇଛନ୍ତି।

## ଗୁଣପୁରକୁ ବ୍ଲକ ମାନ୍ୟତା ଦାବି ପାରିତ

ଥୁଆମୂଳ ରାମପୁର, ୨୭ ।୧(ସମିସ): ଗଣତନ୍ତ୍ର ଦିବସ ପାଳନ ଅବସରରେ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ମଧ ବ୍ଲକର ସମସ୍ତ ୨୪ ପଞ୍ଚାୟତରେ ଏହି ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ତଥା ପଞ୍ଚାୟତବାସୀଙ୍କ ସମସ୍ୟା ଓ ସମାଧାନ ଦିଗରେ ଆଲୋଚନା ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଖସଡା ପ୍ରସ୍ତୁତ କରାଯାଇଛି। ସରପଞ୍ଚ, ୱାର୍ଡସଭ୍ୟ, ପିଇଓ, ପଞ୍ଚାୟତ କର୍ମଚାରୀ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଗୁଣପୁର, କର୍ଲାପାଟ, କିଆପଦର, ନାକୁରୁଣ୍ଡି, କେରପାଇ, ସିଲେଟ, ତଳାମପଦର, କାଣିଗୁମା ଏବଂ ଥୁଆମୂଳ ପଞ୍ଚାୟତରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏସବୁ ପଞ୍ଚାୟତବାସୀ ଗୁଣପୁର ନାମରେ ଏକ ନୂତନ ବ୍ଲକ ଗଠନର ଦାବି ଉପସ୍ଥାପନ କରିଥିଲେ। ଏହି ଦାବିକୁ ଆୟୋଜିତ ଗ୍ରାମସଭାରେ ସର୍ବସମ୍ମତି କ୍ରମେ ପାରିତ ହୋଇଛି। ଗୁଣପୁରକୁ ସ୍ୱତନ୍ତ୍ର ବ୍ଲକ ମାନ୍ୟତା ଦାବିରେ ନିଜ ନିଜ ପଞ୍ଚାୟତ କାର୍ଯ୍ୟାଳୟରେ ଶୋଭାଯାତ୍ରା ପ୍ରଦର୍ଶନ କରିଥିଲେ।

## କୁଲତା ସମାଜର ବ୍ଲକସ୍ତରୀୟ ନୂତନ କମିଟି ଗଠିତ

ନୂଆପଡ଼ା/କୋମନା, ୨୭।୧(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଇଛାପୁରସ୍ଥିତ ବଙ୍ଗଳା ପରିସରରେ କୋମନା ବ୍ଲକ କୁଲତା ସମାଜର ବ୍ଲକସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଜିଲ୍ଲା ସଭାପତି ସରୋଜ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିଆ ଆରମ୍ଭ ହୋଇଥିଲା। ସଭାପତି ଭାବରେ ପୂର୍ବତନ ସଭାପତି ବୈଶାମ୍ପାନ ସାହୁଙ୍କୁ ସର୍ବସମ୍ମତି କ୍ରମେ ପୁଣିଥରେ ସଭାପତି ଭାବରେ ଚୟନ ହୋଇଥିଲେ। ଉପସଭାପତି ଭାବରେ ଅର୍ଜ୍ଜୁନ ନାଏକ ଓ ରଞ୍ଜିତ ଭୋଇ, ସମ୍ପାଦକ ଭାବରେ ନିରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ଭାବରେ ରମେଶ ପାତ୍ର ଓ କୋଷାଧ୍ୟକ୍ଷ ଭାବରେ ଗୌରଚନ୍ଦ୍ର ପ୍ରଧାନ ପ୍ରମୁଖ ଚୟନ ହୋଇଥିଲେ। ବୈଠକରେ କୋଣ ଅନୁକୋଣରୁ ଜାତିଭାଇ ଯୋଗଦେଇଥିଲେ। ବୀରେନ୍ଦ ପ୍ରଧାନ ସଭା ପରିଚାଳନା କରିଥିଲେ।




DSPL-357
ODISHA
NEW OPPORTUNITIES
CII
Confederation of Indian Industry
MAKE IT UTKARSH
Hon'ble Prime Minister, Shri Narendra Modi inaugurates the Utkarsh Odisha – Make in Odisha Conclave 2025 today, we invite industry leaders and entrepreneurs to be a part of this transformational journey.
Shri Narendra Modi
Prime Minister
Shri Mohan Charan Majhi
Chief Minister, Odisha
"As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision."
UTKARSH
ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025
Sunrise of Investment Excellence
Utkarsh Odisha Inauguration by
Prime Minister of India at 10:30 AM
Today 28 January 2025
CEOs Roundtable
Start-up Plenary Session
Country-of -focus Session
Cultural Program
Chemicals, Petrochemicals and Plastics Session
Renewable Energy & Equipment Session
Mining & Metallurgy Session
BECOME A PART OF THE "SAMRUDH ODISHA 2036" JOURNEY
INVEST IN ODISHA, INVEST IN FUTURE
VENUE: Janata Maidan Bhubaneswar
OIPR - 14005/13/0042/2425

# ରାଉରକେଲାରେ ସାଧାରଣତନ୍ତ୍ର ଦିବସ | ତ୍ରିରଙ୍ଗା ତଳେ ଏକତାର ମନ୍ତ୍ର ଗାନ କଲେ





ରାଉରକେଲା,୨୭।୧(ସମିସ): ୭୬ତମ ସାଧାରଣତନ୍ତ୍ର ଦିବସରେ ତ୍ରିରଙ୍ଗା ତଳେ ଏକାଠି ହୋଇ ଏକତାର ମନ୍ତ୍ର ଗାଇଲେ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବୟସବର୍ଗର ଲୋକେ। ଏହିକ୍ରମରେ ରାଉରକେଲା ଉଦିତନଗର ପଡ଼ିଆଠାରେ ଆୟୋଜିତ ସମାରୋହରେ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ରାଉରକେଲା ସହରକୁ ସ୍ୱଚ୍ଛ, ସମୃଦ୍ଧ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ରିଜର୍ଭ ପୁଲିସର ଅଶ୍ୱିନୀ କୁମାର ରାଉତଙ୍କ ନେତୃତ୍ୱରେ ମିଳିତ ପରେଡ୍ କରାଯାଇଥିଲା। ଏଥିରେ ୫୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିସହ କ୍ରୀଡ଼ା ଓ ବେସାମରିକ ପ୍ରତିରକ୍ଷା ବାହିନୀର ସ୍ୱେଚ୍ଛାସେବୀ ଓ ଅଗ୍ନିଶମ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭାଶଙ୍କର ନାୟକଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଓ ଶ୍ରୀକାନ୍ତ ଷଡ଼ଙ୍ଗୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରେ ରାଉରକେଲା ମୁଖ୍ୟ କାରାଗାର ଅନ୍ତେବାସୀଙ୍କୁ ମିଷ୍ଟାନ ଓ ଆର୍‌ଜିଏଚ୍‌ର ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଅନ୍ୟପକ୍ଷରେ ମହାନଗର ନିଗମ କାର୍ଯ୍ୟାଳୟ ସମେତ ରାଉରକେଲା ସ୍ମାର୍ଟ ସିଟି ଓ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ବିର୍ସାମୁଣ୍ଡା ହକି ଷ୍ଟାଡିୟମ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

### ● ହକର୍ସ ଆସୋସିଏସନ୍

ରାଉରକେଲା ହକର୍ସ ଆସୋସିଏସନ ପକ୍ଷରୁ ନୂଆ ବସଷ୍ଟାଣ୍ଡ-୧ ନମ୍ବର ପଏଣ୍ଟ ଏବଂ ସେକ୍ଟର-୨ ବସଷ୍ଟାଣ୍ଡ ୨ ନମ୍ବର ପଏଣ୍ଟ ଠାରେ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ୧ ନମ୍ବର ପଏଣ୍ଟ ଠାରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସିଆଇଟିୟୁର କେନ୍ଦ୍ରୀୟ ଉପସଭାପତି ତଥା ରାଉରକେଲା ହକର୍ସ ଆସୋସିଏସନ୍‌ର ସଭାପତି ବିଷ୍ଣୁ ମହାନ୍ତି ବକ୍ତବ୍ୟ ରଖିଥିଲେ। ସିଆଇଟିୟୁର ସୁନ୍ଦରଗଡ଼ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ହକର୍ସ ଆସୋସିଏସନ୍ ୧ ନମ୍ବର ପଏଣ୍ଟ ସମ୍ପାଦକ କିଶୋର ରାଉତ ହକର୍ସମାନଙ୍କ ସମସ୍ୟା ଉପରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ 'ସକାଳ' ପରିବାର ପକ୍ଷରୁ ପ୍ରସାର ମୁଖ୍ୟ ପ୍ରଫୁଲ୍ଲ ଷଡ଼ଙ୍ଗୀ ଉପସ୍ଥିତ ଥିବାବେଳେ ସଂଗ୍ରାମ ଭୂୟାଁ, ରାଉରକେଲା ହକର୍ସ ଆସୋସିଏସନ୍‌ର ୧ ନମ୍ବର ବିତରଣ ପଏଣ୍ଟର ସଭାପତି ମିହିର ପାତ୍ର, ସମ୍ପାଦକ କିଶୋର ରାଉତ, ଅନିରୁଦ୍ଧ ଜେନା, ଆର୍ତ୍ତତ୍ରାଣ ବେହେରା, ଅଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ନୀଳମଣି ନନ୍ଦ, ନିରଞ୍ଜନ ଦାସଙ୍କ ସମେତ ସମସ୍ତ ବିତରକ ଯୋଗ ଦେଇଥିଲେ। ସେହିପରି ୨ ନମ୍ବର ବିତରଣ ପଏଣ୍ଟରେ ସିଆଇଟିୟୁର ସୁନ୍ଦରଗଡ଼ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି ଅଧ୍ୟକ୍ଷତାରେ କରିଥିଲେ। ସିଆଇଟିୟୁର କେନ୍ଦ୍ରୀୟ ଉପସଭାପତି ତଥା ରାଉରକେଲା ହକର୍ସ ଆସୋସିଏସନର ସଭାପତି ବିଷ୍ଣୁ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ଅଶେଷ ବିଶ୍ୱାଳ, ସମ୍ପାଦକ ଶୁକେନ୍ଦୁ ପାତ୍ର, ସାଂଗଠନିକ ସମ୍ପାଦକ ମନୋଜ ପଟ୍ଟନାୟକ, ଶରତ ପଣ୍ଡା, ନବୀନ ମାଝୀ, ସନାତନ ମହାନନ୍ଦ, ସମୀର ରାଜହଂସ, ବିଚିତ୍ର ବାରିକ, ମହେଶ୍ୱର ସ୍ୱାଇଁ, ଶଶଧର ପଣ୍ଡା, କେଶବ ଜେନା, ପ୍ରଦୀପ କଂସାରୀ, କାଶୀନାଥ ସାହାଣୀ, ବିଚିତ୍ର ବାରିକ, ମନୋଜ ଜେନା, ଗୋଲଖ ସାହୁ, ହରେକୃଷ୍ଣ ପରମାଣିକ, ହରିରାମ ମାଇତି, ଅରୁଣ ମହାନ୍ତି, ରାଜକିଶୋର ନାୟକ, ଶ୍ୟାମ ମାଛକୁଣ୍ଡ, ମିଟୁ ଦୀପ, ଗୋପୀ ସୁନା, ଜିତେନ୍ଦ୍ର ସୁନା, ଆନନ୍ଦ ବାରିକ, ଦୀନେଶ ମଲ୍ଲିକ, ବିଶୁ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

### ● ରାଉରକେଲା ଏନ୍‌ଆଇଟି



ରାଉରକେଲା ଏନ୍‌ଆଇଟିର ଏନ୍‌ସିସି ଗ୍ରାଉଣ୍ଡଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏନ୍‌ସିସି ପ୍ରଫେସର ଡକ୍ଟର ଅଜିତ ବେହେରା, ସହକାରୀ ପ୍ରଫେସର ଅରୁଣ ପ୍ରଶାନ୍ତ ଭି. ଉପସ୍ଥିତ ଥିଲେ। ପ୍ରଫେସର ଶ୍ରୀ ରାଓ କହିଥିଲେ ଯେ ଏହି ବର୍ଷ 'ସ୍ୱର୍ଣ୍ଣିମ ଭାରତ: ଐତିହ୍ୟ ଏବଂ ପ୍ରଗତି' ବିଷୟବସ୍ତୁ ଉପରେ ଆଧାରିତ, ଯାହା ଭାରତର ସାଂସ୍କୃତିକ ଐତିହ୍ୟର ସମୃଦ୍ଧି ଏବଂ ଅଭିବୃଦ୍ଧି ଏବଂ ବିକାଶର ଆମର ନିରନ୍ତର ଯାତ୍ରାକୁ ଆଲୋକିତ କରିଥାଏ। ସ୍ଥଳସେନା, ନୌସେନା ଏବଂ ବାୟୁସେନା ଶାଖା ଦ୍ୱାରା ଶୃଙ୍ଖଳା ଏବଂ ସମନ୍ୱୟର ପ୍ରଭାବଶାଳୀ ପ୍ରଦର୍ଶନ କରାଯାଇଥିଲା। ଏହି ପରେଡ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ କ୍ୟାମ୍ପସରେ ଅବସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମଧ୍ୟ ଅଂଶଗ୍ରହଣ କରିଥିଲେ। ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର, ଏନ୍‌ଆଇଟିଆର୍ ଅଧୀନରେ ଉଡାନ କ୍ଲବ ଦ୍ୱାରା ଆୟୋଜିତ ମନୋରମ 'ଡ୍ରୋନ୍ ଶୋ' ପ୍ରଦର୍ଶିତ କରାଯାଇଥିଲା। ସେହିପରି ଏନ୍‌ଆଇଟି ରାଉରକେଲାର ଟେକ୍ନୋଲୋଜି କ୍ଲବ୍ ଏବଂ ଷ୍ଟାଫ୍ କ୍ଲବ୍‌ରେ ଯଥାକ୍ରମେ ପ୍ରଫେସର ଏଚ୍. ବି. ସାହୁ, କୁଳସଚିବ ପ୍ରଫେସର ରୋହନ ଧୀମାନ ଜାତୀୟପତାକା ଉତ୍ତୋଳନ କରିଥିଲେ।



## ରଶି ଛିଣ୍ଡି ତଳେପଡ଼ିଲା ତ୍ରିରଙ୍ଗା

ରାଉରକେଲା: ବଣାଇଁ ବନବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ଆୟୋଜିତ ସାଧାରଣତନ୍ତ୍ର ଦିବସ ପାଳନବେଳେ ଅସ୍ୱାଭାବିକ ଘଟଣା ଘଟିଛି। ରସି ଛିଣ୍ଡି ଜାତୀୟ ପତାକା ତଳେ ପଡ଼ିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏତଦ୍‌ବ୍ୟତୀତ ଜାତୀୟ ପତାକା ଉତ୍ତୋଳନ ବେଳେ ଆବଶ୍ୟକ ପ୍ରୋଟୋକଲ ପାଳନ କରାଯାଇନଥିବା ନଜରକୁ ଆସିଛି। ଉପଖଣ୍ଡ ସ୍ତରରେ ସମାନ୍ତରାଳ ଭାବେ ଚଳିତବର୍ଷ ବଣାଇଁ ଡିଏଫ୍‌ଓ ଲଳିତ କୁମାର ପାତ୍ରଙ୍କ ନେତୃତ୍ୱରେ ପ୍ରଥମ କରି ଏହି ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ବନଖଣ୍ଡ ବା ଉପଖଣ୍ଡ ଅନ୍ତର୍ଗତ ୭ଟି ରେଞ୍ଜର କର୍ମଚାରୀ, କିଛି ସ୍କୁଲ ଛାତ୍ରଛାତ୍ରୀ, ରେଡ୍‌କ୍ରସ୍ ବାହିନୀ ଅଂଶ ଗ୍ରହଣ କରିଥିଲେ। ଡିଏଫ୍‌ଓ ଶ୍ରୀ ସେଠୀ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ସକାଳ ୯ଟା ୧୦ ମିନିଟରେ ପ୍ରଥମେ ଡିଏଫ୍‌ଓ ଜାତୀୟ ପତାକା ଉତ୍ତୋଳନ କରିଥିଲାବେଳେ ହଠାତ୍ ରସି ଛିଣ୍ଡି ଜାତୀୟ ପତାକା ଉତ୍ତୋଳିତ ନହୋଇ ଭୂଇଁରେ ପଡ଼ିଯାଇଥିଲା। ଏହାପରେ ଖୁଣ୍ଟକୁ ତଳକୁ କରି ଜାତୀୟ ପତାକାକୁ ମାଟିରେ ପକାଇ ପୁନର୍ବାର ବନ୍ଧା ଯାଇଥିଲା। ଯାହାକି ଜାତୀୟ ପତାକା ପ୍ରତି ଅସମ୍ମାନ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହାପରେ ଦ୍ୱିତୀୟ ଥର ପାଇଁ ୯ଟା ୧୬ ମିନିଟରେ ଡିଏଫ୍‌ଓ ଶ୍ରୀ ପାତ୍ର ପତାକା ଉତ୍ତୋଳନ କରିଥିଲେ। ରାଜ୍ୟରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାସ୍ତରରୁ ଆରମ୍ଭ କରି ପଞ୍ଚାୟତସ୍ତର ପର୍ଯ୍ୟନ୍ତ ପତାକା ଉତ୍ତୋଳନର ସମୟ ସାଢ଼େ ୮ଟା ଧାର୍ଯ୍ୟ କରାଯାଇଥିବାବେଳେ ଏଠାରେ ୯ଟା ପରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏତଦ୍‌ବ୍ୟତୀତ ରାଷ୍ଟ୍ରୀୟ ସଙ୍ଗୀତ ଗାନବେଳେ ମଞ୍ଚ ଉପରେ ଥିବା ବନବିଭାଗର ବଣାଇଁ ବନଖଣ୍ଡ ସହକାରୀ ବନ ସଂରକ୍ଷକ ଜାତୀୟ ପତାକାକୁ ସାଲୁଟ୍ କରି ସମ୍ମାନ ଜଣାଉଥିବାବେଳେ ମୁଖ୍ୟ ଅତିଥି ଡିଏଫ୍‌ଓ ଶ୍ରୀ ସେଠୀ ସମ୍ମାନ ନକରି ଚୁପ ଛିଡ଼ା ହେବା ଭିଡିଓ ଏବେ ଭାଇରାଲ୍ ହେବାରେ ଲାଗିଛି। ଏ ସଂକ୍ରାନ୍ତରେ ଡିଏଫ୍‌ଓ ଶ୍ରୀ ପାତ୍ରଙ୍କୁ ପଚାରିବାରେ ସେ କହିଲେ ଯେ ରସି ଛିଣ୍ଡିବା ଦ୍ୱାରା ଜାତୀୟ ପତାକା ତଳେ ପଡ଼ିଗଲା। କେହି ଜାଣିଶୁଣି କରି ନାହାନ୍ତି, ଏହି ଭୁଲକୁ ପରବର୍ତ୍ତୀ ସମୟରେ ସୁଧାରି ଦେବୁ ବୋଲି କହିଛନ୍ତି।



### ● ବଣାଇଁ ଉପଖଣ୍ଡ

ବଣାଇ: ବଣାଇଁ ସଦର ମହକୁମାଠାରେ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରାଜା ଧରଣୀଧର ବହୁମୁଖି ଖେଳପଡ଼ିଆ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ



ସମ୍ମିଳିତ ପ୍ୟାରେଡ ରେ ଅଭିବାଦନ ଗ୍ରହଣ କରିଥିଲେ ଏବଂ ଉପସ୍ଥିତ ଛାତ୍ରଛାତ୍ରୀ ଓ ଜନତା ଙ୍କୁ ଉଦବୋଧନ ଦେଇଥିଲେ। ସାଧାରଣତନ୍ତ୍ର ଦିବସ ଅବସରରେ ସମ୍ବିଧାନ ରେ ଭାରତ କୁ ଏକ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସାଧାରଣତନ୍ତ୍ର ରାଷ୍ଟ୍ର ଭାବେ ଗ୍ରହଣ କରିବା ସହ ପ୍ରତ୍ୟେକ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସମାନ ସମ୍ମାନ ଓ ସୁଯୋଗ ଯୋଗାଇ ଦେବାର ବ୍ୟବସ୍ଥା ରହିଥିବା ଉପଜିଲ୍ଲାପାଳ ବକ୍ତବ୍ୟ ରେ ପ୍ରକାଶ କରିବା ସହ ଓଡ଼ିଶାର ବରପୁତ୍ର ମାନଙ୍କ ସ୍ମୃତି ଚାରଣ କରିଥିଲେ।

### ● ଡିଏଭି ପବ୍ଲିକ୍ ସ୍କୁଲ

ଡିଏଭି ପବ୍ଲିକ ସ୍କୁଲ ବାସନ୍ତୀ ନଗରରେ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଲୋକନାଥ ପ୍ରଧାନ ଓ ସହ ସଂଯୋଜକ ବିଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ପରେଡ, ଝୁମ୍ବା ନାଚ, ମାସ୍ ଡ୍ରିଲ୍, 'ବିଭିନ୍ନତା ଭିତରେ ଏକତା' ଶୀର୍ଷକ ନୃତ୍ୟ ପରିବେଷଣ ତଥା ମହାପୁରୁଷମାନଙ୍କ ବେଶରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭାଷଣ ପ୍ରସ୍ତୁତ କରାଯାଇଥିଲା। ଓଡ଼ିଆରେ ସାଇନା ନନ୍ଦ, ଇଂରାଜୀରେ ଆର୍ଯ୍ୟ ବ୍ରତ ବଳ, ହିନ୍ଦୀରେ ଆରାଧ୍ୟ। ମିଶ୍ର ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭାରତୀୟ ହକି ଦଳର ପ୍ରଶିକ୍ଷକ ବି.ଜେ. କରିପ୍ପା ଯୋଗ ଦେଇଥିଲେ। ପ୍ରଫେସର ଏସ୍. କେ. ପଟେଲ, ଆର୍. ଏନ୍. ମିଶ୍ର, ଡ. ସମୀର ପାତ୍ର, ଅଶୋକ ରାଉତ, ମାନସୀ ପ୍ରଧାନ ଓ ମଞ୍ଜୁଶ୍ରୀ




ପାଣିଗ୍ରାହୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଦୁଷ୍ମନ୍ତ ବେହେରା ଓ ମିନତୀ ପାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

## 'ବାର୍ଷିକ ୯ ନିୟୁତ ଟନ୍ ଉତ୍ପାଦନ ଲକ୍ଷ୍ୟ ହାସଲ ପାଇଁ ଆର୍‌ଏସ୍‌ପି ପ୍ରତିବଦ୍ଧ'



ରାଉରକେଲା,୨୭।୧(ସମିସ): ରାଉରକେଲା ଇସ୍ପାତ କାରଖାନାର ସମାଜ ମଙ୍ଗଳ ବିଭାଗ ଦ୍ୱାରା ସ୍ଥାନୀୟ ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ୍ ଓ ସେକ୍ଟର-୨୨ ମିନି ଷ୍ଟାଡିୟମଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉଭୟ ସ୍ଥାନରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ପତାକା ଉତ୍ତୋଳନ କରିବା ସହ ୫୭ଟି ଦଳ ଦ୍ୱାରା ଏକ ମିଳିତ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ଏହି ପ୍ୟାରେଡରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ଏନସିସି, ସ୍କାଉଟ ଓ ଗାଇଡସ ଏବଂ ସିଭିଲିଆନ ଗ୍ରୁପ ସହିତ ସିଆଇଏସଏଫ ବାହିନୀ, ଆରଏସପିର ଅଗ୍ନିଶମ ଦଳ, ଓ ସେଲ ହକି ଏକାଡେମୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସିଆଇଏସଏଫ ଡିଆଇଜି ରତନ କୁମାର ମଞ୍ଚାସୀନ ଥିଲେ। ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଜାତୀୟ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଶ୍ରୀ ବର୍ମା ଆର୍‌ଏସ୍‌ପି ବାର୍ଷିକ ୯ ନିୟୁତ ଟନ୍ ଉତ୍ପାଦନ ଲକ୍ଷ୍ୟ ଅତିକ୍ରମ କରିବା ଯୋଜନା ଏବଂ କାର୍ଯ୍ୟାନ୍ୱୟନ ଦିଗରେ ଗୁରୁତ୍ୱ ଦେଇଥିଲେ। ଡିଆଇସି ଶ୍ରୀ ବର୍ମା ସିଆଇଏସ୍‌ଏଫ୍ କର୍ମୀଙ୍କୁ "ଅତି ଉତ୍କୃଷ୍ଟ' ଓ "ଉତ୍କୃଷ୍ଟ' ସମ୍ମାନ, ଆର୍‌ଏସ୍‌ପି ଅଧିକାରୀଙ୍କୁ ଜବାହର ପୁରସ୍କାର, ଆର୍‌ଏସ୍‌ପି ଗୌରବ ପୁରସ୍କାର ଓ ଶ୍ରେଷ୍ଠ ପରେଡ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

ସେକ୍ଟର-୨୨ ମିନି ଷ୍ଟାଡିୟମ ଠାରେ ଡିଆଇସି ଶ୍ରୀ ବର୍ମା ଜାତୀୟ ପତାକା ଉତ୍ତୋଳନ କରି ୪୨ଟି ଦଳର ଅଭିବାଦନ ଗ୍ରହଣ କରିଥିଲେ। ସିଆଇଏସଏଫର ସିନିୟର କମାଣ୍ଡାଣ୍ଟ ଅଶୋକ ଜଲ୍ୱାନିଆ ମଞ୍ଚାସୀନ ଥିଲେ। ଡିଆଇସି ଗୁରୁ ଗୋମକେ ସାନ୍ତାଳି ବିଦ୍ୟାଳୟ ଓ ଶ୍ରୀ ଗାନ୍ଧୀ ବାଲଉଚ୍ଚ ବିଦ୍ୟାଳୟକୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଏବଂ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ନମ୍ରତା ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ, କାର୍ଯ୍ୟ ବିଭାଗର ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ଅନୀଲ କୁମାର, ଖଣି ବିଭାଗର ଏମ୍ ପି ସିଂହ, ପ୍ରକଳ୍ପ ବିଭାଗର ସୁଦୀପ ପାଲ ଚୌଧୁରୀ, ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ଦୀପିକା ମହିଳା ସଂହତିର ଉପାଧ୍ୟକ୍ଷା ନବନୀତା ପାଲଚୌଧୁରୀ, କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଟେନ୍‌ସାର ଇସ୍ପାତ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ, ବିଆଇଏମ୍, କେଆଇଏମ୍ ଓ ତାଲଡିହର ସିଜିଏମ୍ ହିମାଂଶୁ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆସିଷ୍ଟାଣ୍ଟ ସିଏମ୍‌ଓ ଡକ୍ଟର ସଞ୍ଜୟ କୁମାର ଏବଂ ଖଣି ବିଭାଗର ଜିଏମ୍ ପି ସି ବରୁଆ ଯଥାକ୍ରମେ ବରସୁଆଁ ଏବଂ କାଲଟାରେ ପତାକା ଉତ୍ତୋଳନ କରିଥିଲେ। ବଲାଣି ଫୁଟବଲ୍ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବଲାଣି ଲୌହ ଖଣିର ସିଜିଏମ୍ ଜୟଦେବ ଚଟ୍ଟୋପାଧ୍ୟାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ଜିଏମ କେଭିନ୍ ଘୋଷ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଦୀପିକା ମହିଳା ସଂହତି ଆନୁକୂଲ୍ୟରେ ସେକ୍ଟର-୨ସ୍ଥିତ ଦୀପିକା ଇସ୍ପାତ ଜାଗୃତି ସଂସ୍ଥାନଠାରେ ଗଣତନ୍ତ୍ର ଦିବସ ପାଳିତ ହୋଇଥିଲା। ନମ୍ରତା ବର୍ମା ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନବନୀତା ପାଲଚୌଧୁରୀ ଏବଂ ସଂହତିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଚୈତ୍ର ମେଳା ପାଇଁ ପ୍ରସ୍ତୁତି



ବଣାଇଁ,୨୭।୧(ସମିସ): ବଣାଇଗଡ଼ର ପ୍ରସିଦ୍ଧ ଚୈତ୍ର ମେଳା ପାଇଁ ରାଜନଅରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସ୍ଥାୟୀ ସଭାପତି ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେବଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିଟିର ସମ୍ପାଦକ ତଥା ଆଇନଜୀବୀ ସୁଦିତ କୁମାର ସାହୁ, ସହ କୋଷାଧ୍ୟକ୍ଷ ଜୟନ୍ତ କୁମାର ଦେଓ, ସମ୍ପଦ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ଅପ୍ରେଲ ୬ ତାରିଖଠାରୁ ମେଳା ଆରମ୍ଭ ହୋଇ ୩୦ ତାରିଖ ଯାଏ ଚାଲିବ। ପ୍ରସିଦ୍ଧ ଦେବୀ ମାଁ ବାସୁଳୀଙ୍କ ପ୍ରତିମୂର୍ତ୍ତିରେ ଚକ୍ଷୁଦାନ ପରେ ୯ ଦିନ ଧରି ମା' ପଟି ଦିଅଁ ଭାବେ ରାଜ ନଅର ସମ୍ମୁଖରେ ପୂଜା ପାଇବେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ତଥା ରାଜ୍ୟ ବାହାରୁ ଅନେକ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିସହ ମେଳାରେ ଯାତ୍ରା ପାର୍ଟି, ମୀନା ବଜାର, ଦୋଳି, ଘର କରଣା ସାମଗ୍ରୀ ସହ ବିଭିନ୍ନ ପ୍ରକାରର ଖାଦ୍ୟ ଷ୍ଟଲ୍ ପଡ଼ିବ। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗଦେବେ। ସାଂସ୍କୃତିକ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ ବୈଠକ ପରିଚାଳନା କରିଥିବାବେଳେ ବରିଷ୍ଠ ଆଇନଜୀବୀ ସୁଦିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଢ଼ଣୀରେ ଝୁଲିପଡ଼ିଲେ ନାବାଳିକା

ରାଉରକେଲା,୨୭।୧(ସମିସ): ରାଉରକେଲା ପୁଲିସ ଜିଲ୍ଲା କୋଇଡ଼ା ଭଞ୍ଜପାଳି ଜଙ୍ଗଲରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ନାବାଳିକା ଜଣକ ଭଞ୍ଜପାଳୀ ଗ୍ରାମର। ସେ ଶନିବାରରୁ ନିଖୋଜ ଥିଲେ। ଆଜି ସକାଳୁ କାଠ ପାଇଁ ଜଙ୍ଗଲକୁ ଯାଉଥିବା ସ୍ଥାନୀୟ ଲୋକେ ତାଙ୍କର ମୃତଦେହ ଓଢ଼ଣୀରେ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହା ଏକ ଆତ୍ମହତ୍ୟା ବୋଲି କୁହାଯାଉଥିବା ବେଳେ ମୃତଦେହର ଗୋଡ଼ ତଳେ ଲାଗିଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି କେତେକ ସନ୍ଦେହ କରୁଛନ୍ତି। କୋଇଡ଼ା ଥାନାଧିକାରୀ ମନୋରଞ୍ଜନ କୁମ୍ଭାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି।

## ବନ୍ୟଜନ୍ତୁ ସୁରକ୍ଷା ପାଇଁ ଡିଏଫ୍‌ଓ ପୁରସ୍କୃତ

ରାଉରକେଲା ୨୭।୧(ସମିସ) : ବନ୍ୟଜନ୍ତୁ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଉରକେଲା ଡିଏଫ୍‌ଓ ଯଶୋବନ୍ତ ସେଠୀଙ୍କୁ ୨୦୨୪ ଓଡ଼ିଶାର ପ୍ରମୁଖ ୧୦୦ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଭାବରେ ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଉରକେଲା ଡିଏଫ୍‌ଓ ଶ୍ରୀ ସେଠୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ବନ୍ୟଜନ୍ତୁ ସୁରକ୍ଷା ଦିଗରେ ଏଆଇ ଟେକ୍ନୋଲୋଜି ବ୍ୟବହାର କରି ବନ୍ଧମୁଣ୍ଡା - ବରସୁଆଁ ରେଳ ଧାରଣା ଅତିକ୍ରମ କରୁଥିବା ୨୮ ଟି ହାତୀଙ୍କ ଜୀବନକୁ ରକ୍ଷା କରିବାରେ ବିଶେଷ ଭୂମିକା ଗ୍ରହଣ କରିଥିବାରୁ ଶ୍ରୀ ସେଠୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ରାଜ୍ୟପାଳଙ୍କ ଦ୍ୱାରା ଏହି ସମ୍ମାନ ପ୍ରାପ୍ତି ପରେ ଡିଏଫ୍‌ଓ ଶ୍ରୀ ସେଠୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।



## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି



ବଣାଇଁ,୨୭।୧(ସମିସ): ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହଠାରେ ସୋମବାର ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୋଟ ୮୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୫୯ଟି ସାମୂହିକ ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା, ଜମିବାଡ଼ି ସଂପର୍କିତ, ଚିକିତ୍ସା ସାହାଯ୍ୟ, ନିଯୁକ୍ତି, ବଦଳି ଭଳି ସମସ୍ୟା ରହିଥିବାବେଳେ ସାମୂହିକ ଅଭିଯୋଗ ମଧ୍ୟରେ ପାନୀୟ ଜଳ, ରାସ୍ତା, ବିଦ୍ୟୁତ୍, ଜଳସେଚନର ସୁବ୍ୟବସ୍ଥା ଇତ୍ୟାଦି ସମସ୍ୟାର ଅଭିଯୋଗ ମାନ ଆଗତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଜିଲ୍ଲାପାଳ ଜଣକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା ପୁଲିସ ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ସୁରଞ୍ଜନ କୁମାର ସାହୁ, ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ଗୁରୁଣ୍ଡିଆ ବିଡିଓ ହାବିଲ ଖାଖା, ତହସିଲଦାର ଶିବ ପ୍ରସାଦ ମୁର୍ମୁ, ସହକାରୀ ବନ ସଂରକ୍ଷକ ଜଗନ୍ନାଥ ବିଷୋୟୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ରହିଥିଲେ।

## ସୁପ୍ରିମକୋର୍ଟ ଏଓଆର୍ ପରୀକ୍ଷାରେ କୃତକାର୍ଯ୍ୟ ହେଲେ ବିଶ୍ୱବରା

**ଭୁବନେଶ୍ୱର,୨୭।୧(ସମିସ):** ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ ଅନୁଷ୍ଠିତ ଆଡ୍‌ ଭୋକେଟ୍ସ ଅନ୍‌ ରେକର୍ଡ (ଏଓଆର) ପରୀକ୍ଷାରେ ଓଡ଼ିଶା ହାଇକୋର୍ଟ ଏବଂ କୋଲକାତା ହାଇକୋର୍ଟର ପୂର୍ବତନ ବିଚାରପତି ତଥା ଭରତପୁର ଥାନା ଘଟଣାରେ ଗଠିତ ବିଚାର ବିଭାଗୀୟ ତଦନ୍ତ କମିସନ୍‌ର ଅଧ୍ୟକ୍ଷ ଜଷ୍ଟିସ୍‌ ଚିତ୍ତରଞ୍ଜନ ଦାଶଙ୍କ ଝିଅ ବିଶ୍ୱବରା ଦାଶ କୃତକାର୍ଯ୍ୟ ହୋଇଛନ୍ତି। ସୋନପୁର ଜିଲ୍ଲାରୁ ପ୍ରଥମଥର ପାଇଁ ସେ ଏଭଳି ବିରଳ ସଫଳତା ହାସଲ କରିଛନ୍ତି। ଏଥିପାଇଁ ବିଶ୍ୱବରାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ମା’ ସୁରେଶ୍ୱରୀଙ୍କ ଆଶୀର୍ବାଦରୁ ସେ ଏଭଳି ସଫଳତା ଅର୍ଜନ କରିଛନ୍ତି



ବୋଲି ପ୍ରତିକ୍ରିୟାରେ କହିଛନ୍ତି। ସର୍ବୋଚ୍ଚ ଅଦାଲତରେ କୌଣସି ମାମଲା ରୁଜୁ କରିବାକୁ ହେଲେ ପ୍ରଥମେ ଜଣେ ଏଓଆର୍‌ଙ୍କ ଆବଶ୍ୟକତା ରହିଥାଏ। ଏଓଆର ଜରିଆରେ ହିଁ ସୁପ୍ରିମ୍‌କୋର୍ଟରେ ମାମଲା ରୁଜୁ ହୋଇଥାଏ। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଆଇନ ମନ୍ତ୍ରାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଦେଶରେ ୨୦ଲକ୍ଷ ୧୩ ହଜାର ୮୧ ଜଣ ଆଇନଜୀବୀ ପଞ୍ଜିକୃତ ହୋଇ ହାଇଛନ୍ତି। ତେବେ ଏଓଆର୍‌ ଭଳି ସମ୍ମାନଜନକ ପଦରେ ମାତ୍ର ୩, ୩୦୦ ଆଇନଜୀବୀ ରହିଛନ୍ତି।

## ମାଓନେତା ଆଜାଦ କୋର୍ଟରେ ହାଜର

**ଦୁମୁଡ଼ିବନ୍ଧ, ୨୭।୧(ସମିସ):** ବହୁଚର୍ଚ୍ଚିତ ୨୦୦୮ ଜଲେଶପଟ୍ଟାସ୍ଥିତ ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା ଘଟଣାରେ ମାଓ ନେତା ଆଜାଦଙ୍କୁ ସୋମବାର ଦୁମୁଡିବନ୍ଧ ଦେୱାନୀ ଓ ଫୌଜଦାରୀ ଅଦାଲତରେ ହାଜର କରାଯାଇଛି। ଏହି ପରିପ୍ରେକ୍ଷୀରେ ଦୁମୁଡିବନ୍ଧସ୍ଥିତ ଆମ୍ବେଦକର ଛକ ଠାରୁ କୋର୍ଟ ପର୍ଯ୍ୟନ୍ତ ୨ ପ୍ଲାଟୁନ୍‌ ଫୋର୍ସ ମୁତୟନ କରିବା ସହିତ ଅଦାଲତ ଚରିପାଖରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

**ଥମୁନି ଦାଦନ ଦୁଃଖ**

## ଭିଟାମାଟିକୁ ଫେରିଲା ଆଉ ଜଣେ ଦାଦନଙ୍କ ଶବ

**ଦୁରେକେଲା,୨୭ ।୧(ସମିସ):** ବଲାଙ୍ଗିର ଜିଲ୍ଲାରେ ଥମୁନି ଦାଦନ ଶ୍ରମିକଙ୍କ ଦୁଃଖ। ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଜଣଙ୍କ ପରେ ଜଣେ ଶବ ହୋଇ ଫେରୁଛନ୍ତି। ଦୁରେକେଲା ବ୍ଲକ୍‌ ଅଧୀନ ମହୁଲବାହାଲି ଗାଁରୁ ପୁଣି ଏଭଳି ଏକ ଦୁଃଖଦ ଖବର ଆସିଛି। ହାଇଦ୍ରାବାଦର ବନଗିରି ଅଞ୍ଚଳସ୍ଥିତ ଏକ ଇଟାଭାଟିରେ କାମ କରୁଥିବା ଗାଁର ଜଣେ ମହିଳା ଶ୍ରମିକ ଭୁବେନ ମାଝୀ (୫୦)ଙ୍କ ସେଠାରେ ମୃତ୍ୟୁ ହୋଇଛି। ଇଟାଭାଟି ମାଲିକଙ୍କ ନିର୍ଯାତନା ଶିକାର ହୋଇ ସେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଭୁବେନ ଦୁରେକେଲା ଥାନା ଅଞ୍ଚଳର ଦାଦନ ସର୍ଦ୍ଦାର ବଂଶୀ ତାଣ୍ଡିଙ୍କ ଜରିଆରେ ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିଲେ। ରବିବାର ସେଠାରୁ ଆମ୍ବୁଲାନ୍ସ ଜରିଆରେ ତାଙ୍କ ଶବ ଗାଁକୁ ଫେରିଛି। ତେବେ ଏହାକୁ ନେଇ ଖୋଳତାଡ଼ ହେବା ଭୟରେ ଦାଦନ ସର୍ଦ୍ଦାର ବଂଶୀଙ୍କ କିଛି ସମ୍ପର୍କୀୟ ଆସି ଭୁବେନଙ୍କ ପରିବାର ଉପରେ ଚାପ ପକାଇ ତରବରିଆ ଭାବେ ଭୁବେନଙ୍କ ଶେଷକୃତ୍ୟ ସମ୍ପନ୍ନ କରିଦେଇଛନ୍ତି।

କିନ୍ତୁ ଏତେ ସବୁ ଘଟଣା ପରେ ମଧ୍ୟ ଦୁରେକେଲା ପୁଲିସ୍‌ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏନେଇ ଦୁରେକେଲା ଥାନା ଅଧିକାରୀଙ୍କୁ ପଚାରିବାରୁ ମୃତ ମହିଳା ଶ୍ରମିକଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନଥିବା କହିଛନ୍ତି। ବଲାଙ୍ଗିର ଜିଲ୍ଲାପାଳ ତୁରନ୍ତ ନଜର ଦେଇ ମୃତ ମହିଳା ଶ୍ରମିକଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ସହ ବେଆଇନ ଶ୍ରମିକ ଚାଲାଣ କରୁଥିବା ଦାଦନ ସର୍ଦ୍ଦାରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଇଟାଭାଟି ପାଉଁଶ ଗଦା ନିଆଁ ଖସି ଶ୍ରମିକ ମୃତ

**ନୂଆପଡ଼ା, ୨୭।୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧୀନ ଘାଟମାଲ ପଞ୍ଚାୟତ ତାଲାକୋଟ ଗାଁର ତୃପନ ଚିନ୍ଦା(୩୪) ନାମକ ଜଣେ ଶ୍ରମିକ ତେଲଙ୍ଗାନାରେ ଏକ ଇଟାଭାଟିରେ କାମ କରିବା ବେଳେ ପ୍ରାଣ ହରାଇଛନ୍ତି। ଭାଟିର ଜଳନ୍ତା ପାଉଁଶ ଗଦା ଖସି ତାଙ୍କର ମୃତ୍ୟୁ ଘଟିଛି। ସୋମବାର ନୂଆପଡ଼ା ଜିଲ୍ଲା ଶ୍ରମ ବିଭାଗର ହସ୍ତକ୍ଷେପ ପରେ ମୃତଦେହକୁ ଉଦ୍ଧାର କରି



ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ୬ମାସ ତଳେ ତୃପନ ବାପା ରାଇଧରଙ୍କ ସହ ମିଶି କାମ କରିବାକୁ ଯାଇଥିଲେ। ତେଲଙ୍ଗାନାର ନାଲଗୁଣ୍ଡା ଜିଲ୍ଲା କୁରନୁଲସ୍ଥିତ ଜି.ଏମ୍‌ଆର ଇଟାଭାଟିରେ ନିୟୋଜିତ ହୋଇଥିଲେ। ରବିବାର ବିଳମ୍ବିତ ରାତିରେ ଇଟାଭାଟି ପୋଡ଼ିବା କାମ କରୁଥିବା ବେଳେ ହଠାତ ଭାଟିରୁ ପାଉଁଶ ଗଦା ତୃପନଙ୍କ ଉପରେ ଖସି ପଡ଼ିଥିଲା। ସେଠାରେ ପୋତି ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ପରିବାରଲୋକ ଜିଲ୍ଲା ଶ୍ରମ ବିଭାଗ କାର୍ଯ୍ୟାଳୟର ଦ୍ୱାରସ୍ଥ ହେବାରୁ ସେଠିକାର ଶ୍ରମ କମିଶନରଙ୍କ ସହ ସମ୍ପର୍କ କରିବାରୁ ମୃତଦେହକୁ ଉଦ୍ଧାର କରି ଏଠାକୁ ପଠାଇବାର ବ୍ୟବସ୍ଥା କରାଯାଇଥିବା ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ ସୂଚନା ଦେଇଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ଗାଁକୁ ମୃତଦେହ ଫେରିବ ବୋଲି ସେ କହିଛନ୍ତି।

## ଶିକାରୀ ଜାଲରେ ପଡ଼ି ଦନ୍ତା ମୃତ



**ସମ୍ବଲପୁର, ୨୭।୧(ସମିସ):** ସଦର ରେଞ୍ଜ ପାଞ୍ଚଫୁଟ ବିଟ୍‌ ଲବଡେରା-ବାଲବଙ୍ଗା ସଂରକ୍ଷିତ ଜଙ୍ଗଲରୁ ଏକ ଦନ୍ତା ହାତୀର ଶବ ଉଦ୍ଧାର ହୋଇଛି। ହାତୀଟି ଶିକାରୀଙ୍କ ଜାଲରେ ପଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ବନ ବିଭାଗ ତିନି ବଣ୍ଡଲ ଜିଆଇ ତାର, ବୈଦ୍ୟୁତିକ ଫାଶ ସରଞ୍ଜାମ ଉଦ୍ଧାର କରିଛି।

ସୂଚନାନୁସାରେ, ରବିବାର ସକାଳେ ସଦର ରେଞ୍ଜ ପାଞ୍ଚଫୁଟ୍‌ ବିଟ୍‌ ଲବଡେରା-ବାଲବଙ୍ଗା ସଂରକ୍ଷିତ ଜଙ୍ଗଲରୁ ଏକ ଦନ୍ତାର ମୃତଦେହ ସ୍ଥାନୀୟ ଲୋକ ଦେଖିଥିଲେ। ଏ ନେଇ ବନ ବିଭାଗକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ବନ ବିଭାଗ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସୋମବାର ଭୁବନେଶ୍ୱରରୁ ଆସିଥିବା ଜଏଣ୍ଟ ଟାସ୍କଫୋର୍ସର ଅଧିକାରୀ ଓ ବନ ବିଭାଗର କର୍ମଚାରୀଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ହୋଇଛି। ନମୁନା ସଂଗ୍ରହ କରି ଭୁବନେଶ୍ୱର ଲ୍ୟାବକୁ ପଠାଇ ଦିଆଯାଇଛି। ରେଞ୍ଜର ହରିଶଙ୍କର ନାୟକ, ମାନେଶ୍ୱର ବିଭିଓ ଡ. ସତ୍ୟନାରାୟଣ ପଣ୍ଡା ଓ ଯୁଯୁମୁରା ବିଭିଓ ସ୍ୱାଗତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶବର ବ୍ୟବଚ୍ଛେଦ ହୋଇଛି।

ହାତୀପଲ ଗତିପଥ ଟ୍ରାକ୍‌ କରିବାର ସୁବିଧା ବନ ବିଭାଗ ପାଖରେ ରହିଛି। ହାତୀପଲ ଜନବସତି ତଥା ଯେଉଁ ଜଙ୍ଗଲକୁ ପ୍ରବେଶ କଲେ ବନ ବିଭାଗର ରେଞ୍ଜ ଅନୁସାରେ ସମସ୍ତ ଟ୍ରାକ ରିପୋର୍ଟ ରହିଥାଏ। କେଉଁ ଅଞ୍ଚଳରେ ହାତୀ ଗତି କରୁଛି, କେତେ ସୁରକ୍ଷିତ ରହିଛି, ଜନବସତିମୁହାଁ ହେଉଛି କି ନାହିଁ ତାହା ଜାଣିବା ପାଇଁ ହାତୀକୁ ଟ୍ରାକ୍‌ କରାଯାଇଥାଏ। ସେଥିପାଇଁ ହାତୀ ଯାଉଥିବା ଅଞ୍ଚଳରେ ବନ ବିଭାଗ ଟ୍ରାକ୍‌ ରିପୋର୍ଟ ସଂଗ୍ରହ କରି ପ୍ରତିଦିନ ଆରସିସିଏଫ୍‌କୁ ହସ୍ତାନ୍ତର କରିଥାଏ। କିନ୍ତୁ ଜଙ୍ଗଲ ମଝିରେ ଶିକାରୀ ଜାଲ ପକାଇଲେ, ଜାଲରେ ପଡ଼ି ହାତୀର ମୃତ୍ୟୁ ହେଲା। କିନ୍ତୁ ବନ ବିଭାଗ କିଭଳି ଏତେ ବଡ଼ ପ୍ରସଙ୍ଗକୁ ଜାଣିପାରିଲା ନାହିଁ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହୃଦ୍‌ଘାତରେ ଟଳିପଡ଼ିଲେ...

ଗଣେଶଙ୍କ ପରିବାରଲୋକଙ୍କ କହିବାନୁଯାୟୀ, ଗଣେଶ ମୋଟ ଅଢ଼େଇ ଏକର ଜମିରେ ଫସଲ କରିଥିଲେ। ଏହି କ୍ରମରେ ୭୨କ୍ୱିଣ୍ଟାଲ୍‌ ଧାନ କିଣିବା ପାଇଁ ସରକାରଙ୍କ ପକ୍ଷରୁ ତାଙ୍କ ନିକଟକୁ ଟୋକନ୍‌ ଆସିଥିଲା। ଏଥିପାଇଁ ୧୦୦ ବସ୍ତା ଧାନ ନେଇ ମଣ୍ଡିକୁ ଯାଇଥିଲେ। କିନ୍ତୁ ସେ ନେଇଥିବା ଧାନର ମାନ ଖରାପ ବୋଲି ଦର୍ଶାଇ ମାତ୍ର ୧୫ବସ୍ତା ଧାନ ନେଇ ବାକି ସବୁ ଧାନ ବସ୍ତା ଫେରାଇ ଦେଇଥିଲେ ମିଲର୍‌। ନିଜର ଧାନକୁ ବିକ୍ରି କରିବା ପାଇଁ ବାରମ୍ବାର ଦୌଡ଼ିବା ପରେ ଗଣେଶ ନିରାଶ ହୋଇପଡ଼ିଥିଲେ। ମଣ୍ଡିରୁ ଫେରିବା ପରେ ସେ ମାନସିକ ଚାପରେ ରହୁଥିଲେ। ଯେଉଁଥିପାଇଁ ତାଙ୍କର ହୃଦ୍‌ଘାତ ହୋଇଥିଲା ବୋଲି ପରିବାରଲୋକ ଅଭିଯୋଗ କରିଛନ୍ତି।

### ଆଜିଠାରୁ ଉତ୍କର୍ଷ...

ଏକ ଶିଳ୍ପ ବିପ୍ଳବ ସୃଷ୍ଟି ହେବ। ସମ୍ମିଳନୀରେ ୪ଟି ପ୍ଳେନାରୀ ସେସନ ସହ ୧୬ଟି ୭କ୍ଷେତ୍ରୀୟ ଅଧିବେଶନ ଅନୁଷ୍ଠିତ ହେବ। ଗତ ୭ ମାସ ମଧ୍ୟରେ ରାଜ୍ୟ ସରକାର ୨ ଲକ୍ଷ ୭୫ ହଜାର କୋଟି ମୂଲ୍ୟର ୧୫୯ଟି ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ପ୍ରାୟ ୨ ଲକ୍ଷ ୧୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା ପୂରଣ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। କେବଳ ଧାତବ ନୁହେଁ, ଯେଉଁ କ୍ଷେତ୍ରରେ ରାଜ୍ୟରେ ନିବେଶ କମ୍‌ ରହିଥିଲା ସେହି କ୍ଷେତ୍ରଗୁଡ଼ିକ ପାଇଁ ରାଜ୍ୟରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ବିଭିନ୍ନ କ୍ଷେତ୍ର ଯଥା ଗ୍ରୀନ ହାଇଡ୍ରୋଜେନ୍‌, ଅକ୍ଷୟ ଉର୍ଜା, ଅଟୋମୋବାଇଲ, ଅଟୋ କମ୍ପୋନେଟ କେମିକଲ୍ସ, ପେଟ୍ରୋକେମିକାଲ୍ସ, ସେମିକଣ୍ଡକ୍ଟର କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା ଓଡ଼ିଶାରେ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେହିପରି ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ଅଟୋ ମୋବାଇଲ ଏବଂ ଅଟୋ କମ୍ପୋନେଟ କ୍ଷେତ୍ରରେ ଆମେ ଅଧିକ ନିବେଶ ଆଶା ରଖିଛୁ। ବିଶେଷକରି ରେଲୱେ ୱାଗନ ଏବଂ ଯନ୍ତ୍ରାଂଶ କ୍ଷେତ୍ରରେ ଆମେ ଭଲ ନିବେଶ ପ୍ରସ୍ତାବ ପାଇବୁ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ସୂଚନାନୁସାରେ ସମ୍ମିଳନୀରେ ଓଡ଼ିଶାର ସହଭାଗୀ ଦେଶ ସିଙ୍ଗାପୁର, ଅଷ୍ଟ୍ରେଲିଆ ଓ ମାଲେସିଆ ସେମାନଙ୍କର ଉନ୍ନତ ଜ୍ଞାନକୌଶଳ ଆଧାରିତ ବିଶେଷତା ଏଠାରେ ପ୍ରଦର୍ଶିତ କରିବେ। ଓଡ଼ିଶା ସହ ଥିବା ସେମାନଙ୍କର ଗଭୀର ସହଭାଗିତାକୁ ଏଠାରେ ପ୍ରୋତ୍ସାହିତ କରିବେ। ସେହିପରି ଅନ୍ୟ ଦେଶ ଯଥା ୟୁକେ, ୟୁଏସଏ, ଭିଏତନାମ, ଜିମ୍ବାୱେ, କାଜାଖାସ୍ତାନ, ଭେନୁଜୁଏଲା, ନେପାଳଆଦି ଦେଶର ପ୍ରତିନିମାନେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।

### ହାତ ଟେକି ଦେଲେ...

ଅଫିସର କହୁଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ଯଦିଓ କଟ୍‌ନୀଛଟ୍‌ନୀରେ ସହଯୋଗ କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ଓ ମିଲରମାନଙ୍କୁ କଳାତାଲିକାଭୁକ୍ତ କରାଯିବ ବୋଲି ଚେତାବନୀ ଦେଇଛନ୍ତି; ତାହା ସାଧାରଣ ଲୋକ ବିଶ୍ୱାସ କରିପାରୁ ନାହାନ୍ତି। ଅନ୍ୟପକ୍ଷରେ କେଉଁ ଆଇଏଏସ୍‌ ମନ୍ତ୍ରୀଙ୍କୁ ଏପରି ଚାଷୀ ବିରୋଧୀ ପରାମର୍ଶ ଦେଇଛନ୍ତି ତାହା ମନ୍ତ୍ରୀ ମଧ୍ୟ ସ୍ପଷ୍ଟ କରି ନ ଥିଲେ ହେଁ ତାଙ୍କର ସ୍ପଷ୍ଟବାଦିତାକୁ ଅନେକ ପସନ୍ଦ କରିଛନ୍ତି।

ଅନ୍ୟପକ୍ଷରେ ଯୋଗଣ ମନ୍ତ୍ରୀଙ୍କ ଏପରି ଟିପ୍ପଣୀ ପରେ ସରକାରଙ୍କୁ ଘେରିଛି ବିଜେଡି। ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ଅଫିସରମାନେ ମନ୍ତ୍ରୀଙ୍କୁ ବିଭ୍ରାନ୍ତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମନ୍ତ୍ରୀଙ୍କୁ ପରାମର୍ଶ ଦେବାର ଅଧିକାର ଅଫିସର ବା ଆଇଏଏସ୍‌ମାନଙ୍କର ନାହିଁ। କେମଳ ମୁଖ୍ୟମନ୍ତ୍ରୀ ହିଁ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ତେଣୁ ଯେଉଁ ଅଫିସର ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ଏପରି ପରାମର୍ଶ ଦେଇଛନ୍ତି, ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଶ୍ରୀ ବେହେରା ଦାବି କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ଅରୁଣ ସାହୁ କଟୁ ଶବ୍ଦରେ ମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ମନ୍ତ୍ରୀମାନେ ବିଭାଗର ମୁଖ୍ୟ। ସବୁ ମନ୍ତ୍ରୀ କହୁଛନ୍ତି ବିଭାଗ ସହ ଆଲୋଚନା କରୁଛୁ। ମାତ୍ର ମିଲରଙ୍କ ସହ ସରକାରଙ୍କ ମଧୁଚନ୍ଦ୍ରିକା ଚାଲିଛି। ପାଠଶାଠ ନ ଥିବାରୁ ଯୋଗାଣମନ୍ତ୍ରୀ ବାବୁଙ୍କ ହାତରେ ଦାୟିତ୍ୱ ଛାଡ଼ି ଦେଇଛନ୍ତି। କଟ୍‌ନୀଛଟ୍‌ନୀ ୧୦ କେଜି ଯାଏ ଚାଲିଛି। ଡବଲ ଇଞ୍ଜିନ ସରକାରରେ ଡବଲ କଟ୍‌ନୀଛଟ୍‌ନୀ ଡ଼ବଲ ହୋଇଛି ବୋଲି ଶ୍ରୀ ସାହୁ କହିଛନ୍ତି। ଅନୁରୂପ ଭାବରେ କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗ ମଧ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ରାଜ୍ୟରେ ମନ୍ତ୍ରୀଙ୍କ କଥା ଅଫିସରମାନେ ମାନୁନାହାନ୍ତି। ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ମୁଖ୍ୟମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବା ଦରକାର। ମନ୍ତ୍ରୀ ନିଜର ଅସହାୟତା ପ୍ରକାଶ କରୁଛନ୍ତି। ମଣ୍ଡିରେ ଧାନ ପଡ଼ି ରହିଛି। ବିଜେପି ସରକାରରେ ବାବୁ ରାଜ ଚାଲିଛି ବୋଲି ସେ କହିଛନ୍ତି।

### ଖାଦ୍ୟ ମାଗିଲେ...

ମଧ୍ୟ ମୃତ୍ୟୁ ହୋଇଛି। ସମ୍ବଲପୁର ନେତାଜୀନଗରସ୍ଥିତ ‘ସମର୍ଥ’ ଅନୁଷ୍ଠାନରେ ରହୁଥିବା ମାନସିକ ବିକାରଗ୍ରସ୍ତ ଅନ୍ତେବାସୀଙ୍କ ପ୍ରତି ଏ ପ୍ରକାରର ଲୋମଟାଙ୍କୁରା, ସଇତାନୀ ଅତ୍ୟାଚାର ପଦାକୁ ଆସିବା ପରେ ଜିଲ୍ଲାବ୍ୟାପୀ ହଇଚଇ ସୃଷ୍ଟି ହୋଇଛି। ପୂର୍ବରୁ ସେଠାରେ ସହାୟିକ ଭାବେ କାମ କରୁଥିବା ଜଣେ ମହିଳା ଏ ନେଇ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କୁ ଅଭିଯୋଗ କରିବା ପରେ ପୂରା ଘଟଣା ସାମ୍ନାକୁ ଆସିଛି। କାର୍ଯ୍ୟାନୁଷ୍ଠାନସ୍ୱରୂପ ଧନୁପାଲି ପୁଲିସ୍‌ ଅନୁଷ୍ଠାନର ସମ୍ପାଦକ ହରିଶ ଚନ୍ଦ୍ର ଦାସ ଓ ସହାୟିକା ସ୍ୱାଗତିକା ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅପରପକ୍ଷେ, ଅନ୍ତେବାସୀଙ୍କୁ ନିର୍ଯାତନାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଅପରପକ୍ଷେ, ଏହି ଘଟଣାକୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନିନ୍ଦା କରିବା ସହ ଏହି ଅନୁଷ୍ଠାନକୁ କଳା ତାଲିକାଭୁକ୍ତ କରିବାକୁ ଏସ୍‌ଏସ୍‌ଇପିଡ଼ିଙ୍କୁ ଚିଠି ଲେଖିଛନ୍ତି।

ସୂଚନାନୁଯାୟୀ, ମାନସିକ ବିକାରଗ୍ରସ୍ତଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ହରିଶ ‘ସମର୍ଥ’ ନାମକ ଏକ ବେସରକାରୀ ଅନୁଷ୍ଠାନ (ଏନଜିଓ) ଖୋଲିଥିଲେ। ହରିଶ ତା’ର ସଂପାଦକ ଥିଲେ। ଏବେ ଏଠାରେ ୪୪ ଅନ୍ତେବାସୀ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ୧୭ଜଣ ମହିଳା। କିନ୍ତୁ ସେବା ନାମରେ ଏଠାରେ ଅନ୍ତେବାସୀଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରାଯାଉଥିବା ଅଭିଯୋଗ ହୋଇଛି। ହରିଶ ଓ ସହାୟିକା ଭାବେ କାମ କରୁଥିବା ସ୍ୱାଗତିକା ଅନ୍ତେବାସୀଙ୍କ ଉପରେ ଅତି ନିର୍ମମ ଅତ୍ୟାଚାର କରୁଥିଲେ। ଅନ୍ତେବାସୀଙ୍କ ପ୍ରତି ଏଭଳି ନିର୍ଯାତନା ଦେଖି ସେଠାରେ ପୂର୍ବରୁ କାମ କରିଥିବା ଲିପିକା ଦର୍ଜି କାମ ଛାଡ଼ି ଦେଇଥିଲେ। ତେବେ ଲିପିକା ଏ ସଂପର୍କରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପୂରା ଘଟଣା ପଦାକୁ ଆସିଥିଲା। ବିଧାୟକ ଶ୍ରୀ ହରିପାଲ ପୁଲିସ୍‌କୁ ଏ ସଂପର୍କରେ ଜଣାଇବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ବିଧାୟକଙ୍କ ଉପସ୍ଥିତିରେ ଆଜି ସେଠାରେ ଚଢ଼ଉ କରାଯାଇ ହରିଶ ଓ ସ୍ୱାଗତିକାଙ୍କୁ ଗିରଫ କରାଯାଇଛି। ଏନେଇ ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି ଯେ ସମସ୍ତ ଭିଡିଓକୁ ଦେଖି ତଦନ୍ତ କରାଯିବ।

### ବସ୍‌ ଓଲଟି...

ଏବଂ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ସାମାନ୍ୟ ଆହତଙ୍କୁ ୫ ହଜାର, ଗୁରୁତରମାନଙ୍କୁ ୧୦ରୁ ୨୦ ହଜାର ଓ ସରକାରଙ୍କ ପକ୍ଷରୁ ସମସ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ଜିଲ୍ଲାପାଳ ଅବଦଲ ଏମ ଅଖତର୍‌ ସୂଚନା ଦେଇଛନ୍ତି। ଏହାସହ ଜିଲ୍ଲାପାଳ ହସ୍ପିଟାଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଅପରପକ୍ଷେ, ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛି। ତାକୁ ଖୋଜା ଚାଲିଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି।

### ୪ ଫାଇନାନ୍ସ...

ଭୋଳାସିଙ୍ଗି ଗ୍ରାମର ପୃଥ୍ୱୀରାଜ ସାହୁ(୨୪)। ଏହି ଘଟଣାରେ ବ୍ରହ୍ମପୁର ସହରର ଦୁର୍ଦ୍ଦାନ୍ତ ଅପରାଧୀ ‘ଦଣ୍ଡ’ ସମେତ ମୋଟ ୬ ଜଣଙ୍କ ସମ୍ପୃକ୍ତି ଥିବା ପୁଲିସ୍‌ର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ପୁଲିସ୍‌ ସୂଚନାନୁଯାୟୀ, ପୃଥ୍ୱୀରାଜ ଓ ତା’ର କିଛି ସହଯୋଗୀ ଚିକିଟିରେ ଏକ ପ୍ରକଳ୍ପ ପାଇଁ ଋଣ କରାଇଦେବାର ଆଳ ଦେଖାଇ ଫୋରିମିନିକ୍ସ ଇଣ୍ଡିଆ ପ୍ରାଇଭେଟ୍‌ ଲିମିଟେଡ୍‌ ନାମକ ଏକ ଫାଇନାନ୍ସ କମ୍ପାନୀର ୪ କର୍ମଚାରୀ କଟକ ଗୋବିନ୍ଦପୁରର ବ୍ରହ୍ମାନନ୍ଦ ପାତ୍ର(୪୫), ତୁଳସୀପୁରର ଅହମ୍ମଦ ଖାନ୍‌(୫୬), ଭୁବନେଶ୍ୱର ନହରକଣ୍ଟାର ଅମରଜିତ ସାମନ୍ତସିଂହାର(୨୪) ଓ ଦିଲ୍ଲୀର ରବୀନ୍ଦ୍ର କୁମାର(୪୯)ଙ୍କୁ ବ୍ରହ୍ମପୁରକୁ ଡାକିଥିଲେ। ଏମାନେ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ୪ଜଣଙ୍କୁ ଅପହରଣ କରି ଚିକିଟିଗଡ଼ରେ ଥିବା ଏକ ଭଙ୍ଗାଦଦରା କୁଡ଼ିଆକୁ ନେଇଯାଇଥିଲେ। ସେଠାରେ ୪ ଦିନ ଧରି ସମସ୍ତଙ୍କୁ ନାନା ନିର୍ଯାତନା ଦେବା ସହ ନାଗସାପ ଦେଖାଇ ୨କୋଟି ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଲେ ଜୀବନରୁ ମାରିଦେବେ ବୋଲି ମଧ୍ୟ ଧମକ ଦେଇଥିଲେ। ତେବେ ରବିବାର ଦିନ ଅପହୃତ ଅମରଜିତ୍‌ କୌଶଳକ୍ରମେ ସେମାନଙ୍କ କବଳରୁ ଖସି ଆସି ଚିକିଟି ତହସିଲଦାରଙ୍କୁ ସବୁ କଥା ଜଣାଇଥିଲେ। ତହସିଲଦାର କେ.ନୂଆଗାଁ ଥାନାକୁ ଅବଗତ କରିବା ପରେ ପୁଲିସ୍‌ ତୁରନ୍ତ ସମ୍ପୃକ୍ତ ଘରେ ଚଢ଼ଉ କରି ବାକି ୩ ଫାଇନାନ୍ସ କର୍ମଚାରୀଙ୍କୁ ସୁରକ୍ଷିତ ଉଦ୍ଧାର କରିବା ସହ ୩ଟି ନାଗସାପକୁ ଉଦ୍ଧାର କରିଥିଲା। ଉଦ୍ଧାର ସାପଗୁଡ଼ିକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏହି ଘଟଣାରେ ପୁଲିସ ପୃଥ୍ୱୀରାଜ ସାହୁଙ୍କୁ ଗିରଫ କରି ପଚରାଉଚରା କରିଛି। ତେବେ ଫେରାର୍‌ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ୩ଟି ଟିମ୍‌ ଗଠନ କରାଯାଇ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢ଼ଉ ଜାରି ରହିଛି ବୋଲି ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ କହିଛନ୍ତି। ଫାଇନାନ୍ସ କର୍ମଚାରୀମାନେ କିଭଳି ଅଭିଯୁକ୍ତଙ୍କ ସହ ସଂସ୍ପର୍ଶରେ ଆସିଲେ, ସେନେଇ ଅଧିକ ତଦନ୍ତ ଚାଲିଥିବା ସେ କହିଛନ୍ତି। ଅପରପକ୍ଷେ, ଅଭିଯୁକ୍ତମାନଙ୍କ ମଧ୍ୟରେ ବ୍ରହ୍ମପୁରର ୨ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସମ୍ପୃକ୍ତ ରହିଥିବା ବେଳେ ଅନ୍ୟ ୩ଜଣ ଚିକିଟି ଅଞ୍ଚଳର ବୋଲି ପୁଲିସ୍‌ ଜାଣିବାକୁ ପାଇଛି। ସମସ୍ତଙ୍କୁ ଖୁବଶ୍ରୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

ଅନ୍ୟପଟେ ରବିବାର ପୁଲିସ୍‌ର ଚଢ଼ଉ ବେଳେ ସମ୍ପୃକ୍ତ ଘର ପଛପଟେ ଗଞ୍ଜେଇ ଚାଷ ହୋଇଥିବା ପୁଲିସ ଜାଣିବାକୁ ପାଇଥିଲା। ଏନେଇ ପୁଲିସ ପକ୍ଷରୁ ଅବକାରୀ ବିଭାଗକୁ ସୂଚନା ଦିଆଯିବା ପରେ ଅବକାରୀ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ ହୋଇଛି। ଗଞ୍ଜେଇ ଗଛ କିଏ ଲଗାଇଥିଲା, କେତେ ବର୍ଷ ଧରି ଏହି ବେନିୟମ ଚାଷ କରାଯାଉଛି, ସେନେଇ ଅଧିକ ତଦନ୍ତ ଚାଲିଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

## ଫାର୍ମ ହାଉସ୍‌ରେ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ

**ଅନୁଗୋଳ, ୨୭ ।୧(ସମିସ):** ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ଅନ୍ତର୍ଗତ ରଗୁଡ଼ିତଇଲା ଗାଁର ଏକ ଫାର୍ମହାଉସ୍‌ରେ କାମ କରୁଥିବା ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ, ଶରଧାପୁର ଗଦେଇମୁଣ୍ଡା ଗାଁର ସୁର ପ୍ରଧାନ ଓ ତାଙ୍କ ସ୍ତ୍ରୀ ସୁକାନ୍ତି ପ୍ରଧାନ। ସୁର ଓ ସୁକାନ୍ତି ପ୍ରାୟ ବର୍ଷେ ହେବ ରଗୁଡ଼ିତଇଲାର ଭାବଗ୍ରାହୀ ଦେହୁରୀଙ୍କ ଫାର୍ମ ହାଉସ୍‌ରେ ରହି ଚାଷ କାମ କରୁଥିଲେ। ରବିବାର ରାତିରେ ଉଭୟ ଚାଷଜମି ନିକଟରେ ପଡ଼ିଥିବା ଦେଖି ଭାବଗ୍ରାହୀ ପୁଲିସ୍‌କୁ ଜଣାଇଥିଲେ। ପୁଲିସ୍‌ ସେମାନଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସୋଲାର୍‌ ବାଡ଼ ଲାଗି ଉଭୟଙ୍କ ମୃତ୍ୟୁ ଘଟିଥିବା ଭାବଗ୍ରାହୀଙ୍କ ସ୍ତ୍ରୀ କହୁଥିବା ବେଳେ ମୃତକଙ୍କ ପରିବାର ଓ ସମ୍ପର୍କୀୟ ଏନେଇ ସନ୍ଦେହ ପ୍ରକଟ କରି ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଅନ୍ୟପଟେ ତଦନ୍ତ ନିମନ୍ତେ ବିଦ୍ୟୁତ ବିଭାଗ ଅଧିକାରୀ ଏବଂ ଅନୁଗୋଳ ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାଥମିକ ଅନୁସନ୍ଧାନରୁ ସୋଲାର ବାଡ଼ରେ ଲାଗି ଉଭୟଙ୍କ ମୃତ୍ୟୁ ହୋଇଥିବା ଏସ୍‌ଡିପିଓ ରମାକାନ୍ତ ମହାଳିକ କହିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

### ୪୦୫୬ ଭୋଟ୍‌...

ଲୋକସଭା ଏବଂ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତନ୍ମଧ୍ୟରୁ ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ ସିକ୍କିମରେ ଲୋକସଭା ଏବଂ ବିଧାନସଭା ପାଇଁ ହୋଇଥିବା ମତଦାନରେ ପ୍ରାୟ ୮୧୯୧୬ ଭୋଟର ପାର୍ଥକ୍ୟ ରହିଛି। ଅର୍ଥାତ୍‌ ଉପରୋକ୍ତ ୩ଟି ରାଜ୍ୟରେ ପ୍ରତ୍ୟେକ ମତଦାତା ଗୋଟିଏ ସ୍ଥାନରେ ଦୁଇଟି ଇଭିଏମ ମେସିନରେ ଗୋଟିଏ ଲେଖାଏଁ ମୋଟ ୨ଟି ଭୋଟ ଦେଇଥିଲେ। ଗୋଟିଏ ବିଧାନସଭା ପାଇଁ ଉଦ୍ଦିଷ୍ଟ ଥିଲା ବେଳେ ଅନ୍ୟଟି ଲୋକସଭା ପାଇଁ ଉଦ୍ଦିଷ୍ଟ ଥିଲା। ତେଣୁ ଉଭୟ ମାମଲାରେ ଭୋଟସଂଖ୍ୟା ସ୍ୱାଭାବିକ ସମାନ ହେବା କଥା; ମାତ୍ର ଉପରୋକ୍ତ ୩ଟି ରାଜ୍ୟରେ ଲୋକସଭା ଏବଂ ବିଧାନସଭା ମତଦାନରେ ୮୧୯୧୬ ଭୋଟ ବ୍ୟବଧାନ ରହିଥିବା ‘କ୍ୱିଣ୍ଟ’ ରିପୋର୍ଟରେ ଉଲ୍ଲେଖ ରହିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାର ସମସ୍ତ ୨୧ଟି ଲୋକସଭା ଆସନରେ ଏପରି ମତଦାନରେ ଅନ୍ତର ଥିବା ନେଇ ପୂର୍ବରୁ ରିପୋର୍ଟ ପ୍ରକାଶିତ ହୋଇଥିବା ବେଳେ ବିଜେଡି ମଧ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରସ୍ଥ ହୋଇଛି। ବିଜେଡିର ଅଭିଯୋଗ ଅନୁଯାୟୀ ଓଡିଶାର ପ୍ରାୟ ୫୦ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଦାନ ହାର ଏବଂ ଗଣତି ହୋଇଥିବା ଭୋଟରେ ତାଳମେଳ ନାହିଁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ବାଚନମଣ୍ଡଳୀରେ ଭୋଟ ବ୍ୟବଧାନ ୩୦ ପ୍ରତିଶତରୁ ଅଧିକ ରହିଛି ବୋଲି ବିଜେଡି ଅଭିଯୋଗ କରିଥିଲା। ଅପରପକ୍ଷେ ଜାତୀୟସ୍ତରରେ ବିଶେଷଜ୍ଞଙ୍କ ଅଭିଯୋଗ ଅନୁଯାୟୀ ନିର୍ବାଚନ ଆୟୋଗ ମତଦାନ ସନ୍ଧ୍ୟାରେ ଦେଇଥିବା ଆକଳନ ଏବଂ ଚୂଡ଼ାନ୍ତ ଭୋଟ ହାରରେ ବିଳମ୍ବ ଓ ଅସମ୍ପୂର୍ଣ୍ଣ ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ସେହିପରି ମତଦାନ ବେଳେ ବିସ୍ତୃତ ବିବରଣୀ ଉଲ୍ଲେଖ ଥିବା ଫର୍ମ-୧୭(ସି)କୁ ସାର୍ବଜନୀନ କରାଯିବା କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରିବା ଯେତିକି ଆଶ୍ଚର୍ଯ୍ୟ ସୃଷ୍ଟି କରିଛି, ତା’ଠୁ ଅଧିକ ସନ୍ଦେହ ସୃଷ୍ଟି କରିଛିଁ ନିର୍ବାଚନ ସମ୍ବନ୍ଧୀୟ ଦସ୍ତାବିଜ୍‌କୁ ସାର୍ବଜନୀନ ନ କରିବା ପାଇଁ ନିର୍ବାଚନ ଧାରା ୯୩ (୨)କୁ ସଂଶୋଧନ। ଏପରି ସମ୍ବେଦନଶୀଳ ଘଟଣାରେ ନିର୍ବାଚନ ଆୟୋଗଙ୍କ ନିରବତା ଦେଶର ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରିଛନ୍ତି।


A-965

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**MINOR IRRIGATION DIVISION, KANDHAMAL.**
Telephone /Fax No-06842-253634
E-Mail : www.kmidplb@gmail.com

**BID IDENTIFICATION No-12/2024-25/81 Date.: 22.01.2025**

The Superintending Engineer, Minor Irrigation Division, Kandhamal on behalf of Governor of Odisha invites **Percentage rate bids in double cover system only in "ON LINE" mode** for the Construction of works detailed in the table from"B" Class Contractors only registered with the State Government and contractors of equivalent Grade/Class registered with Central Government /M.E.S/ Railways for execution of civil works on production of definite proof from the appropriate authority. The bidders may submit bids for any or all the following works.

| | | | |
|---|---|---|---|
| 1. | Name of the works | :- | Construction of Check Dams for the year 2024-25 under MATY. |
| 2. | Total No. of works. | :- | **05 (five) Nos.** |
| 3. | Estimated Cost | :- | Rs. 50.10 lakh to Rs.99.21 lakh Approximately |
| 4. | Class of Contractor. | :- | **"B" Class only** |
| 5. | Period of completion. | :- | 180 (One Hundred eighty) days. |
| 6. | Date & time of Availability of bid Document in the Portal for online bidding. | :- | 29/01/2025 at 10 A.M. to 07/02/2025 up to 5.30 PM. |
| 7. | Last date/Time for receipt of Bid only in ONLINE. | :- | 07/02/2025 up to 5.30 PM. |
| 8. | Date/Time of Opening of Technical Bid. | :- | 10/02/2025 at 11.00 AM. at Office of the Superintending Engineer, M.I. Division, Kandhamal. |
| 9. | Date/ Time of Opening of Financial Bid | :- | 7/02/2025 at 11.00 AM. at Office of the Superintending Engineer, M.I. Division, Kandhamal. |
| 10. | Name & Address of the Officer Inviting the Bid. | :- | Office of the Superintending Engineer, M.I. Division, Kandhamal. |

11. Further details can be seen from the "e" Procurement Portal https://tendersodisha.gov.in

Sd/- Er. Manaranjan Hansdah
Superintending Engineer
M.I. Division, Kandhamal

OIPR - 32487/11/0007/2425



**AFFIDAVIT**

I Abubakar Sek, F/o.: Sk Md Imtiyaz, Resident of At: Haldia, PO.: Thakurapatna, Dist.: Kendrapara, PIN-754250, Odisha, declare by this affidavit No.: 38, dtd 14.01.2025 that now onwards I shall be known as **SK ABUBAKAR** for all future purposes.

**AFFIDAVIT**

**I Sek Mohammad Imtiyaz,** S/o.: Sk Abubakar, Resident of At: Haldia, PO.: Thakurapatna, Dist.: Kendrapara, PIN-754250, Odisha, declare by this affidavit No.: 38 dtd 14.01.2025 that now onwards I shall be known as **SK MD IMTIYAZ** for all future purposes.

**AFFIDAVIT**

By an affidavit notarized on Dtd. 03/01/2025 I, **Priyadarshini Nayak,** W/o- Karna Chadan, resident of At: Dangaeju, P.O.- Badimunda, P.S.- Tikabali, Dist.- Kandhamal -762010 declare that I have changed my name from **Priyadarshini Chandan to Priyadarshini Nayak.** Henceforth, I shall be known as **Priyadarshini Nayak** for all purposes.

**AFFIDAVIT**

By an affidavit sworn before Executive Magiststrate, G. Udayagiri on dtd. 15/01/2025. I, **Jadab Pradhan,** S/o- Late Paranga Pradhan, Vill-Kanabindha (Mahanaju), PO- G. Rambha, PS-Bhanjanagar, Dist- Ganjam, Pin- 761132, Odisha declare that I have changed my minor daughter's name from **Janashree Pradhan to Anisha Pradhan.** Henceforth, she shall be known as **ANISHA PRADHAN** for all purposes.

**AFFIDAVIT**

I, Amiya Ranjan, S/o- Prafulla Chandra Beura, resident of Plot No-1814/4023, Lane No-4, Sriram Nagar, Ps- Lingaraj, Dist- Khordha, Pin- 751002, Bhubaneswar, Odisha. Declare by this affidavit No. 216, dated- 27/01/2025 that now onwards I shall be known as **AMIYA (Surname- RANJAN)** for all future purposes.

**AFFIDAVIT**

By virtue of an affidavit sworn before me dated 27.01.2025 I P Puspanjali Prusty, resident of Plot No.117, Sikharchandi Nagar, Patia, Bhubaneswar, Dist.- Khordha, Odisha, Pin-751024 declare that I have changed my name from P Puspanjali Reddy to P Puspanjali Prusty. Henceforth, I shall be known as **P Puspanjali Prusty** for all purpose.

**AFFIDAVIT**

I, Rajeswar Kullu, S/o- lliash Kullu, resident of At- Water Point Road, Kansbahal, Dist- Sundargarh, Pin-770034, Odisha declared by this affidavit No. 236, dtd- 27/01/2025 that now onwards I shall be known as **RAJESHWAR KULLU** for all future purposes.

**AFFIDAVIT**

I Kailash Jain, s/o Late Ram Chandra Jain resident of Ward no-6, Railway Station road, Po-Titlagarh-767033, Dist-Balangir, Odisha, declared by this affidavit Sl No 288, dt- 24.01.2025 that now onwards I shall be known as KAILASH CHANDRA JAIN for all future purposes.

# ସମ୍ପାଦକୀୟ



ବିଶ୍ୱରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ନିକଟରେ ଅଧିକ ସମୟ ଏବଂ ଅନେକ ଉପାଦାନ ଲୁଚି ରହିଥାଏ।
- ଓସ୍କାର ୱାଇଲ୍ଡ

ସକାଳ
THE SAKALA

## ସନ୍ଧି ସଞ୍ଜୀବନୀ

ଇସ୍ରାଏଲ୍ ଓ ହମାସ ମଧ୍ୟରେ ସ୍ୱାକ୍ଷରିତ ସନ୍ଧି ବିଶ୍ୱବାସୀଙ୍କ ପାଇଁ ନିଶ୍ଚୟ ବଡ଼ ଉପଲବ୍ଧି। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ପଦରେ ଅବସ୍ଥାପିତ ହେବା ପୂର୍ବରୁ ତାଙ୍କ ପ୍ରତିନିଧି ଷ୍ଟିଭ ୱିଟକଫଙ୍କ ଧମକପୂର୍ଣ୍ଣ ଆଭିମୁଖ୍ୟ ଦୋହା ଆଲୋଚନାକୁ ସଫଳ କରିବାରେ ସହାୟକ ହୋଇଛି। ୪୨ ଦିନବ୍ୟାପୀ ଏହି ଯୁଦ୍ଧ ବିରତି ସମୟରେ ଇସ୍ରାଏଲ ଓ ହମାସ ଯଥାକ୍ରମେ ଯୁଦ୍ଧ ବନ୍ଦୀ ଓ ପଣବନ୍ଦୀଙ୍କୁ ପର୍ଯ୍ୟାୟକ୍ରମେ ମୁକ୍ତ କରିବେ। ଉଭୟ ପକ୍ଷରୁ ଏହି ସର୍ତ୍ତ ପାଳନ ହେଉଥିବାର ଲକ୍ଷ୍ୟ ରଖାଯାଇଛି। ହମାସକୁ ସମ୍ପୂର୍ଣ୍ଣ ରୂପେ ନିପାତ ଲକ୍ଷ୍ୟରେ ଇସ୍ରାଏଲ୍ ୧୫ ମାସ ଧରି ଚଳାଇଥିବା ଯୁଦ୍ଧର ଏହି ବିରତି କ'ଣ ସ୍ଥାୟୀ ସମାଧାନର ପଥ ଉନ୍ମୁକ୍ତ କରିବ? ଯେତେଦୂର ମନେ ହୁଏ ଏହି ସନ୍ଧି ହମାସ ସକାଶେ ସଞ୍ଜୀବନୀ ସଦୃଶ ଜୀବନଦାନର ସୁଯୋଗ ସୃଷ୍ଟି କରିଛି। ଗାଜାରେ ଏବେ ବିପର୍ଯ୍ୟୟ ଓ ବିଧ୍ୱଂସ ସତ୍ତ୍ୱେ ଧ୍ୱଂସସ୍ତୂପ ଉପରେ ନିଜର ପତାକା ଉଡ଼ାଇ ହମାସ ଅପୂର୍ବ ପୋଷାକରେ ସଜ୍ଜିତ ନିରାପତ୍ତା ବାହିନୀ ଓ ପୁଲିସ ମୁତୟନ କରି ପ୍ରଶାସନିକ କାର୍ଯ୍ୟାରମ୍ଭ କରିଛି। ଏହି ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ସବୁ ମହଲରେ ବିସ୍ମୟ ସୃଷ୍ଟି କରିଥିବା ବେଳେ ଉଭୟ ଇସ୍ରାଏଲ ଓ ପାଲେଷ୍ଟାଇନ୍ ପକ୍ଷରୁ ଗାଜାର ଭବିଷ୍ୟତ କ୍ଷମତା ଢାଞ୍ଚାକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଜାରି କରାଯାଇଛି। ହମାସ ସଂଗଠନକୁ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ କରିବାର ପ୍ରୟାସ ତ ବିଫଳ ହୋଇଛି। ଏବେ କିନ୍ତୁ ଇସ୍ରାଏଲ ନିଜର ସୁରକ୍ଷା ଓ ନିରାପତ୍ତା ପ୍ରତି ନୂଆ ବିପଦ ମୁଣ୍ଡଟେକୁ ଥିବାର ସ୍ୱୀକାର କରିଛି। ଏଠାରେ ମନେ ରଖିବାକୁ ହେବ ଯେ ଏହା ସ୍ଥାୟୀ ବିରତି ନୁହେଁ, ହମାସର ଆଭିମୁଖ୍ୟ ଗାଜାରେ ପୁଣି ନୂଆ ବିପଦ ସୃଷ୍ଟି କରିପାରେ।

ଯୁଦ୍ଧ ବିରତିର ସୁଯୋଗ ନେଇ ହମାସର କାର୍ଯ୍ୟକଳାପକୁ ଅନୁଶୀଳନ କଲେ ମନେ ହୁଏ, ସେମାନେ ଗାଜାରେ ସ୍ଥାୟୀ ଆସ୍ଥାନ ଜମାଇ ପୁଣି କିଛି ଭୟଙ୍କର ପରିସ୍ଥିତି ସୃଷ୍ଟି କରିପାରନ୍ତି। ଏକଥା ସତ ଯେ ସଂଗଠନ କେବଳ ଦୁର୍ବଳ ହୋଇନି, ସାମରିକ ଦୃଷ୍ଟିରୁ ନିଷ୍କ୍ରିୟ ବି ହୋଇଛି। ଅନ୍ୟପକ୍ଷରେ ଇସ୍ରାଏଲ ଉଭୟ କୂଟନୈତିକ ଓ ପ୍ରତିରକ୍ଷା ପାରଦର୍ଶିତା ପ୍ରଦର୍ଶନ କରି ମଧ୍ୟପ୍ରାଚ୍ୟରେ ଏକ ପ୍ରଭାବଶାଳୀ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଛି। କହିବା ବାହୁଲ୍ୟ ଯେ ଆମେରିକା-ଇସ୍ରାଏଲ ସମ୍ପର୍କ ଅତୁଟ ରହିଛି ଏବଂ ଆଗକୁ ମଧ୍ୟ ତାହା ବଳବତ୍ତର ରହିବ। ଆମେରିକାରେ କ୍ଷମତା ପରିବର୍ତ୍ତନର କୌଣସି ପ୍ରଭାବ ଏହି ଦ୍ୱିପାକ୍ଷିକ ସମ୍ପର୍କରେ ପ୍ରତିବନ୍ଧକ ହେବ ନାହିଁ। ବାଇଡେନ୍ ଓ ଟ୍ରମ୍ପଙ୍କ ନେତୃତ୍ୱ ମଧ୍ୟରେ କେବଳ ଏତିକି ପାର୍ଥକ୍ୟ ଯେ ଜଣେ କୋହଳ ଓ ଉଦାରବାଦୀ ହୋଇଥିବା ବେଳେ ଅନ୍ୟଜଣେ କଠୋର ଓ ନିଷ୍ଠୁର ଆଭିମୁଖ୍ୟରେ ବିଶ୍ୱାସୀ। ତେଣୁ ଟ୍ରମ୍ପଙ୍କ ପ୍ରୟାସରୁ ତତ୍କ୍ଷଣାତ ସଫଳତା ମିଳିଥିଲା। ନେତାନ୍ୟାହୁ ହାତଟେକି ଦେବାକୁ ବାଧ୍ୟ ହୋଇଥିଲେ। ବାଇଡେନଙ୍କ ପ୍ରୟାସକ୍ରମେ ଅତୀତରେ ମାତ୍ର ସପ୍ତାହକ ସକାଶେ ଯୁଦ୍ଧବିରତି ସମ୍ଭବପର ହୋଇଥିଲେ ମଧ୍ୟ ପ୍ରବଳ ଚାପସତ୍ତ୍ୱେ ତାହାର ମିଆଦ ବଢ଼ିପାରି ନ ଥିଲା। ଏବେ କିନ୍ତୁ ସେହି ମିଆଦ ଦୁଇପକ୍ଷଙ୍କ ସ୍ୱୀକୃତିରେ ଛ'ସପ୍ତାହ ବଳବତ୍ତର ରହିବ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ସର୍ତ୍ତ ଅନୁଯାୟୀ ହମାସ ୭ ଜଣ ପଣବନ୍ଦୀଙ୍କୁ ମୁକ୍ତ କରିଥିବା ବେଳେ ଇସ୍ରାଏଲ ଦୁଇଶହ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଖଲାସ ପ୍ରକ୍ରିୟା ଆରମ୍ଭ କରିଛି।

ପାଲେଷ୍ଟାଇନରେ ସକ୍ରିୟ ଥିବା ଆତଙ୍କବାଦୀ ସଂଗଠନ ହମାସ ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲର ଏକାଧିକ ସହର ଉପରେ ଘନ ଘନ ରକେଟମାଡ଼ କରିବା ସହ ଶତାଧିକ ସୈନ୍ୟ ଓ ନାଗରିକଙ୍କୁ ଅପହରଣ କରି ପଣବନ୍ଦୀ ରଖିଥିଲା। ଏହାର ପ୍ରତିବାଦରେ ଇସ୍ରାଏଲ ଯେଉଁ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କଲା, ତାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ହମାସକୁ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ କରିବା। ୧୫ ମାସ ଧରି ଚାଲିଥିବା ଏହି ନିର୍ମମ ଓ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନରେ ଗାଜାପଟି କେବଳ ଏକ ଧ୍ୱଂସସ୍ତୂପରେ ପରିଣତ ହେଲାନି, ୪୬ ହଜାରରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ମଧ୍ୟ ନିହତ ହେଲେ। ଏହାକୁ ଏକ ଗଣହତ୍ୟା ରୂପେ ବର୍ଣ୍ଣନା କରି ସମଗ୍ର ବିଶ୍ୱ ଜନସମୁଦାୟ ଯେଉଁ ମାନବୀୟ ସମ୍ବେଦନଶୀଳତା ପ୍ରକାଶ କରି ଯୁଦ୍ଧ ବନ୍ଦ ଆହ୍ୱାନ ଦେଇଥିଲେ, ତାହା ନିରର୍ଥକ ହୋଇଥିଲା। ହମାସର ଦୁଇ ଶୀର୍ଷ ନେତୃତ୍ୱ ଇସମାଏଲ ହନିୟେଁ ଓ ୟାହା ଅଲ୍ ସିନୱାରଙ୍କୁ ସବୁଠାରୁ ନିରାପଦ ଆଶ୍ରୟ ସ୍ଥଳରେ ହତ୍ୟା କରିବା ଘଟଣାକୁ ଯଦି ଇସ୍ରାଏଲର ସଫଳତମ ଅଭିଯାନ ବୋଲି କୁହାଯାଏ, ତେବେ ସବୁଠାରୁ ଯୋଗ୍ୟ ଓ ସକ୍ଷମ ଗୁଇନ୍ଦା ସଂସ୍ଥା 'ମୋସାଡ' ହାତରେ ଥାଇ ମଧ୍ୟ ପଣବନ୍ଦୀଙ୍କୁ ଠାବ ନ କରିପାରିବା ବିଫଳତାର ଶ୍ରେୟ ମଧ୍ୟ ତାଙ୍କୁ ଦିଆଯାଇପାରେ। ଏସବୁକୁ ବାଦଦେଲେ ହଜାର ହଜାର ନିରୀହ ଆବାଳବୃଦ୍ଧବନିତା ଯେଭଳି ନିର୍ମମ ଯୁଦ୍ଧର ଶିକାର ହେଲେ, ତାହାର ନିନ୍ଦା ଓ ଅପଯଶ ମୁଣ୍ଡାଇବାକୁ ମଧ୍ୟ ଇସ୍ରାଏଲ ବାଧ୍ୟ। ଏକବିଂଶ ଶତାବ୍ଦୀର ଇତିହାସରେ ଏହି ରକ୍ତରଞ୍ଜିତ ଗଣହତ୍ୟାକୁ ଆଗାମୀ ପିଢ଼ି କେବେ କ୍ଷମା କରିପାରିବନି।

ଏହି ଯୁଦ୍ଧର ଅନ୍ୟତମ ଉଲ୍ଲେଖଯୋଗ୍ୟ ଦିଗ ହେଲା ମଧ୍ୟପ୍ରାଚ୍ୟରେ ଏକ ପ୍ରତିରୋଧ ଶୂନ୍ୟ ସ୍ଥିତି ଜାହିର କରିବାକୁ ସମର୍ଥ ହୋଇଛି ଇସ୍ରାଏଲ। ଏହାର ପୃଷ୍ଠଭାଗରେ ରହିଛି 'ଆବ୍ରାହାମ ରାଜିନାମା'। ଆରବ ରାଷ୍ଟ୍ର ମଧ୍ୟରେ ପାରସ୍ପରିକ ସହଯୋଗ ସକାଶେ ଥିବା ଏକତା ପକ୍ଷରୁ ବିପଦ ଆଶଙ୍କା ଥିବାରୁ କୂଟନୈତିକ ଗୋଟିଚାଳନା ମାଧ୍ୟମରେ ଇସ୍ରାଏଲ ଏହି ରାଜିନାମା ସ୍ୱାକ୍ଷର କରାଇବାକୁ ସମର୍ଥ ହୋଇଥିଲା। ଇସ୍ରାଏଲ ସହ ପାରସ୍ପରିକ ସହଯୋଗ ପ୍ରତିଷ୍ଠା ଥିଲା ଏହି ରାଜିନାମାର ମୁଖ୍ୟ ଉଦ୍ଦେଶ୍ୟ। ଗାଜା ଉପରେ ଇସ୍ରାଏଲର ନିର୍ଣ୍ଣାୟକ ଆକ୍ରମଣ ସତ୍ତ୍ୱେ ସେମାନଙ୍କ ନିରବତା ପ୍ରମାଣ କରିଥିଲା ଯେ ଏହି କୂଟନୈତିକ ପଦକ୍ଷେପ ସଫଳ ହୋଇଛି। ଏପରିକି ୟେମେନ ଓ ଲେବାନନର ସଶସ୍ତ୍ର ଆତଙ୍କବାଦୀ ସଂଗଠନ ହେଜବୋଲ୍ଲା ଓ ହାଉଥି ଯୁଦ୍ଧର ଅଂଶୀଦାର ହୋଇ ଗୁରୁତର ପରାଭବ ଭୋଗିଛନ୍ତି। ହମାସ ସହିତ ଏହି ଦୁଇ ସଂଗଠନର ବିପୁଳ କ୍ଷୟକ୍ଷତି ଘଟିଛି। ଏହାର ପ୍ରତିବାଦରେ ଇରାନ ଇସ୍ରାଏଲ ଉପରେ ଘନ ଘନ କ୍ଷେପଣାସ୍ତ୍ର ମାଡ଼ କରିଥିଲେ ମଧ୍ୟ ନିଜର ନିରାପତ୍ତା ଦୃଷ୍ଟିରୁ ନିରବ ରହିବାକୁ ବାଧ୍ୟ ହୋଇଥିଲା। ହେଜବୋଲ୍ଲା ଓ ହାଉଥି ଇରାନର ଛାୟାଯୁଦ୍ଧ ସାଥୀ। ତେଣୁ ଏହି ବିପର୍ଯ୍ୟୟ ଇରାନକୁ ମଧ୍ୟ ଦୁର୍ବଳ କରିଛି। ଆମକୁ ଏଠାରେ କହିବାକୁ ହେବ ଯେ ମଧ୍ୟପ୍ରାଚ୍ୟର କୂଟନୈତିକ ଓ ସାମରିକ ସ୍ଥିତିରେ ଇସ୍ରାଏଲ ନିଷ୍କଣ୍ଟକ। ପରିଲକ୍ଷିତ ପରିଦୃଶ୍ୟକୁ ବିଚାର କଲେ, ଇସ୍ରାଏଲ ଏହି ଯୁଦ୍ଧ ପଛରେ ଆମେରିକା ସମର୍ଥନର କାରଣ ସ୍ପଷ୍ଟ ହୋଇପଡୁଛି।

ନିକଟ ଅତୀତର ଯୁଦ୍ଧ ଘନଘଟାକୁ ଅନୁଶୀଳନ କଲେ ଜୟ-ପରାଜୟ ନିର୍ଣ୍ଣୟ କରିବା ଏତେ ସହଜ ନୁହେଁ। ଯୁଦ୍ଧର ଚରିତ୍ର ଓ ଲକ୍ଷଣ ବଦଳିଛି। ବଦଳିଛି ମଧ୍ୟ ଦଖଲ ଓ ବେଦଖଲର ଭେଦ। ସାମରିକ ପ୍ରଭୁତ୍ୱ ଓ ପତିଆରା ପ୍ରଦର୍ଶନରେ ସୀମିତ ଏହି ଯୁଦ୍ଧର ପରିଣତି ନରସଂହାର ଓ ଧ୍ୱଂସସ୍ତୂପରେ ପରିଣତ ସଭ୍ୟତାର ଇମାରତ୍। ହମାସ ଥିଲା, ଏବେ ବି ଅଛି; ନିଶ୍ଚିହ୍ନ ହୋଇପାରିନି। ତେଣୁ ଯୁଦ୍ଧରେ ଇସ୍ରାଏଲ ବିଜୟୀ ହୋଇଛି ବୋଲି ଦାବି କରିପାରିବନି; କି ହମାସ ପରାଜିତ ହୋଇଛି କୁହାଯାଇପାରିବନି। ଏବେ ବି ଗାଜାର ଧ୍ୱଂସସ୍ତୂପ ଉପରେ ହମାସର ପତାକା ଉଡୁଛି ଓ ନିରାପତ୍ତା ବାହିନୀ ମାର୍ଚ୍ଚ କରୁଛନ୍ତି। ଆଗକୁ କ'ଣ ହେବ, ସମୟ କହିବ।

# ସମବାୟରେ ହସ୍ତତନ୍ତ

**ପ୍ରତାପ ଚନ୍ଦ୍ର ସାମଲ**

ଆମ ଭାରତରେ ହସ୍ତତନ୍ତ ଶିଳ୍ପ ବହୁ ପୁରାତନ। ଓଡ଼ିଶାର ତନ୍ତୀମାନଙ୍କ ଦ୍ୱାରା ହସ୍ତତନ୍ତ ସାହାଯ୍ୟରେ ହାତତିଆରି ପାଟ ଜଗତରନାଥ ସ୍ୱୟଂ ଶ୍ରୀଜଗନ୍ନାଥ ସବୁଦିନ ପିନ୍ଧିଥା'ନ୍ତି। ବୁଣାକାରମାନେ ଜୈବିକ ପଦ୍ଧତିରେ ହାତତିଆରି ବିଭିନ୍ନ ରଙ୍ଗଦେଇ ନାନା ରକମର ଲୁଗା ଓ ଶାଢ଼ି ବୁଣି ଦେଶବିଦେଶରେ ବିକ୍ରି କରି ସୁଖ୍ୟାତି ଅର୍ଜନ କରିଥିଲେ। କିନ୍ତୁ ବ୍ରିଟିଶ୍ ଶାସନରେ ସରକାରୀ ପ୍ରୋତ୍ସାହନ ଅଭାବରୁ ବିଲାତରୁ ଆମଦାନୀ କଳତନ୍ତ ଉତ୍ପାଦିତ ଲୁଗା ସୁଲଭ ଦରରେ ବିକ୍ରି କରିବା ଦ୍ୱାରା ଏହା ସହିତ ପ୍ରତିଦ୍ୱନ୍ଦ୍ୱିତା କରି ନ ପାରି ଅନେକ ବୁଣକାର ଲୁଗାବୁଣା ଛାଡ଼ି ଚାଷ ଉପରେ ନିର୍ଭର କରି କୁଟୁମ୍ବ ପୋଷିବା ଆରମ୍ଭ କଲେ। ଊନବିଂଶ ଶତାବ୍ଦୀର ଶେଷଭାଗରେ 'ରକଡେଲ ସାହେବ'ଙ୍କ ପ୍ରେରଣାରେ ବୁଣାକାରମାନେ ସମବାୟ ସମିତି ଗଠନ କରି ଏହା ମାଧ୍ୟମରେ ଲୁଗା ବୁଣି ତା'କୁ ବିକ୍ରି କରି ବ୍ୟବସାୟୀଙ୍କ ଶୋଷଣରୁ ମୁକ୍ତି ପାଇଲେ।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଭାରତରେ କେତେକ ବୁଣାକାର ସମବାୟ ସମିତି ଗଠନ ହୋଇଥିଲେ ମଧ୍ୟ ସରକାରୀ ପ୍ରୋତ୍ସାହନ ଓ ସୁଲଭ ଦରରେ ବ୍ୟାଙ୍କ ଋଣର ଅଭାବରେ ବିଶେଷ କିଛି ଅଗ୍ରଗତି କରି ପାରି ନ ଥିଲେ। ୧୯୫୭-୫୮ ମସିହାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରଚଳିତ ବ୍ୟାଙ୍କ ସୁଧହାର ଠାରୁ ଶତକଡ଼ା ଟ.୨.୫୦ପ. କମ୍ ସୁଧରେ ବୁଣାକାର ସମିତିମାନଙ୍କୁ ହସ୍ତବୁଣା ଲୁଗା ଉତ୍ପାଦନ ଓ ବିକ୍ରି ପାଇଁ ନଗଦ ପତିଆରା ଋଣ(କ୍ୟାସ୍ କ୍ରେଡିଟ୍) ଦେବା ଆରମ୍ଭ କରିଥିଲେ। ଓଡ଼ିଶା ସରକାର ବୁଣାକାରମାନଙ୍କ କଷ୍ଟ ଲାଘବ ପାଇଁ ସମବାୟ ସମିତିମାନଙ୍କୁ ଶତକଡ଼ା ୩ ଭାଗ ରିହାତି(ଇଣ୍ଟେରେଷ୍ଟ ସବ୍‌ସିଡି) ଦେଇଥିଲେ।

୧୯୭୩ ମସିହାରେ ଭାରତ ସରକାର 'ଜାତୀୟ ସମବାୟ ଉନ୍ନୟନ ନିଗମ' ଗଠନ କଲେ। ଉକ୍ତ ନିଗମ ଗରିବ ବୁଣାକାରମାନଙ୍କ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଉନ୍ନତ ତନ୍ତ, ତନ୍ତଶାଳା, ଗୋଦାମ ଘର, ବିକ୍ରୟ ଭଣ୍ଡାର, ପ୍ରଦର୍ଶନୀ କକ୍ଷ ଓ ରଙ୍ଗଘର ପ୍ରଭୃତି ନିର୍ମାଣ ତଥା ଅନ୍ୟାନ୍ୟ ହସ୍ତତନ୍ତ ଶିଳ୍ପ ଉପକରଣ ପାଇଁ କେବଳ ସମବାୟ ସମିତିମାନଙ୍କୁ ଦୀର୍ଘକାଳୀନ ଋଣ ଦେଲେ। ଏପରିକି ତନ୍ତୁବାୟ ସମିତିର ଋଣ ଚାହିଦା ବୃଦ୍ଧି ଓ ସମବାୟ ସୂତାକଳରେ ଅଂଶୀଦାର ହେବା ପାଇଁ ବୁଣାକାରମାନଙ୍କୁ ଅଂଶଧନ ମଧ୍ୟ ଯୋଗାଇ ଦିଆଯାଇଥିଲା। ବୁଣାକାରମାନଙ୍କୁ ସୂତା ଯୋଗାଣ ଅବ୍ୟାହତ ପାଇଁ ରଖିବା ପାଇଁ ସମବାୟ ସୂତାକଳ ପ୍ରତିଷ୍ଠାରେ ଦୀର୍ଘକାଳୀନ ପୁଞ୍ଜିରଣ ଆକାରରେ ଆର୍ଥିକ ସହାୟତା ଦେଇଥିଲେ ମଧ୍ୟ ଶତକଡ଼ା ୬୦ଭାଗରୁ ଊର୍ଦ୍ଧ୍ୱ ବୁଣାକାର ସମବାୟ ସମିତିର ସଭ୍ୟ ନ ହୋଇ ମାଲିକ ବୁଣାକାରମାନଙ୍କର(ମାଷ୍ଟର ୱେଭର୍ସ) ଅଧୀନରେ କାମ କରି ନିଷ୍ପେଷିତ ହେଉଥିଲେ। ଏଣୁ କେନ୍ଦ୍ର ସରକାର ୧୯୭୩ ମସିହାରେ ଓଡ଼ିଶାର ପୂର୍ବତନ ଶାସନ ସଚିବ ଶିବରମଣଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କଲେ।

କୃଷି ପଛକୁ ହସ୍ତତନ୍ତ ଶିଳ୍ପ ପ୍ରସାରଣର ଗୁରୁତ୍ୱ ଉପଲବ୍ଧି କରି ବୁଣାକାରମାନଙ୍କୁ ସମବାୟ ପରିସରଭୁକ୍ତ କରାଗଲେ ସେମାନେ ମାଲିକଙ୍କ ଶୋଷଣରୁ ମୁକ୍ତ ହୋଇ ଅଧିକ ଉତ୍ପାଦନ କରିପାରିବେ ବୋଲି କମିଟି ନିଷ୍ପତ୍ତି ଗ୍ରହଣ କଲେ। କିନ୍ତୁ ସମସ୍ତ ବୁଣାକାରଙ୍କୁ ସମବାୟ ସମିତିରେ ସଭ୍ୟ କରାଇବା ସମୟସାପେକ୍ଷ ହେତୁ ଅଣସଭ୍ୟ ବୁଣାକାରମାନଙ୍କୁ ସାହାଯ୍ୟ ଲକ୍ଷ୍ୟରେ କମିଟି ପ୍ରତ୍ୟେକ ରାଜ୍ୟରେ ହସ୍ତତନ୍ତ ଉନ୍ନୟନ ନିଗମ ପ୍ରତିଷ୍ଠାର ସୁପାରିସ କଲେ। ୧୯୭୫ ମସିହାରେ ଓଡ଼ିଶା ସମେତ ୧୯ଟି ରାଜ୍ୟରେ ଗୋଟିଏ ଲେଖାଁ ରାଜ୍ୟ ସମବାୟ ହସ୍ତତନ୍ତ ଉନ୍ନୟନ ନିଗମ ଗଠନ କରାଯାଇଥିଲା। ଉକ୍ତ ନିଗମଗୁଡ଼ିକ ରାଜ୍ୟସରକାରଙ୍କ ନିୟନ୍ତ୍ରଣରେ ପରିଚାଳିତ ହେଉଛନ୍ତି। ନିଗମ ନାବାର୍ଡ଼ ଏବଂ ସମବାୟ ଓ ବାଣିଜ୍ୟିକ ବ୍ୟାଙ୍କମାନଙ୍କରୁ ଋଣ ପାଇ ବୁଣାକାରମାନଙ୍କୁ ସୂତା କିଣିବା ଓ ମଜୁରୀ ପ୍ରଦାନରେ ଅର୍ଥ ଯୋଗାଉଛନ୍ତି। ବୁଣାକାରମାନଙ୍କଠାରୁ ଲୁଗା କିଣି ବଜାରରେ ବିକ୍ରି କରୁଛନ୍ତି ଏବଂ ଉତ୍କୃଷ୍ଟ ମାନର ଶାଢ଼ି ଚାହିଦା ମୁତାବକ ବିଦେଶକୁ ରପ୍ତାନୀ କରୁଛନ୍ତି। ଆସାମ, ରାଜସ୍ଥାନ, କର୍ଣ୍ଣାଟକ ପ୍ରଭୃତି ରାଜ୍ୟରେ ନିଗମମାନେ ତନ୍ତବୁଣା କନାରେ ରେଡିମେଡି ପୋଷାକ ତିଆରି କରି ବିଭିନ୍ନ ସହରରେ ବିକ୍ରୟ ଭଣ୍ଡାର ଖୋଲି ବିକ୍ରି କରୁଛନ୍ତି ଏବଂ ବିଭିନ୍ନ ପ୍ରକାର ଶାଢ଼ି ବୁଣିବା ପାଇଁ ତାଲିମ ପ୍ରଦାନ କରୁଛନ୍ତି। ବିଶେଷକରି ଏକ ହଜାରରୁ ଊର୍ଦ୍ଧ୍ୱ ବୁଣାକାରମାନଙ୍କ ବସତି ଗ୍ରାମପୁଞ୍ଜ କିମ୍ବା ବ୍ଲକ ଅଞ୍ଚଳକୁ ନେଇ ରାଜ୍ୟ ସରକାରମାନେ ସଘନ ହସ୍ତତନ୍ତ ଉନ୍ନୟନ ପ୍ରକଳ୍ପ(ଇଣ୍ଟିଗ୍ରେଟେଡ୍ ହ୍ୟାଣ୍ଡଲୁମ୍ ଡେଭେଲପ୍‌ମେଣ୍ଟ ପ୍ରୋଜେକ୍ଟ) କିମ୍ବା ଏକତ୍ରିତ ବା ପେଣ୍ଠା ଗ୍ରାମ୍ୟ ପରିକଳ୍ପନା(କ୍ଲଷ୍ଟର ଭିଲେଜ୍ ସ୍କିମ୍) ପ୍ରସ୍ତୁତ କଲେ। ଓଡ଼ିଶାର ୧୦୩୦୫୮ ତନ୍ତ ବା ବୁଣାକାରମାନଙ୍କ ସମେତ ଭାରତର ୩୫୨୨୫୧୨ ଜଣ ବୁଣାକାର ତନ୍ତ ସମବାୟ ସମିତିର ପରିସରଭୁକ୍ତ ନ ହୋଇ ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମଠାରୁ ବିଭିନ୍ନ ସୁବିଧା ନେଇ ଉପକୃତ ହେଉଛନ୍ତି। ଏପରି ପ୍ରକଳ୍ପମାନଙ୍କୁ ବିଶ୍ୱବ୍ୟାଙ୍କ ସାହାଯ୍ୟ ଦେବାକୁ ଆଗଭର ହେଉଛି।

ଆସାମ ପରି କେତେକ ପୂର୍ବାଞ୍ଚଳ ରାଜ୍ୟରେ ବୁଣାକାରମାନଙ୍କ ସହିତ ଅନ୍ୟାନ୍ୟ ପରିବାର ଗୃହ ଶିଳ୍ପ ଭାବରେ ତନ୍ତ ବସାଇ ଲୁଗା ଉତ୍ପାଦନ କରି ବଜାର ଚାହିଦା ମେଣ୍ଟାଉଛନ୍ତି। କିନ୍ତୁ ସମବାୟର ଶତକଡ଼ା ୭୫ ଭାଗ ବୁଣାକାର ସଭ୍ୟ ହୋଇ ସୁଦ୍ଧା ଚାହିଦାର ୩୦ ଭାଗ ତନ୍ତବୁଣା ଲୁଗା ଉତ୍ପାଦନ କରୁଛନ୍ତି। ଏଣୁ ବୁଣାକାର ତଥା ସମବାୟ ସମିତିମାନଙ୍କର ଉତ୍ପାଦନ ବୃଦ୍ଧି କରିବା ସହିତ ତ୍ୱରାନ୍ୱିତ ପଦକ୍ଷେପ ନେବାକୁ ସରକାରମାନେ ଯତ୍ନଶୀଳ ହେବା ଦରକାର। ଭାରତର ପ୍ରାୟ ୨୦ କୋଟି ଲୋକ ହସ୍ତତନ୍ତ ଶିଳ୍ପରେ ନିଯୁକ୍ତି ଥିବା ସ୍ଥଳେ ଓଡ଼ିଶାରେ ୪ ଲକ୍ଷ ଲୋକ ହସ୍ତତନ୍ତ ଶିଳ୍ପରେ ନିୟୋଜିତ ହୋଇ ରୋଜଗାର କରିବା ସହିତ ରେଶମ ବସ୍ତ୍ର ଉତ୍ପାଦନ ପାଇଁ ରେଶମ ଶିଳ୍ପରେ ପ୍ରାୟ ୪୦ ଲକ୍ଷ ଲୋକ ନିଯୁକ୍ତି ପାଇଛନ୍ତି।

୧୯୮୫ ମସିହାରେ ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ପ୍ରତିଷ୍ଠା ହେବାରୁ ହସ୍ତତନ୍ତ ଶିଳ୍ପର ବିକାଶ ପାଇଁ ଏକ ଟାସ୍କଫୋର୍ସ ଗଠନ କରି ବୁଣାକାରମାନଙ୍କ ଉନ୍ନତି ଓ ତନ୍ତବୁଣା ଲୁଗା ଉତ୍ପାଦନ ବୃଦ୍ଧି ନିମନ୍ତେ କରିଥିବା ସୁପାରିସମାନ କାର୍ଯ୍ୟକାରୀ କରାଯାଉଛି। ନାବାର୍ଡ ମଧ୍ୟ ଉଭୟ ନଗଦ ପତିଆରା ଓ ଦୀର୍ଘକାଳୀନ ଋଣ ସମବାୟ ବ୍ୟାଙ୍କ ଓ ହସ୍ତତନ୍ତ ଉନ୍ନୟନ ନିଗମମାନଙ୍କୁ ଯୋଗାଉଛି। ପ୍ରାକୃତିକ ଦୁର୍ବିପାକରେ ସମିତି ତଥା ବୁଣାକାରମାନେ କ୍ଷତିଗ୍ରସ୍ତ ହେଲେ କୃଷିଋଣ ପରି ବୁଣାକାରମାନେ ନେଇଥିବା ଋଣକୁ କିସ୍ତିରେ ସୁଝିବାକୁ ନାବାର୍ଡ ବ୍ୟବସ୍ଥା କରିଛି। ହସ୍ତତନ୍ତ କ୍ଷେତ୍ରରେ ଋଣ ଲଗାଣ ଓ ସୁଝିବା ବ୍ୟବସ୍ଥାକୁ ନାବାର୍ଡ ସମବାୟ ବ୍ୟାଙ୍କମାନଙ୍କ ପାଇଁ ନୀତି କୋହଳ କରିଛି। କଳତନ୍ତ ସହିତ ହାତବୁଣା ଲୁଗା ଶୀଘ୍ର ବିକ୍ରୟ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଗ୍ରାହକମାନଙ୍କୁ ଶତକଡ଼ା ୨୦ରୁ ୨୮ ଭାଗ ରିହାତି ଦେଉଛନ୍ତି। ବୁଣାକାର ସମବାୟ ସମିତିମାନେ ନିୟମିତ ଭାବରେ ଶୀଘ୍ର ରିହାତି ଟଙ୍କା ପାଇବା ପାଇଁ ରାଜ୍ୟ ସମବାୟ ବ୍ୟାଙ୍କ କିମ୍ବା ରାଜ୍ୟ ବୁଣାକାର ସମବାୟ ନିଗମରେ ରିହାତି ପାଣ୍ଠି ଖୋଲି ବଜେଟ୍ ଗୃହୀତ ପରେ ପରେ ରିହାତି ଟଙ୍କା ଦେଇଦେବା ପାଇଁ ନାବାର୍ଡ ରାଜ୍ୟ ସରକାରମାନଙ୍କୁ ପରାମର୍ଶ ଦେଇଛି। ଆହୁରି ମଧ୍ୟ ଲୁଗା ବୁଣାରେ ଉନ୍ନତ ଜ୍ଞାନକୌଶଳର ଉପଯୋଗ ତଥା ଗବେଷଣା ପାଇଁ ନାବାର୍ଡ ତା'ର ପାଣ୍ଠିରୁ ସାହାଯ୍ୟ କରୁଛି।

କେନ୍ଦ୍ର ଓ ରାଜ୍ୟ ସରକାର, ନାବାର୍ଡ ଜାତୀୟ ସମବାୟଉନ୍ନୟନ ନିଗମ ବୁଣାକାରମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ବୃଦ୍ଧି କରିଥିଲେ ମଧ୍ୟ ଓଡ଼ିଶା ସରକାର ମଜୁରି ହାର ବୃଦ୍ଧି କରି ନ ଥିବାରୁ ବୁଣାକାରମାନଙ୍କ ଲୁଗାବୁଣା ପାଇଁ ଆଗ୍ରହ କମୁଛି। ପଞ୍ଜାବରେ ବୁଣାକାରମାନଙ୍କ ମଜୁରି କୃଷି ମଜୁରିଠାରୁ ଅଧିକ ଥିବାରୁ ସେ ପ୍ରଦେଶର ବୁଣାକାରମାନେ ସୂତା ଲୁଗା ପରିବର୍ତ୍ତେ ଅଧିକ ଦାମ୍ ଥିବା କମ୍ବଳ, ସାଲ୍ ଓ ଅନ୍ୟାନ୍ୟ ରେଶମ ବସ୍ତ୍ର ଉତ୍ପାଦନ କରୁଛନ୍ତି। କେନ୍ଦ୍ର ସରକାର ବୁଣାକାରମାନଙ୍କ ଜୀବନବୀମା ପ୍ରିମିୟମ ବହନ କରୁଛନ୍ତି। ଓଡ଼ିଶା ସରକାର ବୁଣାକାରମାନଙ୍କୁ ଦିଆଯିବାକୁ ଥିବା ରିହାତି ଟଙ୍କା ଠିକ୍ ସମୟରେ ସମିତିମାନଙ୍କୁ ଦେଇ ନପାରିବାରୁ ସମିତିମାନେ ମୂଳଧନ ଅଭାବରେ ବୁଣାକାରମାନଙ୍କୁ ଲୁଗା ବୁଣାରେ ସବୁଦିନ ନିଯୁକ୍ତି ଦେଇପାରୁ ନାହାନ୍ତି ବୋଲି ଅଭିଯୋଗ ହେଉଛି।

ଦେଶ ବିଦେଶରେ ଓଡ଼ିଶା ହସ୍ତତନ୍ତ ଶିଳ୍ପ ଦ୍ୱାରା ଉତ୍ପାଦିତ ବସ୍ତ୍ରଗୁଡ଼ିକର ଅଧିକ ଚାହିଦା କ୍ରମଶଃ ବଢୁ ଥିବାରୁ ରାଜ୍ୟ ସରକାର ହସ୍ତତନ୍ତ ଶିଳ୍ପର ଗୁରୁତ୍ୱକୁ ଉପଲବ୍ଧ କରି ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଠିକ୍ ସମୟରେ ଯୋଗାଇ ଦେଇପାରିଲେ ଶିଳ୍ପ ବିକାଶରେ ଓଡ଼ିଶା ଆଉ ଦୁଇପାଦ ଆଗକୁ ଯାଇପାରିବ।

(ବରିଷ୍ଠ ସମବାୟବିତ୍)
ମୋ.: ୯୦୯୦୩୨୫୮୦୨

# ବଜେଟ୍‌ରେ କୃଷି: ଆଶା ଓ ଆକାଂକ୍ଷା

**ଡି ଶୁଭମ୍**

ଚାଷ ଓ ଚାଷୀଙ୍କୁ ନେଇ ସବୁବେଳେ ତର୍କ ଆଉ ବିତର୍କ। ସବୁଜିମାମୟ ପରିବେଶ ଗଠନ ଦିଗରେ ଚାଷୀର ଭୂମିକା ଅପରିହାର୍ଯ୍ୟ। ସାମ୍ପ୍ରତିକ ସମୟରେ ଅଦିନିଆ ବର୍ଷା, ଜଳବାୟୁ ପରିବର୍ତ୍ତନ ତଥା ପ୍ରାକୃତିକ ବିପର୍ଯ୍ୟୟ ଚାଷୀକୁଳ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଛି। ଯେଉଁ ରାଷ୍ଟ୍ରର ଚାଷୀଙ୍କ ଆର୍ଥିକ ପରିସ୍ଥିତି ସୁଦୃଢ଼ ଥାଏ, ସେ ଦେଶ ପ୍ରଗତିର ଶିଖରରେ ପହଁଚିଥାଏ। ତେବେ ପ୍ରତିବର୍ଷ ବଜେଟ ଅଧିବେଶନରେ ସରକାରଙ୍କ ତରଫରୁ କୃଷିକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଏ। ଆଗାମୀ ମାସରେ ଚଳିତ ବର୍ଷର ଆର୍ଥିକ ବଜେଟ ଆଗତ ହେବ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଆଶା ରହିବା ସ୍ୱାଭାବିକ। ତେବେ ବଜେଟରେ କୃଷିକୁ ନେଇ ନିମ୍ନ କେତୋଟି ଦିଗ ଉପରେ ଧ୍ୟାନ ଦେଲେ ସର୍ବୋଦୌ କଲ୍ୟାଣକାରୀ ସାବ୍ୟସ୍ତ ହେବ ବୋଲି ଆଶା।

ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଭାବରେ ଓଡ଼ିଶାରେ କୃଷି ଆୟୋଗ ଗଠନ କରାଯାଇ ବରିଷ୍ଠ ପ୍ରଶାସନିକ ଅଧିକାରୀ, ସଫଳ ଚାଷୀ ଓ ନୀତି ନିର୍ଦ୍ଧାରକମାନଙ୍କୁ ଏହି କମିଟିରେ ସ୍ଥାନ ଦିଆଯାଉ। ଏହା କୃଷି କ୍ଷେତ୍ରରେ ଗବେଷଣା ଓ ଉନ୍ନତି ଦିଗରେ ଅଧିକ ଉପାଦେୟ ସାବ୍ୟସ୍ତ ହେବ। ଚାଷୀମାନଙ୍କର ବିଭିନ୍ନ ସମସ୍ୟା ସରକାରଙ୍କ ପାଖରେ ପହଁଚାଇବା ପାଇଁ ଏହି ଆୟୋଗ ସ୍ୱତନ୍ତ୍ର ବ୍ୟବସ୍ଥା କରିବ। ଏହି ଆୟୋଗ ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିବା ସହ ଗାଁମାନଙ୍କରେ ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ କରି ଏହି ସମସ୍ୟାକୁ ସମାଧାନ କରାଇବା ଦରକାର।

ସାମ୍ପ୍ରତିକ ସମୟରେ ଜୈବିକ ହାଟର ଆବଶ୍ୟକତା ଓ ଗୁରୁତ୍ୱ ଅନେକ ବୋଲି ଆମକୁ ବିଚାର କରିବାକୁ ହେବ। ଯଦି ସ୍ୱତନ୍ତ୍ର ଜୈବିକ ହାଟଟିଏ ପ୍ରତି ଗାଁ କିମ୍ବା ବ୍ଲକରେ ପ୍ରତିଷ୍ଠା ହୁଅନ୍ତା, ତେବେ ଚାଷୀ ତା'ର ଉତ୍ପାଦ ସଠିକ ମୂଲ୍ୟରେ ବିକିପାରନ୍ତା। ଏବେ ସପିଂ ମଲ୍‌ରେ ଜୈବିକ ପନିପରିବା ମିଳିପାରୁଥିବା ବେଳେ ଆମ ଗାଁମାନଙ୍କରେ କ'ଣ ପାଇଁ ତାହା ହୋଇ ପାରିବନି? ଆମ ରାଜ୍ୟରେ ଜୈବିକ ହାଟର ଅଧିନିୟମ ଆସିବା ଆବଶ୍ୟକ, ଯାହାକୁ ଆମେ 'ସ୍ୱତନ୍ତ୍ର ଜୈବିକ ବଜାର ଅଧିନିୟମ' ବୋଲି କହିପାରିବା। ଗାଁ ଗାଁରେ ଜୈବିକ ହାଟର ବ୍ୟବସ୍ଥା ହେଲେ ଚାଷୀ ସେଠି ନିଜର ଫସଲକୁ ଲୋକଙ୍କୁ ବିକିପାରନ୍ତା ଏବଂ ଲୋକମାନେ ମଧ୍ୟ ସତେଜ ଜୈବିକ ପନିପରିବା ସୁଲଭ ମୂଲ୍ୟରେ ପାଇପାରନ୍ତେ। ତେବେ ଏହା ପୂର୍ବରୁ ଚାଷୀମାନେ ଜୈବିକ ଚାଷର ପ୍ରାମାଣୀକରଣ କରିବା ଅନିବାର୍ଯ୍ୟ। ସୁତରାଂ ଜୈବିକ ଚାଷର ନାରା ଘରେ ଘରେ ପହଁଚୁ। ରାଜ୍ୟ ସରକାର ଏ ଦିଗରେ ଧ୍ୟାନ ଦେବାକୁ ଅନୁରୋଧ। ଏହା ସହ ପ୍ରତି ଜିଲ୍ଲାରେ ଶୀତଳଭଣ୍ଡାର କରିବାକୁ ଏକ ଯୋଜନା ପ୍ରସ୍ତୁତ କରାଯାଉ। ଏହା ସହ ଏକ କୃଷକ କର୍ମଶାଳା ମିଶନ୍ ଓ କୃଷକ ଉନ୍ନୟନ ସଂସ୍ଥା ଗଠନ କରାଯାଉ।

ରାଜ୍ୟ ସରକାର ଆଣିବାକୁ ଯାଉଥିବା ବଜେଟରେ କୃଷି ଷ୍ଟାର୍ଟଅପ୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଅନୁରୋଧ। କାରଣ କୃଷି ଓ ଏଗ୍ରିଟେକ୍ ଷ୍ଟାର୍ଟଅପ୍‌ମାନଙ୍କ ସଂଖ୍ୟା ଓଡ଼ିଶାରେ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ସଠିକ ସମୟରେ କିପରି ଆର୍ଥିକ ଅନୁଦାନ ମିଳିବ ଏବଂ ବଜାର ସଂଯୋଗୀକରଣ ହୋଇପାରିବ ସେ ଦିଗରେ ସରକାର ଚିନ୍ତା କରିବା ଆବଶ୍ୟକ। ଏହାସହ ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଷ୍ଟାର୍ଟଅପ୍‌କୁ ନେଇ ସୃଜନଶୀଳତାର ବିକାଶ କରିବାକୁ ହେବ। ଏଥିପାଇଁ ସ୍ୱତନ୍ତ୍ର କର୍ମଶାଳାମାନ ଆୟୋଜନ କରି ପିଲାମାନଙ୍କ ମଧ୍ୟରେ ଏହି ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବାକୁ ହେବ। ସରକାରଙ୍କ ପ୍ରଚେଷ୍ଟାରେ ଆହୁରି କିପରି ଅଧିକ କୃଷି ଉଦ୍ୟୋଗକୁ ଯୋଜନାରେ ସାମିଲ କରାଯାଇ ରିହାତି ଦିଆଯାଇପାରିବ, ସେ ଦିଗରେ ଗଠନମୂଳକ ପଦକ୍ଷେପ ନେବା ଜରୁରୀ।

କେବଳ ନାଚ, ଗୀତ, ଭାଷଣ, ଚିତ୍ରାଙ୍କନ ନୁହେଁ, ବରଂ କୃଷି ଶିକ୍ଷାକୁ ପ୍ରାଥମିକତା ଦିଆଯାଇ ଆମରାଜ୍ୟରେ ବିଦ୍ୟାଳୟ ପାଠ୍ୟକ୍ରମରେ କୃଷିକୁ ଅନ୍ତର୍ଭୁକ୍ତ କରାଯାଉ। ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ମଧ୍ୟ ଏଥିପାଇଁ ଦୃଷ୍ଟି ଦିଅନ୍ତୁ। ଚାଷର ବିଭିନ୍ନ କାର୍ଯ୍ୟକ୍ରମକୁ ଟିଭିରେ ପିଲାଙ୍କୁ ଦେଖାନ୍ତୁ। ଖବରକାଗଜରେ କୃଷି ପୃଷ୍ଠାକୁ ପିଲାମାନଙ୍କୁ ପଢ଼ାଇବାକୁ ଦିଅନ୍ତୁ। ପିଲା ଛୋଟ ବେଳୁ କୃଷି କ'ଣ ଜାଣୁ। ସେ ଚାଷ ଜମିକୁ ଯାଉ। ଚାଷୀଙ୍କ ସହ ମିଶୁ। ଚାଷ କରିବାର କୌଶଳ ବି ଜାଣୁ। ଆମ ମାଟି ବି କଥା କହିପାରେ, ସେ ସ୍ୱତନ୍ତ୍ରତାକୁ ଅନୁଭବ କରୁ।

ଓଡ଼ିଶାରେ ଗ୍ରାମାଞ୍ଚଳମାନଙ୍କର ସ୍ଥାନୀୟ ପ୍ରତିନିଧିମାନେ ଏ ଦିଗରେ ନିଜର ସ୍ୱତନ୍ତ୍ର ପ୍ରଚେଷ୍ଟା ଆରମ୍ଭ କରିବା ଆବଶ୍ୟକ। କୃଷିବିଜ୍ଞାନ କେନ୍ଦ୍ରର ସହାୟତା ଏବଂ କୃଷି ବୈଜ୍ଞାନିକମାନଙ୍କର ଉପଦେଶକୁ ପାଥେୟ କରି ଓଡ଼ିଶାରେ କୃଷି ପର୍ଯ୍ୟଟନର ସ୍ୱପ୍ନକୁ ପୂରଣ କରିବା ଦିଗରେ ସମସ୍ତଙ୍କର ମିଳିତ ସହଯୋଗ ଆବଶ୍ୟକ।

ପରିବେଶୀୟ ଗ୍ରାମର ପରିକଳ୍ପନା ଓଡ଼ିଶାରେ ଆରମ୍ଭ କରାଯିବା ନିତାନ୍ତ ଜରୁରୀ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏବେ ଆମେ ଋତୁ ମଧ୍ୟରେ ତଫାତ୍ ଜାଣିବାରେ କଷ୍ଟ ଅନୁଭବ କରୁଛୁ। ଏମିତିକି ବର୍ଷା ଦିନରେ ଅତ୍ୟଧିକ ବର୍ଷା ଯୋଗୁଁ ମୃତ୍ତିକା କ୍ଷୟ ହୋଇ ଚାଷ ଜମି ପ୍ରଭାବିତ ହେଉଛି। ପାହାଡ଼ିଆ ଜମିର ପାଖେପାଖେ ଏମାନେ ବଞ୍ଚିବାର ରାହା ଖୋଜିଥା'ନ୍ତି। ଏସବୁ ସମସ୍ୟାର ଏକ ପ୍ରକୃଷ୍ଟ ସମାଧାନ ଭାବରେ ଆମେ ପରିବେଶୀୟ ଗ୍ରାମକୁ ନେଇପାରିବା। ବିଭିନ୍ନ ପ୍ରକାର ବୈଜ୍ଞାନିକ ଜ୍ଞାନକୌଶଳ ଉପଯୋଗ କରି ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି କୃଷକମାନଙ୍କ ପାରମ୍ପରିକ ଚାଷ ପଦ୍ଧତି ସହ ସେଠାରେ ସବୁଜିମା ଆଉ ସୁନା ଫଳାଇବା ଅସମ୍ଭବ ନୁହେଁ। ଏହାବ୍ୟତୀତ ଏହି ସବୁ ଗ୍ରାମରେ ସୌର ଶକ୍ତିକୁ ବ୍ୟବହାର କରାଯାଇଥାଏ। ଏହାଫଳରେ ପରିବେଶର ହାନି ପ୍ରଭାବକୁ ସହଜରେ ଏଡ଼ାଇ ଦିଆଯାଇପାରେ। ଏହା ଗ୍ରାମୀଣ ପରିବେଶରେ ଶକ୍ତି ସଞ୍ଚୟ କରିବା ସହ ଏକ ସବୁଜ ପରିବେଶ ଗଠନ ଦିଗରେ ଅଗ୍ରସର ହେବାକୁ ଉତ୍ସାହ ଯୋଗାଏ। ରାଜ୍ୟ ସରକାରଙ୍କ ତରଫରୁ ଏ ଦିଗରେ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉ। ଏମିତି କିଛି ଦିଗ ଉପରେ ସରକାର ଧ୍ୟାନ ଦେଲେ ନିଶ୍ଚୟ ଭାବରେ କୃଷକ ସମାଜର ବିକାଶ ହୋଇପାରିବ।

ଆମ ଚାଷୀ କୁଶଳୀ ଆଉ କର୍ମଠ। ତେଣୁ ଯଦି ଆମେ ନିଜ ମନୋବଳକୁ ଦୃଢ଼ କରି ଏ ଦିଗରେ ଆଗେଇବା, ନିଶ୍ଚୟ ଭାବେ କୃଷି ପର୍ଯ୍ୟଟନର ସ୍ୱପ୍ନ ସାକାର ହେବ। ସ୍ଥାନୀୟ ଗ୍ରାମାଞ୍ଚଳର ଲୋକପ୍ରତିନିଧି, ସ୍ଥାନୀୟ ବାସିନ୍ଦା, ସରକାର ଓ ବେସରକାରୀ ସଂସ୍ଥା, କୃଷି ଷ୍ଟାର୍ଟଅପ୍ ପରି ସବୁସ୍ତରରେ ପ୍ରୟାସ ଆରମ୍ଭ କରାଯିବା ଦରକାର। ଏକ ନୂତନ ଓ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରି ଗଠନ ହୋଇଥିବା ନୂଆ ସରକାର ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେଲେ ଓଡ଼ିଶା ସାରା ଦେଶରେ ଏକ ନୂଆ ପରିଚୟ ସୃଷ୍ଟି କରିପାରିବ।

ଭୁବନେଶ୍ୱର, ମୋ: ୯୪୩୮୪୬୭୦୭୯

# ଢଳୁଛି ପୃଥିବୀ

**ଶ୍ରୀନନ**

**ବିଜ୍ଞାନ ବାର୍ତ୍ତା**

ପ୍ରଚଳିତ ମତବାଦ ଅନୁସାରେ ଆଜକୁ ପ୍ରାୟ ୪.୫ ବିଲିୟନ (ହଜାର ନିୟୁତ) ବର୍ଷ ପୂର୍ବେ ଏକ ବୃହତ୍ ମହାକାଶପିଣ୍ଡ ଆସି ପୃଥିବୀକୁ ଧକ୍କା ଦେଇଥିଲା। ଫଳରେ ଏଥିରୁ କିଛିଅଂଶ ମହାକାଶକୁ ଛିଟିକି ପଡ଼ି ଚନ୍ଦ୍ର ସୃଷ୍ଟି ହେଲା ଏବଂ ଏହା ଗୋଟିଏ ଆଡ଼କୁ ଢଳି ପଡ଼ିଲା। 'ମହାଧକ୍କା' (ଜ୍ୟାଣ୍ଟ ଇମ୍ପାକ୍ଟ) ବୋଲି କୁହାଯାଉଥିବା ଏହି ଘଟଣା ପରଠାରୁ ପୃଥିବୀ ସେହି ଅବସ୍ଥାରେ ଘୂରୁଛି। ଏହାକୁ କୁହାଯାଏ ଆକ୍ଷିକ ଢଳଣ ବା ତୀର୍ଯ୍ୟକତା (ଅକ୍ସିଆଲ୍ ଟିଲଟ୍ ବା ଓବ୍ଲିକ୍ୟୁଟି)। ଏହାର କୋଣ ମପାଯାଏ ପୃଥିବୀର ମେରୁ ଦୁଇଟି ଦେଇ ଗତି କରୁଥିବା କାଳ୍ପନିକ ରେଖା ଏବଂ ଅକ୍ଷଦଣ୍ଡ ମଧ୍ୟରେ ଥିବା ଦୂରତ୍ୱରୁ। ବର୍ତ୍ତମାନ ଏହା ହେଉଛି ୨୩.୪୫ ଡିଗ୍ରୀ।

ଏହି ତୀର୍ଯ୍ୟକତା ଯୋଗୁଁ ପୃଥିବୀରେ ପ୍ରକଟିତ ହୁଏ ବିଭିନ୍ନ ଋତୁ। ଜୁନ୍‌ମାସରେ ଏହାର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କ ଆଡ଼କୁ ଢଳି ରହୁଥିବାରୁ ଅଧିକ ସୌର ରଶ୍ମି ପ୍ରାପ୍ତ ହୁଏ। ଅତଏବ ଏଠାରେ ଗ୍ରୀଷ୍ମଋତୁ ଅନୁଭୂତ ହୁଏ। ଅନ୍ୟପକ୍ଷରେ, ଏ ସମୟରେ ଦକ୍ଷିଣ ଗୋଲାର୍ଦ୍ଧ ସୂର୍ଯ୍ୟଠାରୁ ଦୂରକୁ ଢଳି ରହୁଥିବାରୁ ଅଷ୍ଟ୍ରେଲିଆ, ଚିଲି, ଆର୍ଜେଣ୍ଟିନା ଆଦି ଦେଶରେ ଆସେ ଶୀତଋତୁ। ଯଦି ପୃଥିବୀ ଏପରି ଢଳି ରହୁ ନଥା'ନ୍ତା, ତେବେ ଏଠାରେ କୌଣସି ଋତୁଗତ ପ୍ରଭେଦତା ନଥା'ନ୍ତା। ସେହିପରି ଏହା ଯଦି ବର୍ତ୍ତମାନଠାରୁ ବେଶ୍ ଅଧିକ ଢଳି ରହୁଥା'ନ୍ତା, ତେବେ ଋତୁଗୁଡ଼ିକ ଅତି କଠୋର ହେଉଥା'ନ୍ତେ ଏବଂ ତାପମାତ୍ରାର ଖୁବ୍ ବେଶି ପରିବର୍ତ୍ତନ ଘଟୁଥା'ନ୍ତା। ଗ୍ରୀଷ୍ମକାଳ ଅତ୍ୟନ୍ତ ଉତ୍ତପ୍ତ ଏବଂ ଶୀତକାଳ ଖୁବ୍ ଶୀତଳ ହେଉଥା'ନ୍ତା। ସମ୍ଭବତଃ, ଏଠାରେ ବର୍ତ୍ତମାନ ଭଳି ଜୀବଜଗତ ଟିଏ ସମ୍ଭବ ହୋଇପାରି ନ ଥା'ନ୍ତା। ଏପରିସ୍ଥଳେ ଏହା ଏକ ଚିନ୍ତାର ବିଷୟ ଯେ ଏବେ ପୃଥିବୀ ଅଧିକରୁ ଅଧିକ ଢଳିବାରେ ଲାଗିଛି। ବିଗତ ୧୭ ବର୍ଷ ମଧ୍ୟରେ ଏହା ୩୧.୫ ଇଞ୍ଚ (ବର୍ଷକୁ ୧.୮ ଇଞ୍ଚ) ଢଳି ଗଲାଣି ବୋଲି ଭୂ-ବିଜ୍ଞାନୀମାନେ ଆକଳନ କରିଛନ୍ତି

ପୃଥିବୀର ଏହି ବଢୁଥିବା ତୀର୍ଯ୍ୟକତା ବା ଢଳିବା ଅଧିକ ହେବା ପାଇଁ ପ୍ରକୃତରେ ଆମେ ହିଁ ଦାୟୀ। କାରଣ ଜନସଂଖ୍ୟା ବୃଦ୍ଧି ସଂଗେ ସଂଗେ ବଢ଼ିଚାଲିଛି ଆମର ମଧୁରଜଳର ଆବଶ୍ୟକତା। ଅନେକ ସମୟରେ ଆମେ ଏହାର ଅପବ୍ୟବହାର ମଧ୍ୟ କରୁଛୁ। ପୁନଶ୍ଚ କୃଷିକ୍ଷେତ୍ରରେ ସେଚନ ପାଇଁ ଉତ୍ତୋଳନ କରୁଛୁ ଅଧିକରୁ ଅଧିକ ଭୂତଳଜଳ। ଏକ ଆକଳନ ଅନୁସାରେ ୧୯୯୩ ମସିହାରୁ ୨୦୧୦ ମସିହା ମଧ୍ୟରେ ଏହାର ପରିମାଣ ଥିଲା ୨୧୫୦ ଗିଗାଟନ୍, ଯାହାକି ୮୬୦ ନିୟୁତ ଅଲିମ୍ପିକ ସନ୍ତରଣ ପୁଷ୍କରିଣୀ ସହିତ ଆକାରରେ ପ୍ରାୟ ସମାନ। ବିଶେଷକରି ଉତ୍ତର ଆମେରିକା ଏବଂ ଉତ୍ତର ପଶ୍ଚିମ ଭାରତ ଭଳି ସ୍ଥାନରେ ଏହା ଅଧିକମାତ୍ରାରେ କରାଯାଉଛି।

ଏହି ଉତ୍ତୋଳିତ ଜଳରୁ ଅଧିକାଂଶ ନଦୀ ଓ ଝରଣା ଦେଇ ସମୁଦ୍ରକୁ ବହିଯାଉଛି। ପୁନଶ୍ଚ ଜାଗତିକ ଉଷ୍ମତା ବୃଦ୍ଧି ହେତୁ ହିମବାହମାନ ତରଳିବାରେ ଲାଗିଛନ୍ତି। ସେ ଜଳ ମଧ୍ୟ ସମୁଦ୍ରରେ ମିଶୁଛି। ଫଳରେ ଏହାର ଜଳପତ୍ତନ ବୃଦ୍ଧି ପାଉଛି। ଅତଏବ ହିମବାହ ତରଳିବା ଏବଂ ଭୂତଳଜଳ ଉତ୍ତୋଳନ ହେତୁ ସେହିସବୁ ସ୍ଥାନର ଓଜନ ହ୍ରାସ ହେଲା ବେଳେ ସମୁଦ୍ର-ମହାସମୁଦ୍ରର ଓଜନ ବଢ଼ିବାରେ ଲାଗିଛି। ଏହି କାରଣରୁ ପୃଥିବୀ ପୃଷ୍ଠଦେଶର ଭାରସାମ୍ୟ ବଦଳୁଛି ଏବଂ ତାହା ଅଧିକରୁ ଅଧିକ ଢଳିବାରେ ଲାଗିଛି। ପୁନଶ୍ଚ ଏହାର ଅକ୍ଷଦଣ୍ଡ ଚତୁଃପାର୍ଶ୍ୱରେ ଘୂର୍ଣ୍ଣନ ବେଗ କମ୍ ହେଉଛି। ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ଏବେ ଚାଇନା ଦ୍ୱାରା ନିର୍ମିତ ବୃହତ 'ଥ୍ରୀଜର୍ଜେସ୍ ଡ୍ୟାମ୍'ର ପ୍ରଭାବରେ ପୃଥିବୀର ଘୂର୍ଣ୍ଣନ ମନ୍ଥର ହେବାରୁ ଦିନ ଏକ ସେକେଣ୍ଡର ୬୦ ବିଲିୟନ ଭାଗରୁ ଭାଗେ ପରିବର୍ଦ୍ଧିତ ହୋଇଛି।

ପୃଥିବୀର ବଢ଼ି ଚାଲିଥିବା ଏହି ତୀର୍ଯ୍ୟକତାର ପରିଣାମ ଭବିଷ୍ୟତ ପାଇଁ ବିପଜ୍ଜନକ ହୋଇପାରେ। କାରଣ ଏହାର ପ୍ରଭାବରେ ବଦଳିଯିବ ଜଳବାୟୁ ଏବଂ ପ୍ରଭାବିତ ହେବ ଆମ ପରିବେଶ ଓ ପରିସଂସ୍ଥା। ଫଳରେ ବହୁ ଜୀବଜାତି ଲୋପ ପାଇବେ, କୃଷି ଉତ୍ପାଦନ ହ୍ରାସ ପାଇବ। ମୋଟାମୋଟି ଭାବେ ଜଳବାୟୁ ପରିବର୍ତ୍ତନର ସମସ୍ତ କୁପ୍ରଭାବ ପରିଲକ୍ଷିତ ହେବ। ଏଥିସହିତ ଗଭୀର ରୂପେ ପ୍ରଭାବିତ ହେବ ଆମେ ଏବେ ଅଧିକରୁ ଅଧିକ ନିର୍ଭରଶୀଳ ହୋଇ ଚାଲିଥିବା ଇଲେକ୍ଟ୍ରୋନିକ ବ୍ୟବସ୍ଥା ଏବଂ ନେଟ୍‌ୱାର୍କ। ଏଣୁ ଯୋଗାଯୋଗ ବାଧାପ୍ରାପ୍ତ ହେବ। ଗ୍ଲୋବାଲ ପୋଜିସନିଂ ସିଷ୍ଟମ ଠିକ୍ ଭାବେ କାମ ନ କଲେ ଉଡ଼ାଜାହାଜ, ଜଳଜାହାଜ ଇତ୍ୟାଦିର ଗମନାଗମନରେ ସମସ୍ୟା ଉପୁଜିବ। ସେହିପରି ଟେଲି ଯୋଗାଯୋଗ ବାଧାପ୍ରାପ୍ତ ହେଲେ ପ୍ରଭାବିତ ହେବେ ମୋବାଇଲ ଫୋନ୍‌ଠାରୁ ଆରମ୍ଭ କରି ମହାକାଶଯାନ ପର୍ଯ୍ୟନ୍ତ। ତାହା ଆମ ସାଧାରଣ ଜୀବନଯାତ୍ରା ଏବଂ ଅର୍ଥନୀତିକୁ ବିପୁଳ କ୍ଷତି ପହଞ୍ଚାଇବ।

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ମହାସଂଘ ପୁନର୍ଗଠନ ନିର୍ଦ୍ଦେଶ ପ୍ରତ୍ୟାହାର ଦାବି

# ଜିଲ୍ଲାପାଳଙ୍କ ଅଫିସ୍ ଘେରିଲା ଜୀବିକା ମିଶନ ଇସି ସଂଘ

**ସୁନ୍ଦରଗଡ଼, ୨୭।୧(ସମିସ)**

ରାଜ୍ୟ ସରକାରଙ୍କ ସମସ୍ତ ସିଏଲ୍ଏଫ୍, ଜିପିଏଲ୍ଏଫ୍, ବିଏଲ୍ଏଫ୍ କାର୍ଯ୍ୟକାରିଣୀ କମିଟିର ପୁନର୍ଗଠନ ନିର୍ଦ୍ଦେଶକୁ ଓଡ଼ିଶା ଜୀବିକା ମିଶନ ଇସି ସଂଘ ତୀବ୍ର ବିରୋଧ କରିଛି। ସଂଘ ପକ୍ଷରୁ ପ୍ରଥମେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ପରେ ସୋମବାର ଜିଲ୍ଲାପାଳଙ୍କ ଅଫିସ ଘେରାଉ କରାଯାଇଛି। ଏହି ଅବସରରେ ମହାସଂଘର କର୍ମକର୍ତ୍ତାମାନେ ଏକ ବିଶାଳ ରାଲିରେ ଜିଲ୍ଲାପାଳଙ୍କ ଅଫିସ ନିକଟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେମାନେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେମାନଙ୍କ କହିବା କଥା ହେଲା, ସେମାନେ ବର୍ଷ ବର୍ଷ ଧରି ବିନା ପାରିଶ୍ରମିକରେ ମିଶନ ଶକ୍ତିର ହୃତ୍‌ପିଣ୍ଡ ସଦୃଶ କାର୍ଯ୍ୟକରି ଆସୁଛନ୍ତି। ୨୦୨୨ରୁ ସ୍ୱଳ୍ପ ଗସ୍ତ ଖର୍ଚ୍ଚରେ ଅକ୍ଳାନ୍ତ ପରିଶ୍ରମ କରି ମିଶନ ଶକ୍ତିକୁ ସଶକ୍ତ କରିବା ପାଇଁ ରାଜ୍ୟରେ ମିଶନ ଶକ୍ତି ବିଭାଗ ଅଧୀନରେ ୭୦ଲକ୍ଷରୁ ଅଧିକ ମହିଳାଙ୍କ ଜୀବିକା ଅର୍ଜନର ବାଟ ଦେଖାଇଛନ୍ତି। ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍କୁଟି ଋଣ ଯୋଜନାରେ ସାମିଲ୍ ହୋଇ ଋଣ ପରିଶୋଧ ଚିନ୍ତାରେ ରହିଥିବା ବେଳେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ କମିସନର ସେକ୍ରେଟାରୀ ସମସ୍ତ ଜିଲ୍ଲାପାଳଙ୍କୁ ନୂତନ ମାର୍ଗଦର୍ଶିକା ଅନୁସାରେ ସମସ୍ତ ମହାସଂଘକୁ ପୁନର୍ଗଠନ ପ୍ରକ୍ରିୟାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ସେମାନେ ଏହା ବିରୋଧରେ ଆନ୍ଦୋଳନକୁ ଓହ୍ଲାଇ ସରକାରଙ୍କଠାରେ ତିନି ଦଫା ଦାବି ରଖିଛନ୍ତି। ଏଥିରେ ମିଶନ ଶକ୍ତି ଅଧୀନରେ ଓଡ଼ିଶା ଜୀବିକା ମିଶନରେ କାର୍ଯ୍ୟରତ ମହାସଂଘ ଗୁଡ଼ିକର ପୁନର୍ଗଠନ କରାନଯାଇ ଓ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିବାକୁ ଦିଆ ଯିବା, ମିଶନ ଶକ୍ତି ବିଭାଗ ପକ୍ଷରୁ ଜାରି କରା ଯାଇଥିବା ନୂତନ ମାର୍ଗଦର୍ଶିକାକୁ ପ୍ରତ୍ୟାହାର କରିବା ସହ କାର୍ଯ୍ୟରତ କର୍ମୀଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯିବା, ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍କୁଟି ଋଣ ଯୋଜନାର ବାକି କିସ୍ତିଗୁଡ଼ିକ ଛାଡ଼ କରିବା ପାଇଁ ବିଚାର କରିବା ଆଦି ଦାବି ରହିଛି।




## ହାଇୱା ପଛରେ ପିଟି ହେଲା ହାଇୱା, ଚାଳକ ମୃତ



**ହେମଗିରି, ୨୭।୧(ସମିସ):** ଏକ ହାଇୱା ପଛରେ ଆଉଏକ ହାଇୱା ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଏମ୍‌ସିଏଲ୍ କନିକା ମୁଖ୍ୟ ରାସ୍ତାର ତେତେଲ ଘାଟି ନିକଟରେ ଏହି ଦୁର୍ଘଟଣା ଘଟିଛି। ବେଆଇନ ଭାବେ ରାସ୍ତା ମଝିରେ ବ୍ରେକ୍‌ଡାଉନ୍ ହୋଇ ଛିଡ଼ା ହୋଇଥିବା ଓଡି ୧୬ କେ ୪୭୫୧ ନମ୍ବର ବିଶିଷ୍ଟ ଏକ କୋଇଲା ବୋଝେଇ ହାଇୱା ପଛପଟେ ଏମ୍‌ସିଏଲ୍ ପଟୁ ଆସୁଥିବା ଅନ୍ୟ ଏକ କୋଇଲା ବୋଝେଇ ହାଇୱା (ଓଡି ୨୩ ଆର୍ ୨୦୫୫) ଧକ୍କା ଦେଇଥିଲା। ଫଳରେ ହାଇୱାଟି ଚୁରମାର ହେବା ସହ ଚାଳକଙ୍କ ମୃତ୍ୟୁ ଘଟିଥିଲା। ମୃତ ଚାଳକ ଜଣକ ଝାରଖଣ୍ଡର ୩୦ବର୍ଷୀୟ ସିକନ୍ଦର ବୋଲି ଜଣାପଡ଼ିଛି। ଉଲ୍ଲେଖ ଥାଉ ଯେ - ଏମ୍‌ସିଏଲ୍‌ରୁ କନିକା, ଛତିଶଗଡ଼, ସୁନ୍ଦରଗଡ଼ ଆଦି ଜାଗାକୁ ଶହଶହ ଭାରିଯାନ ମାଧ୍ୟମରେ କୋଇଲା ପରିବହନ କରାଯାଉଥିବାବେଳେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ଟ୍ରାନ୍ସପୋର୍ଟ କମ୍ପାନୀର କୋଇଲା ପରିବହନ କରୁଥିବା ଭାରିଯାନ ଗୁଡ଼ିକର ବେପରୁଆ ଭାବେ ଗାଡି ଚାଳନା, ବେଆଇନ ପାର୍କିଂ ଆଦି କରୁଥିବାରୁ ରାସ୍ତା ଜାମ୍, ପ୍ରଦୂଷଣ ହେବା ସହ ସଡ଼କ ଦୁର୍ଘଟଣାରେ ନିରୀହଙ୍କ ଜୀବନ ଯାଉଛି। ଛାତ୍ରଛାତ୍ରୀ, ବୃଦ୍ଧ, ମହିଳା, ପୁରୁଷଙ୍କ ଜୀବନ ପ୍ରତି ଡର ସୃଷ୍ଟି ହେବାଯୋଗୁଁ ଭୟରେ ଲୋକେ ଯାତାୟାତ କରୁଛନ୍ତି। ପ୍ରଶାସନ, ପରିବହନ ବିଭାଗ, ଖଣି କର୍ତ୍ତୃପକ୍ଷ ଟ୍ରାନ୍ସପୋର୍ଟ କମ୍ପାନୀ ମାଲିକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଅଭିଯୋଗ ହେଉଛି।

## ଟ୍ରକ୍ ପଛକୁ ଧକ୍କାଦେଲା ବାଇକ୍, ଜଣେ ମୃତ

**ବାଲିଶଙ୍କରା, ୨୭।୧(ସମିସ):** ତଲସରା ଥାନା ତେଲିଯୋର ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଟ୍ରକ୍ ପଛରେ ଧକ୍କା ଦେବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଆରୋହୀ ଗୁରୁତର ହୋଇଛନ୍ତି। ରାସ୍ତା କଡ଼ରେ ଅଟକି ରହିଥିବା ଟ୍ରକ୍ ପଛରେ ବାଇକ ଧକ୍କା ହେବା ଫଳରେ ବାଇକ୍ ଆରୋହୀ ଦ୍ୱୟ ରାସ୍ତାରେ ଛିଟିକି ପଡ଼ିଥିଲେ। ଗ୍ରାମବାସୀ ଉଭୟଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଗୁରୁତର ଥିବାରୁ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଆଜି ରାଜ କୁମାର ରାମ (୨୫) ନାମକ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟତମ ଆରୋହୀ କଳେଶ୍ୱର ରାମ (୨୪) ଗୁରୁତର ଅଛନ୍ତି। ଉଭୟ ଛତିଶଗଡ଼ ରାଜ୍ୟର ତପକରା ଥାନା ବଉଁସା ଝାଲ ଗ୍ରାମର। ଘଟଣାସ୍ଥଳରେ ତଲସରା ଥାନାଧିକାରୀ ପହଞ୍ଚି ଗାଡ଼ିଦ୍ୱୟ ଜବତ କରି ତଦନ୍ତ ଚଳାଇଛି। ଉଭୟ ବାଇକ୍ ଯୋଗେ ବାଲିଶଙ୍କରାକୁ ଆସି ଘରକୁ ଫେରୁଥିଲେ।

## ଗଞ୍ଜେଇ ଚାଲାଣ; ୨ ଗିରଫ

**ହେମଗିରି, ୨୭।୧(ସମିସ):** ଶନିବାର ରାତିରେ ଗଞ୍ଜେଇ ଚାଲାଣ କରୁଥିବା ସମୟରେ ହେମଗିରି ଅବକାରୀ ବିଭାଗ ଦୁଇ ଗଞ୍ଜେଇ ଚାଲାଣକାରୀଙ୍କୁ କନିକାଠାରୁ ଗିରଫ କରିଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ମହାରାଷ୍ଟ୍ର ଜିଲ୍ଲା କାମଟି ଆନନ୍ଦ ନଗରର ଯବାର ଖାନ (୩୯) ଏବଂ କନିକା ଅଞ୍ଚଳର ଶେଖ ସରୱର (୩୩)। ଶନିବାର ରାତିରେ ଦୁଇ ଅଭିଯୁକ୍ତ କନିକାସ୍ଥିତ ହେମଗିରି ରେଳ ଷ୍ଟେସନ ଠାରୁ ଟ୍ରେନ୍ ଯୋଗେ ନାଗପୁର ମହାରାଷ୍ଟ୍ରକୁ ୧କେଜି ଗଞ୍ଜେଇ ଚାଲାଣ କରିବାକୁ ଉଦ୍ୟମ କରୁଥିବା ସମୟରେ ରେଲୱେ ପୁଲିସ ହାତରେ ଧରା ପଡ଼ିଥିଲେ। ପରେ ରେଳବାଇ ପୁଲିସ ହେମଗିରି ଅବକାରୀ ବିଭାଗକୁ ସୂଚନା ଦେଇ ଗଞ୍ଜେଇ ସହ ଦୁଇ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ହେମଗିର ଅବକାରୀ ବିଭାଗ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଅଟୋରୁ ଖସି ଜଣେ ମୃତ

**ସୁନ୍ଦରଗଡ଼, ୨୭।୧(ସମିସ):** ସୁନ୍ଦରଗଡ଼ ସଦର ଅନ୍ତର୍ଗତ ବାବୁପଡ଼ା ନିକଟରେ ଏକ ଚଳନ୍ତା ଅଟୋରୁ ଖସି ଜନୈକ ବ୍ୟକ୍ତିଙ୍କୁ ମୃତ୍ୟୁ ଘଟିଛି। କିରେଇ ଗ୍ରାମର ହେମନ୍ତ ଛାତ୍ରିଆ (୪୮) ଅନ୍ୟ କେତେକଙ୍କ ସହ ସେମିନା ନିକଟକୁ ବଣଭୋଜି କରିବାକୁ ଯାଇଥିଲେ। ସେମାନେ ଭୋଜି କରିବା ପରେ ଅଟୋରେ ଘରକୁ ଫେରୁଥିବା ବେଳେ ହେମନ୍ତ ବାବୁ ପଡ଼ା ନିକଟରେ ଅଟୋରୁ ଖସି ପଡ଼ିଥିଲା। ଅନ୍ୟମାନେ ତାଙ୍କୁ ଉଦ୍ଧାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ପୁଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

## ଡାଏରୀ ଫାର୍ମର ଭୂମିପୂଜନ

**ସୁନ୍ଦରଗଡ଼, ୨୭।୧(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ଖେରିଆକାନି ଗ୍ରାମରେ ଏକ ଡାଏରୀ ଫାର୍ମ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅନୁମୋଦିତ ଏହି ପ୍ରକଳ୍ପର ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇ ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳରେ ରୋଜଗାର ସୃଷ୍ଟି କରିବା ସହ ଜିଲ୍ଲା ତଥା ରାଜ୍ୟବାସୀଙ୍କୁ ଉତ୍ତମ ମାନର କ୍ଷୀର ଯୋଗାଇବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସିଡିଭିଓ ସନ୍ତୋଷ କୁମାର ପାଣଗ୍ରାହୀ ଓ ଡେପୁଟି ଡାଇରେକ୍ଟର ଭେଟେରିନାରି ଡକ୍ଟର ସ୍ୱରୂପ ରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଜୟ ବିଜୟ ଗ୍ରୁପ୍‌ର ମାଲିକ ତଥା ଡାଏରୀ ଫାର୍ମର ନିର୍ଦ୍ଦେଶକ ଶ୍ରୀକାନ୍ତ ତ୍ରିପାଠୀ କହିଥିଲେ ଯେ ଡାଏରୀ ଫାର୍ମରେ ୩ଶହରୁ ଊର୍ଦ୍ଧ୍ୱ ଗାଈ ରଖାଯିବ ଏବଂ ଅତ୍ୟାଧୁନିକ ଉପକରଣ ମାଧ୍ୟମରେ କ୍ଷୀର ଏବଂ ଅନ୍ୟାନ୍ୟ ଦୁଗ୍ଧ ଜାତ ଦ୍ରବ୍ୟର ଉତ୍ପାଦନ ଓ ପ୍ୟାକେଜିଂ ହେବ। କାର୍ଯ୍ୟକ୍ରମରେ ଶତାଧିକ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଗ୍ରାମସଭାକୁ ଆସୁନାହାନ୍ତି ନୋଡାଲ ଅଧିକାରୀ

**ହେମଗିରି, ୨୭।୧(ସମିସ):** ଗଣତନ୍ତ୍ର ଦିବସ ଅବସରରେ ହେବାକୁଥିବା ଗ୍ରାମସଭା ଗୁଡ଼ିକରେ ପ୍ରଶାସନ ଦ୍ୱାରା ନିଯୁକ୍ତ ନୋଡାଲ ଅଧିକାରୀ ଉପସ୍ଥିତ ନହେବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ନେଇ କନିକା ପଞ୍ଚାୟତର ଗ୍ରାମସଭାରେ ମଧ୍ୟ ନୋଡାଲ ଅଧିକାରୀ ଆସିନଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖାଲି କନିକା ନୁହେଁ ବ୍ଲକର ୧୯ ଟି ଗ୍ରାମପଞ୍ଚାୟତ ମଧ୍ୟରୁ ଅଧାରୁ ଅଧିକ ଚଳିତ ଗ୍ରାମସଭାରେ ନିଯୁକ୍ତ ନୋଡାଲ ଅଧିକାରୀ ଉପସ୍ଥିତ ନଥିବାବେଳେ ସେଠାରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି। ଖାଲି ଏତିକି ନୁହେଁ ନୋଡାଲ ଅଧିକାରୀଙ୍କ ସମେତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହୁନଥିବାରୁ ପଞ୍ଚାୟତ ପ୍ରତିନିଧିମାନେ ଗ୍ରାମସଭା ଚଳାଇ ନିଜ ସୁବିଧା ମୁତାବକ ବିବରଣୀ ଉଲ୍ଲେଖ କରୁଥିବା ଅଭିଯୋଗ ହେଉଛି। ଗଣତନ୍ତ୍ର ଦିବସ ସ୍ୱତନ୍ତ୍ର ଗ୍ରାମସଭା ପାଇଁ ବ୍ଲକ ପ୍ରଶାସନ ନୋଟିସ୍ ମାଧ୍ୟମରେ ସମସ୍ତ ଗ୍ରାମପଞ୍ଚାୟତ ପାଇଁ ନୋଡାଲ ଅଧିକାରୀ ନିଯୁକ୍ତ କରିଥିଲେ। ମାତ୍ର ଉକ୍ତ ନୋଡାଲ ଅଧିକାରୀ ନିଜ ଇଚ୍ଛାରେ କାମ କରୁଥିବା ଅଭିଯୋଗ ହୋଉଛି।



## ଜାତୀୟ ମତଦାତା ଦିବସ

**ସୁନ୍ଦରଗଡ଼, ୨୭ ।୧(ସମିସ):** ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ୧୫ ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ ଯୋଗଦେଇଥିଲେ। ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ନୂତନ ଖମାରୀ ଅତିଥି ପରିଚୟ ପ୍ରଦାନ ସହ ଉକ୍ତ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଭୂତତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ ଶିବ ପ୍ରସାଦ ମହାନ୍ତ ସଂଯୋଜନା କରିଥିବା ବେଳେ ଗଣିତ ବିଭାଗର ମୁଖ୍ୟ ତଥା ବରିଷ୍ଠ ପ୍ରାଧ୍ୟାପକ ଆଲୋକ କୁମାର ନାଏକ ଧନ୍ୟବାଦ ଦେଇଥିଲେ। ସହକାରୀ ପ୍ରଫେସର ପ୍ରକାଶ ସାହୁ, ସହକାରୀ ପ୍ରଫେସର ଅନିତ କୁମାର ସାହୁ, ସେକସନ ଅଫିସର ପ୍ରଦୀପ କୁମାର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ୍

**ରାଉରକେଲା/ସୁନ୍ଦରଗଡ଼, ୨୭।୧(ସମିସ):** ସୁନ୍ଦରଗଡ଼ର ଏକ ଦୁଷ୍କର୍ମ ମାମଲାର ଶୁଣାଣି କରି ଦୌରା ଜଜ ଶିଖାରାଣୀ ରଥ ଦୁଷ୍କର୍ମକାରୀକୁ ଦଫା ୩୭୬(୨)(ଖ)/୩୨୩ ଆଇପିସିରେ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହିତ ୧୦ ହଜାର ଟଙ୍କା ଜୋରିମାନା ଆଦେଶ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୬ ମାସ ଦଣ୍ଡାଦେଶ ଦେଇଛନ୍ତି। ସେହିପରି ଦଫା ୩୨୩ ରେ ୧ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧ ହଜାର ଟଙ୍କାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୧୦ ଦିନ ଦଣ୍ଡ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୦୨୨ ମାର୍ଚ୍ଚ ୧୩ ତାରିଖରେ ତଳସରା ଥାନା ବନଡେଗା ଅନ୍ତର୍ଗତ ସର୍ଜଘା ଗାଁରେ ଦୁଷ୍କର୍ମ ଘଟଣା ଘଟିଥିଲା। ପୀଡ଼ିତା ଜଣକ ମାନସିକ ବିକୃତ ହୋଇଥିବା ବେଳେ ଶୌଚ ପାଇଁ ନିଜ ଘର ନିକଟସ୍ଥ କୂଅ ପାଖକୁ ଯାଇଥିବା ବେଳେ ଶୀରଧର ଡମ(୬୫) ଏକୁଟିଆ ପାଇ ଦୁଷ୍କର୍ମ କରିଥିଲା। ପୀଡ଼ିତା ଏହାକୁ ପ୍ରତିବାଦ କରିବାରୁ ଅଭିଯୁକ୍ତ ପୀଡ଼ିତାକୁ ଦୁଇ ଚାପୁଡ଼ା ମାରିବା ସହ ତାକୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲା। ଏ ବିଷୟରେ ତଳସରା ଥାନାରେ ତାର ଭାଉଜ ଅଭିଯୋଗ କରିଥିଲେ। ସେ ସମୟରେ ଥିବା ତଦନ୍ତକାରୀ ଅଫିସର ତଳସରା ଥାନାରେ ଅଭିଯୋଗ ପରେ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଥବଲା। ୨୫ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ସରକାରୀ ଓକିଲଙ୍କ ଯୁକ୍ତି ଏବଂ ୨୩ଟି ଦସ୍ତାବିଜକୁ ଆଧାରକରି ଜିଲ୍ଲା ଦୌରା ଜଜ ଶ୍ରୀମତୀ ରଥ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ଦିଲ୍ଲୀପ କୁମାର ମୁର୍ମୁ ପରିଚାଳନା କରୁଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର

**ସୁନ୍ଦରଗଡ଼, ୨୭।୧(ସମିସ):** ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ସ୍ଥାନୀୟ ଇବ୍ ନଦୀରୁ ଜଣେ ଅଜଣା ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି। ମୃତ ଯୁବକଙ୍କ ପରିଚୟ ମିଳିପାରିନଥିବାବେଳେ ସେ ଶ୍ୟାମଳ ରଙ୍ଗର ଓ ମୁହଁରେ ଲମ୍ବା ଦାଢ଼ି ରହିଛି। ରାଣୀବଗିଚା ନିକଟସ୍ଥ ଇବ୍ ନଦୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ଶବ ଜବତ କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ମର୍ଗ ହାଉସରେ ସଂରକ୍ଷିତ ରଖିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ତଦନ୍ତ ଜାରି ରହିଛି।

## ଇନ୍ସପେକ୍ଟର୍‌ସ୍ତରରେ ଅଦଳବଦଳ

**ରାଉରକେଲା, ୨୭।୧(ସମିସ):** ରାଉରକେଲା ପୁଲିସ ଜିଲ୍ଲାରେ ଥାନା ଇନ୍ସପେକ୍ଟରସ୍ତରରେ ଏକ ଛୋଟ ଅଦଳବଦଳ ହୋଇଛି। ସୂଚନା ମୁତାବକ ଜିଲ୍ଲା ମୁଖ୍ୟାଳୟରେ ଥିବା ବିଭସ୍ କୁମାର ପ୍ରଧାନଙ୍କର ପ୍ଲାଣ୍ଟସାଇଟ୍ ଥାନାକୁ ବଦଳି କରାଯାଇଥିବା ବେଳେ ଉଦିତନଗର ଥାନା ଇନିସପେକ୍ଟର ନିରଞ୍ଜନ ସେଠୀଙ୍କ ଟାଙ୍ଗରପାଲ୍ଲୀ ଥାନାକୁ ବଦଳି କରାଯାଇଛି। ସେହିପରି ଜିଲ୍ଲା ମୁଖ୍ୟାଳୟରେ ଥିବା ଦିଲ୍ଲୀପ କୁମାର ଲାକ୍ରାଙ୍କର ଉଦିତନଗର ଥାନାକୁ ବଦଳି କରାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ଟାଙ୍ଗରପାଲ୍ଲୀ ଥାନା ଇନିସପେକ୍ଟର ସୁକାନ୍ତ କିଶୋର ପ୍ରଧାନଙ୍କର ପୂର୍ବରୁ ରାଜ୍ୟ ଭିଜିଲାନ୍ସକୁ ଅଫିସ ଅର୍ଡର ହୋଇଥିବା ବେଳେ ପ୍ଲାଣ୍ଟସାଇଟ୍ ଥାନା ଇନିସପେକ୍ଟର ଜୟନାରାୟଣ ଖଣ୍ଡେଇଙ୍କର ମାଲକାନଗିରି ପୁଲିସ ଜିଲ୍ଲାକୁ ପୂର୍ବରୁ ଅଫିସ ଅର୍ଡର ହୋଇଥିଲା।

# ସବୁଠି ଉଡ଼ିଲା ତ୍ରିରଙ୍ଗା

**ସୁନ୍ଦରଗଡ଼, ୨୭।୧(ସମିସ):** ସୁନ୍ଦରଗଡ଼ ସଦର ମହକୁମାଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶ୍ରୀ ପୂଜାରୀ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛାଜଣାଇବା ସହିତ ସମ୍ବିଧାନ ସଭାର ଅଧ୍ୟକ୍ଷ ଏବଂ ସମସ୍ତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରେଡ୍ ଅନୁଷ୍ଠିତ ହୋଇଥିଲା। ସେହିଭଳି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ସୁନ୍ଦରଗଡ଼ ପୌର ପରିଷଦ ଦ୍ୱାରା ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିଲା। ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାର୍ଥକ ସ୍କୁଲ, ଆସ୍ଥା ଗୃହ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା କାରାଗାରର ଅନ୍ତେବାସୀଙ୍କୁ ମୁଖ୍ୟ ଅତିଥି ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରେ ଜିଲ୍ଲା କ୍ରୀଡ଼ା ସଂସଦ ପଡ଼ିଆ ଠାରେ ଜିଲ୍ଲା ପ୍ରଶାସନ, ଗଣମାଧ୍ୟମ, ବାର ଆସୋସିଏସନ୍ ଏବଂ ପୁଲିସ ପ୍ରଶାସନ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଭ୍ୟ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ।



### ରଜକ ସେବା ସଂଘ

ରଜକ ସେବା ସଂଘର ପକ୍ଷରୁ ପବିତ୍ର ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି। ଉକ୍ତାସ୍ଥିତ ରଜକ ସେବା ସଂଘ ପରିସରରେ ଆୟୋଜିତ ଉକ୍ତ ସମାରୋହରେ ସଂଘର ବରିଷ୍ଠ କେନ୍ଦ୍ରୀୟ କମିଟି ଉପଦେଷ୍ଟା ତଥା ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଚନ୍ଦ୍ରମଣି ସେଠ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଦେଶ ଗଠନ ସହ ଜାତି ଗଠନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସଂଘର କେନ୍ଦ୍ରୀୟ ସମ୍ପାଦକ ଜୟକୃଷ୍ଣ ସେଠଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାରୋହରେ ସହ ସମ୍ପାଦକ କ୍ଷୀରୋଦ ସେଠ, ସହ ସମ୍ପାଦିକା ପ୍ରଭାସିନୀ ସେଠ, କୋଷାଧ୍ୟକ୍ଷ ଅଭିନ ଚନ୍ଦ୍ର ସେଠ ପ୍ରମୁଖ ନିଜ ବକ୍ତବ୍ୟ ନିଜ ବକ୍ତବ୍ୟ ରଖିଥିବା ବେଳେ ସଂଘର ସଦର (କ) ଆଞ୍ଚଳିକ କମିଟି ସମ୍ପାଦକ ଗିରିଧାରୀ ସେଠ ଧନ୍ୟବାଦ ଦେଇଥିଲେ।

### ବାଲିଶଙ୍କରା



ବାଲିଶଙ୍କରା ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ରାଜା ବଙ୍ଗଳା ଖେଳ ପଡ଼ିଆରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ, ଜିଲ୍ଲାପରିଷଦ (ଖ) ଜୋନ୍ ସଭ୍ୟା ଜୟନ୍ତୀ ଏକ୍କା, ଉଚ୍ଛବ ତନ୍ତୀ, କଲେଜ ଅଧ୍ୟକ୍ଷ କୁଳମଣି ସାହୁ, ଅଧ୍ୟାପକ ଯୁଗେଶ୍ୱର ସାହୁ, ସମିତି ସଭ୍ୟା କହ୍ନେଇ ଜୟପୁରିଆ, ସୁଗ୍ରୀବ ବାଘ, ବୈରାଗୀ ତନ୍ତୀ, ଶୋଭା ସା ପ୍ରମୁଖ ଯୋଗଦେଇଥିଲେ।

### ଜିଲ୍ଲା କଂଗ୍ରେସ କମିଟି

ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସାଧାରଣତନ୍ତ୍ର ଦିବସ ଆଦର୍ଶ ନଗରସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ଜିଲ୍ଲା ଏସ୍‌ଟି ସେଲ ଅଧ୍ୟକ୍ଷ ଆନ୍ଥୋନି କୁଲୁ ମୁଖ୍ୟ ଅତଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ ସାଧାରଣତନ୍ତ୍ର ଦିବସର ମହତ୍ୱ ଉପରେ ଆଲୋକପାତ କରିବା ସହ ସମ୍ବିଧାନର ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ ନାଏକ, ମୁନୁ ସରାଫ, ପର୍ଶୁରାମ ସରାଫ, ଭୀଷ୍ମଦେବ ସିଂ, ଦେବାଦୀଶ ଦାସ, ନେପାଳ ସାହୁ, ପ୍ରଣବ ସିଂ, ମନୋଜ ମହାରଣା, ରାମକୁମାର ସାହୁ, ସଞ୍ଜୀବ ପଟ୍ଟନାଏକ, ରାଜେନ୍ଦ୍ର ପଟେଲ, ସତ୍ୟନାରାୟଣ ସାହୁ, ମନସୁର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।



### ଲକ୍ଷେ ଘର ସମାଜ ସେବା ସମିତି

ଲକ୍ଷେ ଘର ସମାଜ ସେବା ସମିତି ପକ୍ଷରୁ ସ୍ଥାନୀୟ ରଙ୍ଗାଢ଼ିପାସ୍ଥିତ ସଂଗଠନର କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସମିତିର ସଭାପତି ସଚିନ୍ଦ୍ରା ବୁଖ୍ରା ଜାତୀୟ ପତାକା ଉତୋଳନ କରି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ, ନୀତି ଆଦର୍ଶ ବିଷୟ ରେ ଆଲୋକପାତ ଥିରେ। ସଙ୍ଗଠନର ସମ୍ପାଦକ ଭଗବାନ ତନ୍ତୀ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ଼.ମଙ୍ଗଳ ଗର୍ଡ଼ିଆ, ବରିଷ୍ଠ ସଦସ୍ୟ ବିଦ୍ୟାଭୂଷଣ ଶାସନୀ, ପର୍ଶୁରାମ ଜୟପୁରିଆ, ଗିରିଶ ଚନ୍ଦ୍ର ତନ୍ତୀ, ଶଶିଭୂଷଣ ତନ୍ତୀ, ଲକ୍ଷ୍ମୀଧର ତାଜନ୍, ମଧୁକର ତାଜନ୍, ସୋମନାଥ କୁଆ ପ୍ରମୁଖ ଉପସ୍ଥିତ ଥିଲେ।



# ଆଙ୍ଗୁଠି ଛାପ ସମାନ ନୁହେଁ କାହିଁକି

ବିଶ୍ୱରେ କୋଟି କୋଟି ଲୋକ ବାସ କରିଥାନ୍ତି। ପ୍ରତ୍ୟେକ ବ୍ୟକ୍ତି ପରସ୍ପର ଠାରୁ ଭିନ୍ନ । ସମସ୍ତଙ୍କର ଚେହେରା, ଅଭ୍ୟାସ, ସଉକ, ରୁଚି ଆଦି ଅନ୍ୟମାନଙ୍କ ସହିତ ସମାନ ହୋଇ ନ ଥାଏ। ସେହିପରି ଜଣେ ମଣିଷର ଫିଙ୍ଗର ପ୍ରିଣ୍ଟ ବା ଅଙ୍ଗୁଳି ଛାପ ଅନ୍ୟ ସହିତ କଦାପି ମେଳ ହୋଇପାରିବ ନାହିଁ। ସେଥିପାଇଁ ଆଙ୍ଗୁଠି ଛାପକୁ ଜଣେ ବ୍ୟକ୍ତିଙ୍କ ପରିଚୟର ଦୀର୍ଘକାଳୀନ ଚିହ୍ନଟୀକରଣ ହିସାବରେ ଗ୍ରହଣ କରାଯାଏ। ତେବେ ସମସ୍ତଙ୍କ ଆଙ୍ଗୁଠି ଛାପ ସମାନ ନ ହେବା ପଛରେ ବି କାରଣ ରହିଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ହାତର ଚର୍ମ ଦୁଇ ପରସ୍ତରେ ତିଆରି ହୋଇଥାଏ। ପ୍ରଥମ ପରସ୍ତକୁ ଏପିଡର୍ମିସ୍ ଏବଂ ଦ୍ୱିତୀୟ ପରସ୍ତକୁ ଡର୍ମିସ୍ କୁହାଯାଇଥାଏ। ଜଣେ ବ୍ୟକ୍ତିଙ୍କର ବୟସ ବଢ଼ିବା ସହ ଏହି ପରସ୍ତ ମଧ୍ୟ ବଢ଼ି ଚାଲିଥାଏ। ଏହି ଦୁଇଟି ସ୍ତରକୁ ମିଶାଇ ହାତର ଚର୍ମରେ ଆଙ୍ଗୁଠି ଛାପ ସୃଷ୍ଟି ହୁଏ। ପାସ୍‌ୱାର୍ଡ ତିଆରି କରିବାରେ ଏହି ଆଙ୍ଗୁଠି ଛାପ ବା ଫିଙ୍ଗରପ୍ରିଣ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। କୌଣସି ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ବନାଇବାରେ ମଧ୍ୟ ଜଣେ ବ୍ୟକ୍ତିଙ୍କର ଆଙ୍ଗୁଠି ଛାପର ଆବଶ୍ୟକ ଥାଏ। ଆଜିକାଲି ଲୋକମାନେ ପ୍ରତ୍ୟେକଟି ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟକୁ ନିଜର ଆଙ୍ଗୁଠି ଛାପରେ ଲକ୍ କରି ରଖୁଛନ୍ତି। ସ୍କୁଲ, କଲେଜ, କାର୍ଯ୍ୟାଳୟ ଆଦି ପ୍ରତ୍ୟେକ କ୍ଷେତ୍ରରେ ଜଣଙ୍କର ଉପସ୍ଥିତି ଜାଣିବାକୁ ଅଙ୍ଗୁଳି ଛାପ ବ୍ୟବହାର ମଧ୍ୟ ବୃଦ୍ଧି ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଆଙ୍ଗୁଠି ଛାପ ଏତେ ଗଭୀର ଯେ, ସେହି ସ୍ଥାନ ଜଳିଗଲେ କିମ୍ବା କ୍ଷତ ହେଲେ ବି ଛାପର ଆକାର ଲିଭି ନ ଥାଏ। ତେବେ ହାତରେ କୌଣସି ସମସ୍ୟା ଥିଲେ ଫିଙ୍ଗର ପ୍ରିଣ୍ଟ ଗାଏବ ହୋଇଯାଏ। ଅବଶ୍ୟ କିଛି ସମୟ ପରେ ପୁଣି ଫେରିଆସେ। ତେବେ ଆଙ୍ଗୁଠି ଛାପ ମାତୃଗର୍ଭରୁ ହିଁ ତିଆରି ହୋଇଥାଏ। ବ୍ୟକ୍ତିଙ୍କ ଜିନ୍ ଏବଂ ବାତାବରଣ ହିଁ ଏହି ଚିହ୍ନ ହେବାର ମୁଖ୍ୟ କାରଣ। ସେହି ହେତୁ ଆଙ୍ଗୁଠି ଛାପ କେବେ ବି କାହା ସହିତ ସମାନ ହୋଇନଥାଏ। ଓଲଟି ବୟସ ବଢ଼ିବା ସହିତ ଏହି ଆଙ୍ଗୁଠି ଛାପ ମଧ୍ୟ ମଜଭୁତ ହୋଇଯାଏ। କୁହାଯାଏ, ଜୀବନର ଶେଷ ସମୟ ଯାଏଁ ଆଙ୍ଗୁଠି ଛାପରେ କୌଣସି ବି ପରିବର୍ତ୍ତନ ହୋଇନଥାଏ।

# 'ଆଶିକୀ-୩'

## ରଣବୀରଙ୍କ ଲୁକ୍‌କୁ ଅନୁସରଣ କରିଛନ୍ତି କାର୍ତ୍ତିକ୍



ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ଯ୍ୟନ୍ ବେଶ୍ ଅଳ୍ପଦିନର ଫିଲ୍ମ କ୍ୟାରିୟର୍‌ରେ ଆଗଧାଡ଼ିର ହିରୋମାନଙ୍କୁ କଡ଼ା ଟକ୍କର ଦେଉଛନ୍ତି। କାର୍ତ୍ତିକ୍‌ଙ୍କ ପ୍ରଶଂସକମାନେ 'ଭୁଲଭୁଲୈୟା-୩' ପରେ ତାଙ୍କ ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ସେ 'ଆଶିକୀ-୩'ରେ ନଜର ଆସିବେ ବୋଲି କୁହାଯାଉଥିଲା। ଏହାର ସୁଟିଂ ସେ ଖୁବ୍‌ଶୀଘ୍ର ଆରମ୍ଭ କରିବେ ବୋଲି କୁହାଯାଉଥିଲା। ଇତିମଧ୍ୟରେ କାର୍ତ୍ତିକ୍‌ଙ୍କର ନୂଆ ଲୁକ୍‌କୁ ନେଇ ଚର୍ଚ୍ଚା ହେବାକୁ ଲାଗିଛି। କାର୍ତ୍ତିକ୍, 'ଆଶିକୀ-୩' ପାଇଁ ଏଭଳି ଲୁକ୍ ଆପଣାଇ ଥାଇ ପାରନ୍ତି ବୋଲି ଚର୍ଚ୍ଚା ହେବାକୁ ଲାଗିଲାଣି। ନିକଟରେ ସେ ଏକ ଇଭେଣ୍ଟରେ ଯୋଗ ଦେବା ସମୟରେ ତାଙ୍କର ଏହି ଲୁକ୍ ଭାଇରାଲ୍ ହୋଇଛି। ଏହି ସମୟରେ କାର୍ତ୍ତିକ୍ ପାଉଁଶିଆ ରଙ୍ଗର ଏକ ସୁଟ୍ ସହ ଧଳା ସାର୍ଟ ପିନ୍ଧିଥିଲେ। ତାଙ୍କର କେଶ ଓ ନିଶଦାଢ଼ି ବଢ଼ିଥିବାର ଦେଖାଯାଇଥିଲା। 'ଆନିମଲ'ରେ ରଣବୀର କପୁର ଯେପରି ଦେଖାଯାଉଥିଲେ କାର୍ତ୍ତିକ୍ ଅବିକଳ ସେଭଳି ଦେଖାଯାଉଥିଲେ। କିଛିଦିନ ପୂର୍ବରୁ ଜାନୁଆରୀ ଶେଷ ଆଡ଼କୁ ନଚେତ୍ ଫେବୃଆରୀ ଆରମ୍ଭରୁ 'ଆଶିକୀ-୩' ସୁଟିଂ ଆରମ୍ଭ ହୋଇପାରେ ବୋଲି କାର୍ତ୍ତିକ୍ ସୂଚନା ଦେଇଥିଲେ। ଏହାପରେ ଫିଲ୍ମରୁ ତ୍ରିପ୍ତି ଦିମ୍‌ରିଙ୍କୁ ବାଦ୍ ଦିଆଯାଇଛି ବୋଲି ଚର୍ଚ୍ଚା ହେବାକୁ ଲାଗିଲା। ତେବେ କାର୍ତ୍ତିକ୍‌ଙ୍କର ଏହି ଲୁକ୍ ଦେଖି 'ଆଶିକୀ-୩' ବ୍ଲକ୍‌ବଷ୍ଟର୍ ହେବ ବୋଲି ତାଙ୍କ ପ୍ରଶଂସକମାନେ ଏବେଠାରୁ କହିବାକୁ ଲାଗିଲେଣି।

# କର୍କଟ କବଳରେ ଯୁବପିଢ଼ି



କର୍କଟ ଏକ ମାରାତ୍ମକ ରୋଗ। ଏବେ ବିଭିନ୍ନ ପ୍ରକାର କର୍କଟ ରୋଗରେ ଲୋକେ ପୀଡ଼ିତ ହେଉଛନ୍ତି। ଆମେରିକାନ୍ କ୍ୟାନସର୍ ସୋସାଇଟିର ଏକ ରିପୋର୍ଟ ଅନୁସାରେ, ଯୁବପିଢ଼ିଙ୍କଠାରେ ବିଶେଷକରି ମହିଳାଙ୍କଠାରେ କର୍କଟ ମାମଲା ବୃଦ୍ଧି ପାଉଛି। ୫୦ବର୍ଷରୁ କମ୍ ବୟସବର୍ଗଙ୍କଠାରେ ସ୍ତନ, କୋଲୋରେକ୍ଟାଲ, ଅଗ୍ନାଶୟ ଏବଂ ଗର୍ଭାଶୟ କର୍କଟ ଲକ୍ଷଣ ଦେଖିବାକୁ ମିଳୁଛି। ସେହିପରି ଅନେକ ପ୍ରକାର କର୍କଟ ଧୂମପାନ ସହିତ ଜଡ଼ିତ। ଫୁସ୍‌ଫୁସ୍, ମୁଖ, ଗଳା ଆଦି କର୍କଟ ଏହି ଶ୍ରେଣୀରେ ସାମିଲ। ଅନ୍ୟପଟେ ଧୂମପାନର ଧୂଆଁ ସଂସ୍ପର୍ଶରେ ଆସିଲେ ବି ଫୁସ୍‌ଫୁସ୍ କର୍କଟ ଆଶଙ୍କା ବୃଦ୍ଧି ପାଏ। ଅବଶ୍ୟ ଏ ଲାଗି କେବଳ ଧୂମପାନ ଏକମାତ୍ର ଭୟଙ୍କର ଅଭ୍ୟାସ ନୁହେଁ। ତମାଖୁ ସେବନ ଦ୍ୱାରା ମଧ୍ୟ ମୁଖ ଓ ଗଳା କର୍କଟ ହୋଇଥାଏ। ଏହାବାଦ୍ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଦ୍ୱାରା ମଧ୍ୟ କର୍କଟଠାରୁ ପୂରାପୂରି ରକ୍ଷା ମିଳି ନ ଥାଏ। କିନ୍ତୁ ଏ ପ୍ରକାର ଖାଦ୍ୟ ଅବଶ୍ୟ କର୍କଟ ବିପଦକୁ କମ୍ କରିବାରେ ସାହାଯ୍ୟ କରେ। ତେଣୁ ଅଧିକ ପନିପରିବା ଏବଂ ଫଳମୂଳ ଖାଇବା ଭଲ। ସେହିପରି ଅତିରିକ୍ତ ଚିନି, ଚର୍ବି ଏବଂ କ୍ୟାଲୋରି ଯୁକ୍ତ ଖାଦ୍ୟପଦାର୍ଥଠାରୁ ଦୂରେଇ ରହିବା ଉତ୍ତମ। ଭୂମଧ୍ୟସାଗରୀୟ ଆହାରକୁ ପାଳନ କରିବା ଦ୍ୱାରା ସ୍ତନ କର୍କଟ ଆଶଙ୍କା କମ୍ ହୋଇଥାଏ। ଅନ୍ୟପଟେ ମଦ୍ୟପାନରୁ ଲିଭର, କିଡ୍‌ନି, ଫୁସ୍‌ଫୁସ୍, କୋଲନ, ସ୍ତନ କର୍କଟ ଆଶଙ୍କା ବୃଦ୍ଧି ପାଏ। ସେହିପରି ଯେତେ ଅଧିକ ମଦ୍ୟପାନ କରିବେ, ସେତେ ଅଧିକ ବିପଦ ବଢ଼ିଥାଏ। ତେବେ ନିତିଦିନ ସନ୍ତୁଳିତ ଭୋଜନ ଗ୍ରହଣ କରିବା ସହ ବ୍ୟାୟାମ ଏବଂ ଜୀବନଶୈଳୀକୁ ବ୍ୟବସ୍ଥିତ ରଖିଲେ କର୍କଟ ଆଶଙ୍କାକୁ କମ୍ କରାଯାଇପାରିବ। ଏହାସହ ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବା ଉଚିତ। ବାହାରେ ଥିଲେ, ଯେତେସମ୍ଭବ ଛାଇରେ ରହିବା ଭଲ। ଚଉଡ଼ା ଟୋପି ଏବଂ କଳା ଚଷମା ପିନ୍ଧିବା ଦରକାର। ତ୍ୱଚାକୁ ଆବୃତ୍ତ କରି ରଖୁଥିବା ପୋଷାକ ପିନ୍ଧିବା ଉପରେ ଗୁରୁତ୍ୱ ଦେବା ଜରୁରି। କାରଣ ଏହା ଦ୍ୱାରା ଚର୍ମ କର୍କଟ ଆଶଙ୍କା ଅଛି।

## ଆଜିର ଇତିହାସ

- ୧୮୩୫- ପଶ୍ଚିମବଙ୍ଗରେ କଲିକତା ମେଡିକାଲ କଲେଜ ଆରମ୍ଭ।
- ୧୮୬୫- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ ରାୟଙ୍କ ଜନ୍ମ।
- ୧୯୩୨- ସାଂଘାଇ ଉପରେ ଜାପାନୀ ସେନାର ଆକ୍ରମଣ।
- ୧୯୪୮ -ଆକାଶବାଣୀ କଟକ କେନ୍ଦ୍ରର ସ୍ଥାପନା।
- ୧୯୬୫- ବ୍ରିଟିଶ୍ ଟେଲିଭିଜନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରଥମ କାର୍ଯ୍ୟକ୍ରମ।
- ୨୦୧୨-ନାଇଜେରିଆରେ ବୋମା ବିସ୍ଫୋରଣ ଯୋଗୁଁ ୧୮୫ ଜଣଙ୍କ ପ୍ରାଣହାନି।

# କିପରି ଚାଲେ ମହାକାଶଚାରୀଙ୍କ ଦିନଚର୍ଯ୍ୟା



ସକାଳୁ ଉଠିବା ପରେ ସମସ୍ତେ ପ୍ରଥମେ ନିଜର ଦିନଚର୍ଯ୍ୟା କରିଥାନ୍ତି। ବ୍ରଶ୍ କରିବା, ସ୍ନାନାଦି ଆଦି ମୁଖ୍ୟ କାମ ହୋଇଥାଏ। ତେବେ ପୃଥିବୀପୃଷ୍ଠରେ ଦିନଚର୍ଯ୍ୟା ସାଧାରଣ କଥା ହୋଇଥିବାବେଳେ ମହାକାଶଚାରୀଙ୍କୁ ଏଥିପାଇଁ ନାନା ସଂଘର୍ଷ କରିବାକୁ ହୁଏ। ଏହାର ପ୍ରମୁଖ କାରଣ ହେଉଛି, ମହାକାଶରେ ମାଧ୍ୟାକର୍ଷଣ ଶକ୍ତି ନ ଥିବା ଯୋଗୁ ଏଠାରେ ପାଣି କେବେ ବି ତଳକୁ ବହି ନ ଥାଏ। ପାଣି ସର୍ବଦା ଭାସମାନ ଅବସ୍ଥାରେ ରହୁଥିବାରୁ ଗାଧୋଇବା ତଥା ଧୁଆଧୋଇ କରିବାକୁ ସମସ୍ୟା ହୋଇଥାଏ। ତଥାପି ମହାକାଶଚାରୀମାନେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ଦୈନିକ ବ୍ରଶ୍ କରିବା, ଶୌଚାଳୟ ଏବଂ ସ୍ନାନ ଆଦି କରିଥାନ୍ତି। ମୁହଁକୁ ସ୍ୱଚ୍ଛ ରଖିବା ପାଇଁ ବହୁତ କମ୍ ପାଣିରେ ବ୍ରଶ୍ କରିଥାନ୍ତି। ଅଧିକ ଟୁଥ୍‌ପେଷ୍ଟକୁ ସେମାନେ ପୋଛି ଦିଅନ୍ତି। ସେହିପରି କେଶ ସଫା କରିବାକୁ ମହାକାଶଚାରୀମାନେ ନୋ ରିଞ୍ଜ ସାମ୍ପୋ ବ୍ୟବହାର କରନ୍ତି। ଏହି ସାମ୍ପୋ ବ୍ୟବହାର ଦ୍ୱାରା କେଶକୁ ପାଣିରେ ଧୋଇବାର ଆବଶ୍ୟକତା ନ ଥାଏ। କେବଳ ତଉଲିଆରେ କେଶକୁ ପୋଛି ଶୁଖାଯାଇ ପାରିବ। ସେହିଭଳି ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେସନରେ ରହୁଥିବା ମହାକାଶଚାରୀମାନେ ସ୍ନାନ କରନ୍ତି ନାହିଁ। ଏଥିପାଇଁ ସେମାନେ ବଡ଼ି ୱାଇପ୍‌ସ ବ୍ୟବହାର କରନ୍ତି। ବିନା ପାଣିରେ ବି ଏମାନେ ନିଜ ଶରୀରକୁ ସଫାସୁତୁରା ରଖିପାରନ୍ତି। ମହାକାଶଚାରୀମାନେ ସାଧାରଣ ପୋଷାକ ବଦଳରେ ଡିସ୍‌ପୋଜେବଲ ପୋଷାକ ପିନ୍ଧିଥାନ୍ତି। ଏହାକୁ ବ୍ୟବହାର ପରେ ଫିଙ୍ଗି ଦେଇଥାନ୍ତି। ବିଶେଷ କଥା ହେଉଛି, ମହାକାଶଚାରୀମାନେ ମହାକାଶରେ ଯେତିକି ପାଣି ବ୍ୟବହାର କରନ୍ତି, ଏହାକୁ ପୁନଃବ୍ୟବହାର କରାଯାଇ ଶୁଦ୍ଧ କରାଯାଇଥାଏ। ଏଠାରେ ସୀମିତମାତ୍ରାର ପାଣି ଥିବାରୁ ସଫା ପାଇଁ ବ୍ୟବହୃତ ପାଣିକୁ ପୁନର୍ବାର ବ୍ୟବହାର କରାଯାଇଥାଏ।

# ମଣିଷଙ୍କ ସହ ଦୌଡ଼ିବ ରୋବଟ୍



ରୋବଟ୍ ମଣିଷଙ୍କ ଭଳି ଅନେକ କିଛି କାର୍ଯ୍ୟ କରିପାରୁଛି। ଦିନକୁ ଦିନ ନୂଆ କ୍ଷେତ୍ରରେ ପ୍ରବେଶ କରି ନିଜର ପାରଦର୍ଶିତା ଦେଖାଉଛି। ଏବେ ରୋବଟ୍ ମଣିଷ ସହିତ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କରିବ। ଚୀନ୍ ବିଶ୍ୱରେ ପ୍ରଥମ ଥର ପାଇଁ ମଣିଷ ଓ ରୋବଟ୍ ମଧ୍ୟରେ ମାରାଥନ ଆୟୋଜନ କରିବାକୁ ଯାଉଛି। ଏଥିରେ ମଣିଷ ଓ ରୋବଟ୍ ପରସ୍ପର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆସନ୍ତା ଏପ୍ରିଲ ମାସରେ ଆୟୋଜିତ ହେବାକୁ ଥିବା ଏହି ହାଫ୍-ମାରାଥନ୍‌ରେ ୧୨ଟି ହ୍ୟୁମାନଏଡ୍ ରୋବଟ୍ ସାମିଲ ହେବେ ବୋଲି କୁହାଯାଉଛି। ଅବଶ୍ୟ ରୋବଟ୍‌ଙ୍କ ପାଇଁ ବି କିଛି ସର୍ତ୍ତ ରଖାଯାଇଛି। ସର୍ତ୍ତ ଅନୁସାରେ, ରୋବଟ୍ ମଣିଷଙ୍କ ଭଳି ଦେଖାଯିବ ସହ ସେ ଦୁଇ ଗୋଡ଼ରେ ଚାଲିବା ଏବଂ ଦୌଡ଼ିବାକୁ ସକ୍ଷମ ହୋଇପାରୁଥିବ। ସେହିପରି ରୋବଟ୍‌ମାନଙ୍କର ଉଚ୍ଚତା ୧.୬ ଫୁଟ୍‌ରୁ ୬.୫ ଫୁଟ୍ ମଧ୍ୟରେ ରହିବା ଦରକାର। ରିମୋଟ୍ ଦ୍ୱାରା ପରିଚାଳିତ ଏବଂ ସ୍ୱୟଂଚାଳିତ ରୋବଟ୍‌ଗୁଡ଼ିକ ଏହି ପ୍ରତିଯୋଗିତାରେ ସାମିଲ ହୋଇପାରିବେ। ଏହି ଦୌଡ଼ରେ ୧୨ ହଜାର ଲୋକ ଅଂଶଗ୍ରହଣ କରିବେ। ଏହାସହ ୨୧ କିଲୋମିଟର ରାସ୍ତାରେ ୨୦ରୁ ଅଧିକ କମ୍ପାନିର ରୋବଟ୍ ଉକ୍ତ ମାରାଥନ୍‌ରେ ସାମିଲ ହେବେ।

## ଯୁବକଙ୍କ ଚମତ୍କାରିତା

# ୪୦ ଫୁଟ ଉପରୁ ପାଟିରେ ଧରି ପାରନ୍ତି ରସଗୋଲା

ମିଠା ଭିତରେ ରାଜା ହେଉଛି ରସଗୋଲା। ପିଲାଠୁ ବୁଢ଼ା ସମସ୍ତଙ୍କର ଅତିପ୍ରିୟ ରସଗୋଲା। ହେଲେ ଏହି ରସଗୋଲାକୁ ନେଇ ଉତ୍ତରପ୍ରଦେଶ, ଇଟାୱାର ଅନୁଜ ଯାଦବ ନାମକ ଜଣେ କଳାକାର ଚମତ୍କାର ପ୍ରଦର୍ଶନ ଦେଖାନ୍ତି। ରସଗୋଲାକୁ ୩୦ରୁ ୪୦ ଫୁଟ ଉପରକୁ ପକାଇ ସେ ବେଶ୍ ଚମତ୍କାର ଭାବେ ପାଟିରେ କ୍ୟାଚ୍ ଧରିପାରନ୍ତି। ଏଥିପାଇଁ ସେ ଦୀର୍ଘ ୧୦ରୁ ୧୨ ବର୍ଷ ଧରି ଅଭ୍ୟାସ କରିଚାଲିଛନ୍ତି। ଅନୁଜଙ୍କ ଦକ୍ଷତା କେବଳ ଦେଶରେ ସୀମିତ ତାହା ନୁହେଁ, ବିଦେଶରେ ମଧ୍ୟ ତାଙ୍କ ପ୍ରତିଭାକୁ ନେଇ ଖୁବ୍ ଚର୍ଚ୍ଚା ହୁଏ। ସେହି ହିସାବରେ ଏବେ ସେ 'ରସଗୋଲା ମ୍ୟାନ୍' ନାଁରେ ଜଣାଶୁଣା। 'ଗିନିଜ୍ ବୁକ୍ ଅଫ୍ ବିଶ୍ୱ ରେକର୍ଡ'ରେ ନିଜର କଳାକୁ ସାମିଲ କରିବା ଆଶାରେ ଅନୁଜ ଏପରି ଚମତ୍କାର କାମ କରିଥାନ୍ତି। ପିଲାଟି ଦିନରୁ ହିଁ ଅନୁଜ ଉପରକୁ କୌଣସି ଖାଦ୍ୟ ଜିନିଷକୁ ଫିଙ୍ଗି ଏହାକୁ ମୁହଁରେ ଧରି ଖାଇବାକୁ ପସନ୍ଦ କରନ୍ତି। ପ୍ରଥମେ ବାଦାମ ଏବଂ ଚଣା ଆଦିକୁ ଉପରକୁ ଫିଙ୍ଗି ଏହାକୁ ନିଜ ପାଟିରେ କ୍ୟାଚ୍ ଧରିବାରୁ ତାଙ୍କର ଯାତ୍ରା ଆରମ୍ଭ ହୋଇଥିଲା। ଏବେ କିନ୍ତୁ ସେ ରସଗୋଲାକୁ ୩୦ରୁ ୪୦ ଫୁଟ ଉଚ୍ଚକୁ ପକାଇ ବେଶ୍ କୌଶଳରେ ଖାଇ ପାରୁଛନ୍ତି। ସେ ଏକ କାର୍ଯ୍ୟକ୍ରମରେ



ପ୍ରାୟ ୮ରୁ ୧୦ଟି ରସଗୋଲାକୁ ଉପରକୁ ଫିଙ୍ଗି ଏହାକୁ ମୁହଁରେ କ୍ୟାଚ୍ କରି ଖାଇଥିଲେ। ତାଙ୍କର ଏପରି ପ୍ରତିଭା ଅନେକଙ୍କୁ ଚକିତ କରିଥିଲା। ଅନୁଜ 'ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟ'ରେ ତାଙ୍କର ଏହି ପ୍ରତିଭାକୁ ପ୍ରଦର୍ଶନ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ବନ୍ଧୁମିଳନ ଯୋଗ ରହିଛି।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ୍ୟ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ସୃଜନାଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ । ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ବ୍ଲକସ୍ତରୀୟ ଆଦିବାସୀ କନ୍ଧ ସମାଜ ବୈଠକ

ଶଗଡ଼ା, ୨୭ ।୧(ସମିସ): କଣ୍ଟାମାଳ ବ୍ଲକ ସ୍ତରୀୟ ଆଦିବାସୀ କନ୍ଧ ସମାଜର ଏକ ବୈଠକ କଣ୍ଟାମାଳସ୍ଥିତ ଆଦିବାସୀ ପୀଠରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଡମ୍ବରୁଧର କହଁରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ସମସ୍ତ କନ୍ଧ ସମାଜର ଜାତିଭାଇ ଉପସ୍ଥିତ ଥିଲେ । ଏହି ବୈଠକରେ ବୁଗେର ପ୍ରଗଣାର ସଭାପତି ପଞ୍ଚାନନ କହଁର, ଈଶ୍ୱର ଦେହେରିଆ, ସୁନାଧର ମଲ୍ଲିକ, ଘାସି ମଲ୍ଲିକ, ଧନୁ ନାଏକ, ଲୋକନାଥ ଜାନି, ଲାଲସାଏ ମଲ୍ଲିକ, ରମେଶ କହଁର, ଅନେଶ କହଁର, ସୁରୁ କହଁର ପ୍ରମୁଖ ସାମିଲ ହୋଇଥିଲେ । ଶେଷରେ ପଞ୍ଚାନନ କହଁର ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଞ୍ଜେଇ ମାଫିଆ ଗିରଫ

ଶଗଡ଼ା/ମନମୁଣ୍ଡା, ୨୭ ।୧(ସମିସ): ମନମୁଣ୍ଡା ଥାନା ଅଧୀନ ଯୋଗୀନ୍ଦ୍ରପୁର ଛକରୁ ପୁଲିସ ଜଣେ ଗଞ୍ଜେଇ ମାଫିଆକୁ ଗିରଫ କରିଛି । ଅଭିଯୁକ୍ତ ହେଉଛି ଦେବଗଡ଼ ଥାନା ବୃନ୍ଦାବନପୁର ଗ୍ରାମର ପ୍ରେମାନନ୍ଦ ନାୟକ (୩୦) । ସେ ଯାଉଥିବା କାର୍‌କୁ ପୁଲିସ ଅଟକାଇ ଯାଞ୍ଚ କରିବାରୁ ୩୩ କେଜି ଗଞ୍ଜେଇ ମିଳିଥିଲା । ଗଞ୍ଜେଇ ସହ କାରକୁ ପୁଲିସ ଜବତ କରିଛି ।

## ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ

ପଲଶାଗୋରା, ୨୭ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ କୁଣ୍ଡାମାଳ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ତିନି ଦିନ ଧରି ହୋଇଥିବା ଏହି ତାଲିମ ଶିବିରରେ ଶିକ୍ଷକ ନେତୃତ୍ୱ, ଶିକ୍ଷକମାନଙ୍କ ବିକାଶ ମନୋବୃତ୍ତି, ସାମାଜିକ, ଆବେବିକ ଓ ନୈତିକ ଶିକ୍ଷା, ହାଉସ ସିଷ୍ଟମ, ଅନ୍ତର୍ନିବେଶୀ ଶିକ୍ଷା, ବସ୍ତାନୀ ବିହୀନ ପାଠ ପଢ଼ା, ବର୍ଣାଳୀ, ଜାତୀୟ ଉପଲବ୍ଧି ସର୍ବେକ୍ଷଣ ଭଳି ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ଗୋଷ୍ଠୀ ଶିକ୍ଷା ଅଧିକାରୀ ସନୋଜ ସେଠି ଯୋଗଦେଇ ତାଲିମ ଶିବିର ତଦାରଖ କରିବା ସହ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ । ସିଆରସିସି ମନୋରଞ୍ଜନ ନାଏକ, ଶଶାଙ୍କ ପୋଡ଼, ହୃଦାନନ୍ଦ ଦନ୍ତା, ପ୍ରକାଶ ପୁରୋହିତ ତାଲିମ ପ୍ରଦାନ କରିଥିଲେ । ପଲଶାଗୋରା, ଦପଲା, ଗବଯୋର, ଖଟଖଟିଆ, ଲମ୍ବସରୀ, ବଡ଼କୁସଙ୍ଗ ଆଦି କ୍ଲଷ୍ଟରର ୫୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରିଥିଲେ ।

## ଆଜିଠୁ ଖଟଖଟିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

କଣ୍ଟାମାଳ, ୨୭ ।୧(ସମିସ): ଆଜିଠାରୁ ରାଜ୍ୟସ୍ତରୀୟ ଖଟଖଟିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖଟଖଟିଆସ୍ଥିତ ଧୁବେନ ପଡ଼ିଆରେ ଆରମ୍ଭ ହେଉଛି । ଏଥିରେ ୮ ଟି ଦଳ ଭାଗ ନେବେ । ୭ ଦିନ ଧରି ହେବାକୁ ଥିବା ମ୍ୟାଚଟି-୨୦ ଫର୍ମାଟରେ ହେବ ବୋଲି ଖଟଖଟିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଭାପତି ରଞ୍ଜନ ପାତ୍ର ଓ ସମ୍ପାଦକ ଆକାଶ ମାଝି ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ।

## ରାଜ୍ୟସ୍ତରୀୟ ସରମଣ୍ଡା କ୍ରିକେଟ କପ୍ ଉଦ୍‌ଘାଟିତ

ମନମୁଣ୍ଡା, ୨୭ ।୧(ସମିସ): ବୌଦ୍ଧ ଜିଲ୍ଲା ବରଗୋଛା ମିନି ଷ୍ଟାଡିୟମରେ ୧୮ ତମ ରାଜ୍ୟସ୍ତରୀୟ ସରମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ବରଗୋଛା ଶ୍ରୀ ଜଗନ୍ନାଥ ପାଠାଗାରର ସଭାପତି ଶାନ୍ତନୁ ଆଟି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ବରଗୋଛା ସରପଞ୍ଚ ଲକି କର୍ମୀ, ସମିତିସଭ୍ୟା ମମତା କୁଅଁର ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଅଂଶ ଗ୍ରହଣ କରିଛନ୍ତି ବୋଲି ଏହାର ମୁଖ୍ୟ ପରିଚାଳକ ତନ୍ମୟ ସାହୁ ଜଣାଇଛନ୍ତି ।

# ସାଧାରଣତନ୍ତ୍ର ଦିବସରେ ସଂଗ୍ରାମୀଙ୍କ ସ୍ମୃତିଚାରଣ

**ବୌଦ୍ଧ, ୨୭ ।୧(ସମିସ):**



ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସକାଳ ୮ଟା ୩୦ରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଦେଶକୁ ସ୍ୱାଧୀନତା ପ୍ରଦାନ କରି ଏକ ବଳିଷ୍ଠ ସମ୍ବିଧାନ ପ୍ରଦାନ କରିଥିବା ସମସ୍ତ ତ୍ୟାଗୀ, ସ୍ୱାଧୀନତା ସଂଗ୍ରାମୀ, ଦେଶଭକ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେଡରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ସମୁଦାୟ ୩୮ଟି ଟ୍ରୁପ ଅଂଶଗ୍ରହଣ କରିଥିଲେ । ପରେଡ଼ର ନନ - ସିଭିଲିଏନରେ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଏନସିସି ପ୍ରଥମ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ସିନିଅର ସିଭିଲିଆନରେ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଦ୍ୱିତୀୟ, ଜୁନିୟର ସିଭିଲିଆନରେ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ ପ୍ରଥମ, ଗୌରୀ ଶଙ୍କର ପବ୍ଲିକ ସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ପରେଡ ପଡ଼ିଆରେ ଅନୁଷ୍ଠିତ ଶାରୀରିକ କ୍ରୀଡା, କୌତୁକ ପୋଷାକ ପ୍ରତିଯୋଗିତା, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ, ଓଡ଼ିଆ ବକ୍ତୃତା, ଯୋଗାସନ, ଇଂରାଜୀ ବକ୍ତୃତା, ସଂସ୍କୃତ ବକ୍ତୃତା ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଏଥିସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ୭ଟି ପ୍ରଜ୍ଞାପନ ମେଢ଼ ବୌଦ୍ଧ ସହର ପରିକ୍ରମା କରିଥଲା । ଏହି ଅବସରରେ ଭୋର ସାଢେ ୪ଟାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ରାମଧୁନ ପରିବେଷଣ କରାଯାଇଥିଲା । ସକାଳ ୬ରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ପ୍ରଭାତଫେରି ହୋଇଥିଲା । ୭ଟାରୁ ୭ଟା୩୦ ମଧ୍ୟରେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ୮ରେ ବୌଦ୍ଧ ସହରରେ ଥିବା ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସେହିଭଳି ଜିଲ୍ଲା ରକ୍ତଭଣ୍ଡାରରେ ଜିଲ୍ଲା ରେଡ଼କ୍ରସ ସଂଗଠନ ଓ ରକ୍ତଦାତା ପ୍ରବର୍ତ୍ତକ ସଂଘ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା । କୁଷ୍ଠାଶ୍ରମରେ ଅନ୍ତେବାସୀଙ୍କୁ ଫଳ, କମ୍ବଳ, ବାସନ ଆଦି ବଣ୍ଟନ କରାଯାଇଥିଲା । ଜିଲ୍ଲା କାରାଗାରରେ ସଞ୍ଜୀବ ଅଗ୍ରୱାଲଙ୍କ ପକ୍ଷରୁ ଫଳ ବଣ୍ଟନ କରାଯାଇଥିଲା । ଅପରାହ୍ନ ୩ଟାରେ ଟାଉନହଲରେ ନୀଳଚକ୍ର ସାହିତ୍ୟ ସଂସଦ ଓ ସିଦ୍ଧାର୍ଥ ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ଅପରାହ୍ନରେ ଟାଉନହଲ ପରିସରରେ ଉଦ୍ୟାନ ବିଭାଗ ଓ ପ୍ଲାଣ୍ଟ ଲଭର୍ସ ଆସୋସିଏସନର ମିଳିତ ସହଯୋଗରେ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଷ୍ଟାଡିୟମରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଜିଲ୍ଲା ପ୍ରଶାସନ ଏକାଦଶ ଏବଂ ବୌଦ୍ଧ ନାଗରିକ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଟାଉନହଲରେ କୁଇଜ ପ୍ରତିଯୋଗିତା ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

**ମନମୁଣ୍ଡା:** ଶଗଡ଼ା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । ଏହି ଅବସରରେ ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଜାତୀୟ ସେବା ଯୋଜନା (ଏନ୍‌ଏସଏସ)ର ସ୍ୱତନ୍ତ୍ର ୭ ଦିନିଆ ଶୀତକାଳୀନ ଶିବିର ଉଦ୍‌ଯାପିତ ହୋଇଛି । ଡ. ମନୋରଞ୍ଜନ ଘଡେଇ, ଅଧ୍ୟାପକ ସୁଶୀଲ ପ୍ରଧା, ସମାଜକର୍ମୀ ରାଜୀବ କର୍ମୀ, ଡା. ମାନବ ଦାସ, ଅଧ୍ୟାପକ ଅଶୋକ ପାଣ୍ଡିଆ, ଅଧକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଦେଇଥିଲେ । ଶେଷଦେବ ପର୍ଡ଼ିଆଙ୍କ ତତ୍ତ୍ୱାବଧାନରେ ପୋଷ୍ୟଗ୍ରାମ୍ୟ ଡମପଡ଼ାରେ ୫୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ । ଆୟୋଜିତ ବୈଠକରେ ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ନବୀନ ଚନ୍ଦ୍ର ମହାକୁଲ, ଉପସଭାପତି ସନ୍ତୋଷ ଦେହୁରୀ, ଦିଲ୍ଲୀପ ମହାକୁଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

**ଶଗଡ଼ା:** କଣ୍ଟାମାଳ ବ୍ଲକ ବରଗାଁ (ମାର୍ଡୋଲ)ର ଲକ୍ଷ୍ମୀନାରାୟଣ ପାଠାଗାର ପକ୍ଷରୁ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଲମ୍ବସରି ପଞ୍ଚାୟତ ଅଧୀନ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲ । ଲମ୍ବସରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ମେଣ୍ଡିଲି, ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର କର୍ମୀ, ଶିକ୍ଷାବିତ୍ ସୁବଳ ଚନ୍ଦ୍ର ବାରିକ, ଲକ୍ଷ୍ମୀ ନାରାୟଣ ପାଠାଗାରର ମୁଖ୍ୟ ଉପଦେଷ୍ଟା ସନ୍ତୋଷ ମଲ୍ଲିକ, ସୁଶାନ୍ତ ମଲ୍ଲିକ, ସଭାପତି ସୁମନ୍ତ ଛତ୍ରିଆ, ସମ୍ପାଦକ ବୀରେନ ପ୍ରସାଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ବୌଦ୍ଧ ଜିଲ୍ଲା ବିଳାସପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । ସୁବେଦର ଲଳିତ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମିତି ସଭାପତି ପ୍ରବାସ କ୍ଷେତୀ, ପରିଚାଳକ ବିମଳ ଭୋଇ, ଜୟନ୍ତ ମହାକୁଡ଼, ନିରଞ୍ଜନ କର୍ଣ୍ଣ, ଅରବିନ୍ଦ ମହାକୁଡ଼, କର୍ମୁ ସାଗର, କରୁଣା ନାଗ, ପ୍ରେମଶିଳା ସାହୁ, ନରେଶ ସାହୁ, ସମିତି ସମ୍ପାଦକ ପ୍ରଦୋଷ ଦନ୍ତା, ସୁଦର୍ଶନ ରଣା, ଲିଙ୍ଗରାଜ ନାଏକ, ରମେଶ ପ୍ରଧାନ, ପୂର୍ବତନ ଶିକ୍ଷକ ମୋହନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସୁମନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଡ଼କଟା ପ୍ରାଥମିକ ବିଦ୍ୟାଳୟ ପୁରସ୍କୃତ



ତରଭା, ୨୭।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଜିଲ୍ଲାର ସର୍ବଶ୍ରେଷ୍ଠ ପ୍ରାଥମିକ ବିଦ୍ୟାଳୟ ଭାବରେ ତରଭା ବ୍ଲକ ଅଧୀନ ଆଡକଟା ପ୍ରାଥମିକ ବିଦ୍ୟାଳୟ ପଞ୍ଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ହାତରେ ପୁରସ୍କୃତ ହୋଇଛି । ପ୍ରଧାନଶିକ୍ଷୟିତ୍ରୀ କବିତା ମିଶ୍ର, ସହକାରୀ ଶିକ୍ଷକ କ୍ରିଷ୍ଟଚନ୍ଦ୍ର ବରାଡ଼, ସୁଶାନ୍ତ ମେହେର ଏହି ପୁରସ୍କାର ଗ୍ରହଣ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ମିଶ୍ର, ତଥା ଅଞ୍ଚଳର ଜନସାଧାରଣ ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଭାରସାମ୍ୟ ହରାଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ଶଗଡ଼ା, ୨୭ ।୧:(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ୫୭ ନମ୍ବର ଜାତୀୟ ରାଜପଥର ମସିଣାପଡ଼ା ମେହେରୁଣୀ ପୋଲ ବୁଲାଣିରେ ଏକ ଟ୍ରକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ସୋମବାର ଭୋରରୁ ବୌଦ୍ଧ ପଟରୁ ଆସୁଥିବା ଟ୍ରକ୍ (ଓଡି ୦୭ଏଏମ ୮୫୮୨)ଟି ମେହେରୁଣୀ ପୋଲ ବୁଲାଣି ନିକଟରରେ ଭାରସାମ୍ୟ ହରାଇ ରାସ୍ତା କଡ ପୋଲ ତଳକୁ ଖସି ପଡ଼ିଥିଲା । ଦୁର୍ଘଟଣାରେ ଗାଡି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଡ୍ରାଇଭର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ । ଖବର ପାଇ ମନମୁଣ୍ଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ଶଗଡ଼ା, ୨୭ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ଜୋନସ୍ତରୀୟ ଶୌଣ୍ଡିକ ସମାଜ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ସୋମବାର ଶୁଭ ସ୍ତମ୍ଭ ସ୍ଥାପନ କରାଯାଇଛି । ସମାଜର ସଭାପତି ନାଗର ଚରଣ ସାହୁଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରି ଥିଲା । ଆଡ଼େର ଗାଁ ସୁନାଦେଇ ଜଙ୍ଗଲରୁ ପିଆଶାଳ ଗଛ ଆଣି ଯଜ୍ଞ ମଣ୍ଡପରେ ପୂଜାର୍ଚ୍ଚନା କରି ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ଏଥିରେ ଦିଗାମ୍ବର ସାହୁ ଓ ତାଙ୍କ ପତ୍ନୀ ଭୁଲେଶ୍ୱରୀ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି । ପଣ୍ଡିତ ଜୟରାମ ପାଣି ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ଧ୍ୱନିରେ ଖୁଣ୍ଟିଗୋରା ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । କେଦାର ସାହୁ, ସୁବୋଧ ସାହୁ, ସୁନିଲ ସାହୁ, ଟିଙ୍କୁ ବେହେରା, ଆଶିଷ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ୨୦୦୨ ମ୍ୟାଟ୍ରିକ ବ୍ୟାଚର ବନ୍ଧୁମିଳନ

**ଚାରିଛକ, ୨୭ ।୧(ସମିସ):** ହରଭଙ୍ଗା ବ୍ଲକ ହରଭଙ୍ଗା ହାଇସ୍କୁଲ ୨୦୦୨ ମ୍ୟାଟ୍ରିକ ବ୍ୟାଚ ତରଫରୁ ଏକ ବନ୍ଧୁ ମିଳନ ଉତ୍ସବ ପାଳନ କରାଯାଇଛି । କୁଶସିଙ୍ଗା କାଜୁ ବଗିଚା ପ୍ରାଙ୍ଗଣରେ ଏହା ଆୟୋଜନ କରାଯାଇଥିଲା । ଏହି ବନ୍ଧୁ ମିଳନ ଉତ୍ସବରେ ସୌମ୍ୟରଞ୍ଜନ ସିଂ, ଶେଖ ସାବିତ, ରତନ ବାଘ, ଶରତ ଡାଙ୍ଗ, ପ୍ରଦୀପ ପ୍ରଧାନ, ସୁଜାତା ମହାକୁଡ଼, ଲିପି ସାହୁ, ମଞ୍ଜୁଲତା ଦେହୁରୀ, ଟିଟି ଖଟୁଆ ଯୋଗ ଦେଇଥିଲେ ।

## ଅସୁରଗଡ଼ ମହୋତ୍ସବରେ ମିଲେଟ ଖାଦ୍ୟ ମେଳା

**ଶଗଡ଼ା, ୨୭ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡାର ଅସୁରଗଡ଼ ଲୋକ ମହୋତ୍ସବରେ ୱାଇସିଡିଏ ତରଫରୁ ମିଲେଟ୍ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲା ପରିଷଦ ଉପଧ୍ୟକ୍ଷା ଶଙ୍କର୍ଷଣ ପ୍ରଧାନ, କଣ୍ଟାମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ସେନାପତି ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

● ଜୟ ବଜରଙ୍ଗବାଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ରୁଣ୍ଡିମହୁଲକୁ ହରାଇ ଯୋଗୀନ୍ଦ୍ରପୁର ଚାମ୍ପିଅନ



ଶଗଡ଼ା, ୨୭ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳି ପଦର ପଞ୍ଚାୟତ ତୁଳସୀକଟାରେ ୩୨ତମ ଜୟ ବଜରଙ୍ଗବାଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ରୁଣ୍ଡି ମହୁଲ ଦଳକୁ ୮ଉଇକେଟରେ ପରାସ୍ତ କରି ଯୋଗୀନ୍ଦ୍ରପୁର ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଆଜିର ଫାଇନାଲ ମ୍ୟାଚର ପ୍ରଥମ ଇନିଂସରେ ଯୋଗୀନ୍ଦ୍ରପୁର ଦଳ ନିର୍ଦ୍ଧାରିତ ୮ ଓଭରରେ ୭ୱିକେଟରେ ୯୧ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ନିର୍ଦ୍ଧାରିତ ୫ ଓଭରରେ ୮ ୱିକେଟରେ ୫୧ ରନ୍ କରି ରୁଣ୍ଡି ମହୁଲକୁ ହରାଇ ଚାମ୍ପିୟନ ହୋଇଥିଲା । ରଶ୍ମିରଞ୍ଜନ ହରିପାଲଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷଣା କରାଯାଇଥିଲା । ଏହି ଅବସରରେ ବନପାଳ ଅଶୋକ ପ୍ରଧାନ, ମୁନା ଖେତି, ଶିବାଜୀ ପ୍ରଧାନ ଓ ସୁଶାନ୍ତ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସିଦ୍ଧାନ୍ତ ଭୋଇ ଓ ଆକାଶ ନାଗ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବରେ ଉପେନ୍ଦ୍ର ଦେହୁରୀ ଓ କୃଷ୍ଣଚନ୍ଦ୍ର ଭୋଇ ଧାରାବିବରଣୀ ପ୍ରଦାନ କରିଥିଲେ ।

# ବୌଦ୍ଧ ଜିଲ୍ଲା ରାଜ୍ୟସ୍ତରରେ ପୁରସ୍କୃତ




**ବୌଦ୍ଧ, ୨୭ ।୧(ସମିସ):** ପଞ୍ଚଦଶ ଜାତୀୟ ଭୋଟର ଦିବସ ଅବସରରେ ନିର୍ବାଚନ ସମ୍ପର୍କିତ ଉତ୍କୃଷ୍ଟ ପରିଚାଳନା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ବୌଦ୍ଧ ଜିଲ୍ଲା ପ୍ରଶାସନକୁ ସମ୍ମାନିତ କରିଛନ୍ତି । ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ଏସ୍ ଗୋପାଳନଙ୍କ ଦ୍ୱାରା ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ମଜବୁତ କରିବାରେ ରାଜ୍ୟର ବିଭିନ୍ନ ଅଧିକାରୀଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇଥିଲେ । ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ -୨୦୨୫ ସମୟରେ ବୌଦ୍ଧ ଜିଲ୍ଲାର ମତଦାତାଙ୍କ ଲିଙ୍ଗ ଅନୁପାତରେ ଉନ୍ନତି ଆଣିବାରେ ଉଲ୍ଲେଖନୀୟ ସଫଳତା ମିଳିଛି । ଜିଲ୍ଲାରେ ମତଦାତାଙ୍କ ଲିଙ୍ଗ ଅନୁପାତରେ ୯୪୯ରୁ ୯୭୧ ପର୍ଯ୍ୟନ୍ତ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ଏହା ନିର୍ବାଚନ ପ୍ରକ୍ରିୟାରେ ଅନ୍ତର୍ଭୂକ୍ତିର ପ୍ରତିବଦ୍ଧତାକୁ ଦର୍ଶାଉଛି । ତେଣୁ ବୌଦ୍ଧ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୁବ୍ରତ ପଣ୍ଡା ଏବଂ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ସମ୍ବର୍ଦ୍ଧିତ ହେଇଥିଲେ । ସେହିପରି ଜିଲ୍ଲାର ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ସୁନିଶ୍ଚିତ କରି ଏକକାଳୀନ ସାଧାରଣ ନିର୍ବାଚନ -୨୦୨୪ ର ଅତୁଳନୀୟ ପରିଚାଳନା ପାଇଁ ଡେପୁଟି କଲେକ୍ଟର (ନିର୍ବାଚନ) ଶାଶ୍ୱତ ପ୍ରଧାନ ବୌଦ୍ଧ ରାଜ୍ୟର ଶ୍ରେଷ୍ଠ ଡେପୁଟି କଲେକ୍ଟର (ନିର୍ବାଚନ) ଭାବରେ ପୁରସ୍କୃତ ହୋଇଛନ୍ତି । ଗଣତନ୍ତ୍ରକୁ ମଜବୁତ କରିବା ଏବଂ ଭୋଟରଙ୍କ ଅଂଶଗ୍ରହଣରେ ଅଧିକ ଅନ୍ତର୍ଭୂକ୍ତିକୁ ସୁନିଶ୍ଚିତ କରିବା ପାଇଁ ଏହି ଅଧିକାରୀମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ ।

# ତୀର୍ଥଯାତ୍ରାରେ ଗଲେ ୫୫ ବରିଷ୍ଠ ନାଗରିକ

**ବୌଦ୍ଧ, ୨୭ ।୧(ସମିସ):**



ବୌଦ୍ଧରୁ ୫୫ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ବାହାରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ୫୫ ଜଣ ବରିଷ୍ଠ ନାଗରିକଙ୍କୁ ନେଇ ତୀର୍ଥଯାତ୍ରା ଆରମ୍ଭ ହୋଇଛି । ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଏବଂ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ବୌଦ୍ଧ ଜିଲ୍ଲାରୁ ସମସ୍ତ ତୀର୍ଥଯାତ୍ରୀଙ୍କୁ ନେଇ ଜିଲ୍ଲା ପ୍ରଶାସନ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିଛି । ସେଠାରୁ ସେମାନେ ମଙ୍ଗଳବାର ସକାଳେ ଟ୍ରେନ ଯୋଗେ ସିରିଡି ଓ ନାସିକ ତୀର୍ଥଯାତ୍ରା ପାଇଁ ଯିବେ ।

ଏହି ଅବସରରେ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବୌଦ୍ଧ ଓ କଣ୍ଟାମାଳ ବିଧାୟକଙ୍କ ସହିତ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂ ପ୍ରମୁଖ ଉପସ୍ଥିତ ରହି ତୀର୍ଥ ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ଯାତ୍ରାରେ ବୌଦ୍ଧ ଜିଲ୍ଲାର ୬୦ରୁ ୭୫ ବର୍ଷ ବୟସ ମଧ୍ୟରେ ୩୩ ଜଣ ପୁରୁଷ ଏବଂ ୨୨ ଜଣ ମହିଳା ସାମିଲ ହୋଇଛନ୍ତି । ମଙ୍ଗଳବାର ବ୍ରହ୍ମପୁର ରେଳ ଷ୍ଟେସନରେ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବେ । ଫେବୃଆରୀ ୨ ତାରିଖ ଏମାନେ ବୌଦ୍ଧ ପ୍ରତ୍ୟାବର୍ତ୍ତନ କରିବେ । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତଥା ସଂସ୍କୃତି ଅଧିକାରୀ ଅକ୍ରୁର ଯାନୀଙ୍କ ନେତୃତ୍ୱରେ ଡେପୁଟି କଲେକ୍ଟର ଦୋଳଗୋବିନ୍ଦ ସାହୁଙ୍କ ସମେତ ଏକ ଟିମ୍ ବରିଷ୍ଠ ତୀର୍ଥଯାତ୍ରୀଙ୍କ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ନିୟୋଜିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂ ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ସୁଦାମ ଚରଣ ସ୍ୱାଇଁ ତୀର୍ଥ ଯାତ୍ରୀଙ୍କ ସହ ବ୍ରହ୍ମପୁର ପର୍ଯ୍ୟନ୍ତ ଯାଇଛନ୍ତି । ବରିଷ୍ଠ ରାଜସ୍ୱ ସହାୟକ ପ୍ରମୋଦ ସେଠୀ ଏବଂ କନିଷ୍ଠ ରାଜସ୍ୱ ସହାୟକ ସୋମେଶ ନାଏକ ସେମାନଙ୍କୁ ସହାୟତା କରିବେ । ତେବେ ଏନଏସି ବନ୍ୟା ଆଶ୍ରୟ ସ୍ଥଳରେ ମେଡିକାଲ ଟିମ ଦ୍ୱାରା ସମସ୍ତ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସେମାନଙ୍କୁ ଚନ୍ଦନ ଟିକା, ଫୁଲମାଳ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଦେଇ ସ୍ୱାଗତ କରାଯାଇଥିଲା । ଅତିଥିଗଣ ଏହି ଯାତ୍ରାର ଶୁଭ ମନାସିବା ସହ ତୀର୍ଥ ଯାତ୍ରାର ସଫଳ କାମନା କରିଥିଲେ । ଏଥିସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ।

## କମିରା ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ବୌଦ୍ଧ, ୨୭ ।୧(ସମିସ): ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ କମିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି ।ବାର୍ଷିକ କ୍ରୀଡାକୁ ପ୍ରଧାନ ଶିକ୍ଷକ ସୁଶାନ୍ତ ମହାପାତ୍ର ଉଦଘାଟନ କରିଥିଲେ । ଏହା ପରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ମୁଣ୍ଡାପଡ଼ା ନାଏବ ସରପଞ୍ଚ ସୁମନ୍ତ ନାଏକ, ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁମନ୍ତ ଦାସ, ସମ୍ମାନିତ ଅତିଥି ଭାବେ ମୁଣ୍ଡାପଡ଼ା ସିଆରସିସି ପ୍ରଶାନ୍ତ ଝାଙ୍କର, ସଞ୍ଜୟ ଖଟୁଆ, ସୁମତି ରଣା, ମିନତୀ ଭୋକ୍ତା, ପ୍ରମିଳା ପ୍ରଧାନ ଯୋଗ ଦେଇଥିଲେ । କ୍ରୀଡା ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ଦୀପଙ୍କର ସାହୁ, ଶିବାନୀ ଝାଙ୍କର, ଜ୍ୟୋତିର୍ମୟୀ ଭୋକ୍ତା, ପ୍ରତିମା ଭୋଇ, ବବୁନ ଭୋକ୍ତା, ସୌରଭ ଦାସ ଚାମ୍ପିଅନ ହୋଇଥିଲେ । ବାର୍ଷିକ କ୍ରୀଡାକୁ ଖେଳ ଶିକ୍ଷକ ବିକାଶ ଦୀପ ପରିଚାଳନା କରିଥିଲେ । ଶିକ୍ଷକ ମନ୍ମଥ ତରିଆ, ସୁବୋଧ ସାହୁ, ଚନ୍ଦ୍ର ଶେଖର ହାତୀ, ଶିକ୍ଷୟିତ୍ରୀ ରିତାଞ୍ଜଳୀ ପ୍ରଧାନ ସହଯୋଗ କରିଥିଲେ । ଏହି ବାର୍ଷିକ କ୍ରୀଡାରେ ୨୦୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

# ରାଜ୍ୟସ୍ତରୀୟ ତୃତୀୟ ହରଭଙ୍ଗା ଲୋକକଳା ମହୋତ୍ସବ ଉଦ୍‌ଘାଟିତ

**ଚାରିଛକ, ୨୭ ।୧(ସମିସ)**

ହରଭଙ୍ଗା ହାଇସ୍କୁଲ ଖେଳପଡ଼ିଆରେ ରାଜ୍ୟସ୍ତରୀୟ ତୃତୀୟ ହରଭଙ୍ଗା ଲୋକକଳା ମହୋତ୍ସବ ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମ ପୂର୍ବରୁ ମଧ୍ୟାହ୍ନରେ ମା' ରୁଦ୍ରକାଳୀ ମନ୍ଦିରରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା। ଦଣ୍ଡନୃତ୍ୟ, ନାମସଂକୀର୍ତ୍ତନ, ଅଘୋରୀନୃତ୍ୟ, ଓଡିଶୀ ନୃତ୍ୟ, ପଞ୍ଚବାଦ୍ୟ, ସମ୍ବଲପୁରୀ ସହ ପାରମ୍ପରିକ ନାଚଗୀତରେ ଗାଁ ଦାଣ୍ଡ ଦୁଲୁକି ଉଠିଥିଲା। ମନ୍ଦିରରୁ ମାଙ୍କ ମଶାଲ ସହିତ ପ୍ରତିମା ଶୋଭାଯାତ୍ରା ଆସି ମହୋତ୍ସବ ମଣ୍ଡପରେ ପହଞ୍ଚିବା ପରେ ସେଠାରେ ସ୍ଥାପନ କରାଯାଇଥିଲା। ଶୋଭାଯାତ୍ରାରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କ ସହ ମହୋତ୍ସବ କମିଟି ସଭାପତି ସଂଗ୍ରାମ କେଶରୀ ବେହେରା, ଉପଦେଷ୍ଟା ପ୍ରଦୀପ ସାହୁ, ଉପାଧ୍ୟକ୍ଷ କାହ୍ନୁଚରଣ ନାଥ, କୋଷାଧ୍ୟକ୍ଷ ସଞ୍ଜୀବ ସାହୁ, ସମିତି ସଭ୍ୟ ଚିତ୍ତରଞ୍ଜନ ସେଠୀ, ନଟବର ପ୍ରଧାନ, ରବୀନ୍ଦ୍ର ନାଏକ ପ୍ରମୁଖ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶକୁନ୍ତଳା ବେହେରା, ଉପାଧ୍ୟକ୍ଷ କାହ୍ନୁଚରଣ ନାଥ, ସମିତି ସଭ୍ୟ ଚିତ୍ତରଞ୍ଜନ ସେଠି, ଉପଦେଷ୍ଟା ପ୍ରଦୀପ ସାହୁ, ବ୍ଲକ କଳାକାର ସଂଘ ଉପସଭାପତି ବୈକୁଣ୍ଠ ମହାକୁଡ଼, ମହୋତ୍ସବ କମିଟି ସଭାପତି ସଂଗ୍ରାମ କେଶରୀ ବେହେରା, ଉପ ସଭାପତି ସୁଶୀଲ ଗୁପ୍ତା ପ୍ରମୁଖ ମଞ୍ଚାସୀନ ଥିଲେ। ସଞ୍ଜୀବ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ନଟବର ପ୍ରଧାନ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ପରିଶେଷରେ ସୁନୀଲ ଗୁପ୍ତା ଧନ୍ୟବାଦ ଦେଇଥିଲେ। ପାଞ୍ଚ ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସମ୍ପାଦକ ସରୋଜ ଭୋକ୍ତା ସୂଚନା ଦେଇଛନ୍ତି।

### ପିସ୍ତଲ ଦେଖାଇ ଧମକ ଦେବା ଅଭିଯୋଗରେ ଯୁବକ ଗିରଫ

# ବନ୍ଧୁକ ଓ ଗୁଳି ଜବତ




**ଖପ୍ରାଖୋଲ, ୨୭ ।୧(ସମିସ):** ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ଥାନା ଅଧୀନସ୍ଥ ଖପ୍ରାଖୋଲ ପାଟଣାଗଡ଼ ରାସ୍ତା ମାଟିଖାଇ ଗାଁ ନିକଟ ଯାଦବ ଢ଼ାବାରେ ପିସ୍ତଲ ଦେଖାଇ ଧମକ ଦେବା ଅଭିଯୋଗରେ ଖପ୍ରାଖୋଲ ପୁଲିସ ମାଟିଖାଇଗାଁର ପବିତ୍ର ଚିରାଙ୍ଗୁଲ (୪୮) କୁ ଗିରଫ କରି ରାବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଠାରୁ ଏକ ଦେଶୀ ପିସ୍ତଲ ସହିତ ଦୁଇଟି ଜୀବନ୍ତ ଗୁଳି ଜବତ କରିବା ସହିତ ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଏନେଇ ସୂଚନା ଦେଇଛନ୍ତି।

# କୁମାରକେଲି ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ଜିଲ୍ଲାର ଶ୍ରେଷ୍ଠ ବିଦ୍ୟାଳୟ ସମ୍ମାନ



**ବୀରମହାରାଜପୁର, ୨୭।୧(ସମିସ):** ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ ଅଧୀନ କୁମାରକେଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୨୦୨୪-୨୫ ଶିକ୍ଷା ବର୍ଷର ଶ୍ରେଷ୍ଠ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସମ୍ମାନରେ ସମ୍ମାନିତ କରାଯାଇଛି । ଜିଲ୍ଲା ସଦର ମହକୁମାରେ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ, ଜିଲ୍ଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁଙ୍କ ଉପସ୍ଥିତିରେ ପ୍ରଧାନଶିକ୍ଷକ ହୃଷିକେଶ ଚାନ୍ଦଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଛି । ଚଳିତ ଶିକ୍ଷା ବର୍ଷରେ ଛାତ୍ରଛାତ୍ରୀ ବ୍ଲକସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ସଫଳତା ହାସଲ କରିଛନ୍ତି। ଟାଉନହଲରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଲୁସି ସାହୁ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଗତ ୨୦୨୩-୨୪ଶିକ୍ଷା ବର୍ଷରେ ଏହି ବିଦ୍ୟାଳୟ, ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଥିଲା। ବିଦ୍ୟାଳୟର ଏହି ସଫଳତାରେ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ, ଅଭିଭାବିକା, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ଖୁସି ହୋଇଥିଲେ। ଆଜି ଏକ କୃତଜ୍ଞତା ସଭାର ଆୟୋଜନ କରାଯାଇଥିଲା। ପରିଚାଳନା କମିଟି ସଭାପତି ରଞ୍ଜନ ପଧାନ, ଉପ ସଭାପତି ଜପ ଖୁରା, ସକ୍ରିୟ ସଦସ୍ୟ ବିନୋଦ ମହାପାତ୍ର, ରଞ୍ଜନ ସେଠୀ, ପ୍ରମୋଦ ବେହେରା, ଛବିଳ ମେହେର, ଗୌତମ ଭୋଇ, ପଙ୍କଜ ପଧାନ, ଶିକ୍ଷକ ଶିବରାମ ଚାନ୍ଦ, ଦିଲ୍ଲୀପ ପଣ୍ଡା, ଅଚ୍ୟୁତ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ତୃତୀୟ ବିମଲେଇ ମହୋତ୍ସବ ଉଦ୍‌ଯାପିତ

**ବଲାଙ୍ଗିର, ୨୭ ।୧(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅଧୀନ ବିଲେଇସର୍ଡା ମିନି ଷ୍ଟାଡିୟମଠାରେ ତୃତୀୟ ବିମଲେଇ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ସଭାପତି ଭରତଭୂଷଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବିଲେଇସର୍ଡା ସେବା ସମବାୟ ସମିତିର ସଭାପତି ଉମେଶ ପଧାନ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ପିପିର୍ଡା ସେବା ସମବାୟ ସମିତିର ସଭାପତି ମନୋରଞ୍ଜନ ତ୍ରିପାଠୀ ଯୋଗଦେଇ ମନରେ ଗଭୀର ବିଶ୍ୱାସ ରଖି ପ୍ରତ୍ୟେକ ବ୍ୟକ୍ତି ଅନୁଶାସିତ ହୋଇ ସାହସର ସହ ନିଜ ସାଧ ମତେ ଦେଶ ନିର୍ମାଣ ରେ ଲାଗିପଡ଼ିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଲେଇସର୍ଡା ସରପଞ୍ଚ ତଥା ଆୟୋଜକ ବିମଲେଇ ମହୋତ୍ସବ କମିଟି ସୁଶାନ୍ତ ଛତ୍ରିଆ ମହୋତ୍ସବ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ହୋଇଥିବାରୁ କାର୍ଯ୍ୟକ୍ରମ ସହ ଜଡ଼ିତଥିବା ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କୁ ଧନ୍ୟବାଦ ଦେଇଥିଲେ। ସଭାପତି ବଲାଙ୍ଗିର କୃଷକ ମହାସଂଘ ଜତି ପଧାନ ମଞ୍ଚାସୀନ ଥିଲେ। ଜ୍ୟୋତିପ୍ରକାଶ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଗୋପାଳ ଦାସଙ୍କ ଅଭିନୀତ କଂସ ଦରବାରରେ ଶ୍ରଦ୍ଧାମୟୀ ବିଶ୍ୱାଳଙ୍କ ସ୍ୱରଚିତ କବିତାପାଠ, ଜ୍ୟୋତିଧାରା କଳା ପରିଷଦ ବେଲବାହାଲିରର କୁନି କଳାକାରମାନଙ୍କ ଦ୍ୱାରା ଦଳଗତ ନୃତ୍ୟ, ଈଶା ପାତ୍ର, ସ୍ୱପ୍ନା ରଣା, ତୃପ୍ତି ପ୍ରଧାନ, ସୌମ୍ୟାରାଣୀ ଭୋଇଙ୍କ ଏକକ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

### ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

# ଥାନାର ଦ୍ୱାରସ୍ଥ ଅଭିଭାବକ

**ବଲାଙ୍ଗିର, ୨୭ ।୧(ସମିସ):** ସ୍କୁଲର ପ୍ରଧାନଶିକ୍ଷକ ଛାତ୍ରୀମାନଙ୍କୁ ଅସଦାଚରଣ କରୁଥିବା ଅଭିଯୋଗ ହୋଇଛି। ଏନେଇ ସୋମବାର ସନ୍ଧ୍ୟାରେ ସଦରଥାନାର ଦ୍ୱାରସ୍ଥ ହୋଇଛନ୍ତି ରେଙ୍ଗାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଓ ଅଭିଭାବକ। ସଭାପତି ରାମଚନ୍ଦ୍ର ଉଦୁରୁକୁଲିଆ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ତ୍ରିପାଠୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ପ୍ରଧାନଶିକ୍ଷକ ଅନେକ ଦିନହେଲା ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସେମାନଙ୍କ ସମ୍ବେଦନଶୀଳ ଅଙ୍ଗକୁ ଛୁଁଉଛନ୍ତି। ଏପରିକି ଭଲ ପାଉଛ କି ନାହିଁ ବୋଲି ପଚାରୁଛନ୍ତି ବୋଲି ରାମଚନ୍ଦ୍ର ଉଦୁରୁକୁଲିଆ ଅଭିଯୋଗ କରିଛନ୍ତି। ପ୍ରଧାନଶିକ୍ଷକଙ୍କ ଏଭଳି ଆଚରଣ ଅସହ୍ୟ ହେବାରୁ ଛାତ୍ରୀମାନେ ପରିବାର ଲୋକଙ୍କୁ ଏ ସମ୍ପର୍କରେ କହିଥିଲେ। ଫଳରେ ଗ୍ରାମବାସୀ ପ୍ରଧାନ ଶିକ୍ଷକଙ୍କୁ ଧରି ପଚାରିବାରୁ 'ମୋର ଭୁଲ ହୋଇଛି' ବୋଲି କହିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏହି ଘଟଣାର ତଦନ୍ତ କରି ପ୍ରଧାନଶିକ୍ଷକଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

# ସଦର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବୀରମହାରାଜପୁର, ୨୭।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଅଧୀନ ବୀରମହାରାଜପୁର ସଦର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଐତିହାସିକ ଡ. ସୁଦାମ ନାଏକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ଲମ୍ବୋଦର ସିଂ, ମୁର୍ଷୁଣ୍ଡୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କାଳିଆ କର୍ମୀ ଓ ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ଯୋଗଦେଇଥିଲେ। ଗୁରୁ ହୃଷିକେଶ ଦାସଙ୍କ ନିର୍ଦ୍ଦେଶନାରେ ଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବରିଷ୍ଠ ଶିକ୍ଷକ ସଦାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ବୈକୁଣ୍ଠ ନାଏକ ସଭା ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଜ୍ୟୋତିର୍ମୟୀ ବେହେରା ଓ ଜ୍ୟୋତିର୍ମୟୀ ମିଶ୍ର ପରିଚାଳନା କରିଥିଲେ। ଶ୍ରେଷ୍ଠ ଛାତ୍ର ଭାବେ ଶେଷଦେବ ମେହେର ପୁରସ୍କୃତ ହୋଇଥିବା ବେଳେ ମହାନଦୀ ହାଉସ ଶ୍ରେଷ୍ଠ ହାଉସ ଓ କ୍ରୀଡ଼ାଙ୍ଗନା କ୍ଲବ ଶ୍ରେଷ୍ଠ କ୍ଲବ୍ ଭାବେ ପୁରସ୍କୃତ ହୋଇଥିଲେ। ଶେଷରେ କାଦୋବର କଲେଜର ଆଇଟି ଅଧ୍ୟାପକ ଉଦ୍ଧବ ପଧାନଙ୍କ ମ୍ୟାଜିକ ସୋ'ରେ ଛାତ୍ର ଓ ଅତିଥିମାନେ ଅଭିଭୂତ ହୋଇଥିଲେ।

# ସାମାଜିକ ଓ ସାଂସ୍କୃତିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ବଲାଙ୍ଗିର, ୨୭।୧(ସମିସ):** ବଲାଙ୍ଗିର ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ବ୍ୟାଚ୍ ସମାଜିକ ଓ ସାଂସ୍କୃତିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ବଲାଙ୍ଗିର ସହରସ୍ଥିତ ବହୁପୁରାତନ ଦଳଗଞ୍ଜନ ପ୍ରେସ୍ ବହୁବର୍ଷ ହେଲା ଅଚଳ ହୋଇଥିବାରୁ ସଂଘ ଅସନ୍ତୋଷ ବ୍ୟକ୍ତକରି ପ୍ରତିକାର ନିମନ୍ତେ ସ୍ମାରକପତ୍ର ଦେଇଛନ୍ତି । ଦଳଗଞ୍ଜନ ପ୍ରେସ୍‌ର ପୁନରୁଦ୍ଧାର ଜରୁରୀ । ଯଥାଶୀଘ୍ର କାର୍ଯ୍ୟକ୍ଷମ ଓ ଉପଯୁକ୍ତ କର୍ମଚାରୀ ନିଯୁକ୍ତି କରିବାକୁ ଦାବି ଜଣାଇଛନ୍ତି । ସେହିପରି ବଲାଙ୍ଗିର ସହର ସ୍ଥିତ ଟାଉନହଲ ଜରାଜିର୍ଣ୍ଣ ଅବସ୍ଥାରେ ପଡ଼ିଛି । ଏହି ଟାଉନ ହଲଠାରେ ଅନେକ ସାମାଜିକ, ସାଂସ୍କୃତିକ, ବିଭିନ୍ନ ସଭା ସମିତି, ବ୍ଲକସ୍ତରୀୟ ଓ ଉପଖଣ୍ଡସ୍ତରୀୟ ଲୋକଉତ୍ସବ ଇତ୍ୟାଦି ପାଳନ ହେଉଥିଲା । ସଂଘ ଅତ୍ୟନ୍ତ ଉଦ୍‌ବେଗ ପ୍ରକାଶ କରି ଏହାର ପୁନରୁର୍ଦ୍ଧାର ପାଇଁ ଦାବି ଜଣାଇଛି । ସଂଘର ସଭାପତି ରତନ କୁମାର ମହାରଣାଙ୍କ ନେତୃତ୍ୱରେ ଉପ-ସଭାପତି ରାଜ କିଶୋର ଦାଶ, ସମ୍ପାଦକ ଡା.ସୁକାନ୍ତ ପୁରୋହିତ, କୋଷାଧ୍ୟକ୍ଷ ବ୍ରଜବନ୍ଧୁ ସାଏ, କାର୍ଯ୍ୟକାରୀ ସଦସ୍ୟ ସତ୍ୟନାରାୟଣ ପଣ୍ଡା, ମୋହନ ଗୋପାଳ ପଣ୍ଡା, ସଲିମ ଖାନ, ଡା. ସିଦ୍ଧେଶ୍ୱର ମିଶ୍ର ପ୍ରମୁଖ ତୁରନ୍ତ ପ୍ରତିକାର ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଆବଶ୍ୟକୀୟ ସାହାଯ୍ୟ ଓ ସହଯୋଗ ପାଇଁ ସଂଘ ସଦାସର୍ବଦା ପ୍ରସ୍ତୁତ ବୋଲି ସଂଘର ସଭାପତି ଶ୍ରୀ ମହାରଣା ସୂଚନା ଦେଇଛନ୍ତି ।

# ଝରନିପାଲି ପଞ୍ଚାୟତରେ ଗ୍ରାମସଭା

**ବଲାଙ୍ଗିର, ୨୭ ।୧(ସମିସ):** ଆଗଲପୁର ବ୍ଲକ ଅଧୀନ ଝରନିପାଲି ପଞ୍ଚାୟତଠାରେ ସ୍ୱତନ୍ତ୍ର ଗ୍ରାମ ସଭା ସରପଞ୍ଚ ସୁନୀତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରଶ୍ମୀ ରଞ୍ଜନ ପଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ରେ ଅବସ୍ଥାପିତ ଥିବା ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତିଙ୍କୁ ସ୍ୱାଗତ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ପଞ୍ଚାୟତ ଶିଶୁ ସୁରକ୍ଷା ଯୋଜନା ଉପରେ ଉପସ୍ଥାପନ କରିଥିଲେ । ସାମୁହିକ ସଚେତନତା ଉପରେ ସରପଞ୍ଚଙ୍କ ପରାମର୍ଶ କ୍ରମେ ୨୦୨୫-୨୦୨୬ ଆର୍ଥିକ ବର୍ଷ ପାଇଁ ୧, ୦୦, ୦୦୦/- ଏକ ଲକ୍ଷ ଟଙ୍କାର ପ୍ରସ୍ତାବ ରଖିବା ସହିତ ପୂର୍ବ ବର୍ଷ ପାଇ ଥିବା ୧, ୦୦, ୦୦୦/- ଟଙ୍କା ଶିଶୁମାନଙ୍କ ପାଇଁ ଖର୍ଚ୍ଚ କରିବାକୁ ଯୋଜନା ପଞ୍ଚାୟତସ୍ତରରେ ନିଷ୍ପତ୍ତି ହୋଇଥିଲା ।

# ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ଶିବିର

**ବୀରମହାରାଜପୁର, ୨୭।୧(ସମିସ):** ବ୍ଲକ ସଭାଗୃହରେ ମନରେଗା ଓ ପଞ୍ଚଦଶ ଅର୍ଥ ଆୟୋଗ ଦ୍ୱାରା ପ୍ରଦତ୍ତ ୨୦୨୪-୨୫ ବର୍ଷର ସମୀକ୍ଷା ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ରାଜୀବ ହାଁସ୍‌ଦାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ସୋନପୁର ଉପଜିଲ୍ଲାପାଳ ସୋମ୍ୟାରୂପା ରଥ ଯୋଗଦେଇ ସମୀକ୍ଷା କରିଥିଲେ । ବ୍ଲକ ପ୍ରୋଗ୍ରାମ ଅଫିସର ଅମୃତାଂଶୁ ପାତ୍ର ସ୍ୱାଗତ କରିଥିବାବେଳେ ବିଏସ୍‌ଏ ଚୈତନ୍ୟ ମଲ୍ଲିକ ଗତ ଜନଶୁଣାଣିର ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଜିଲ୍ଲା ପରିଷଦ ସଦସ୍ୟ ଲବ ସାହୁ, ଜିଲ୍ଲା ପରିଷଦ ପ୍ରୋଗ୍ରାମ ଅଧିକାରୀ ହୃଷିକେଶ ମହାକୁର, ସାମାଜିକ ସମୀକ୍ଷା ବ୍ଲକ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ କିଶୋର ହୋତା, ପ୍ରଭଞ୍ଜନ କର୍ମୀ, ସୁଧାଂଶୁ କର୍ଣ୍ଣ, ଆସିଷ୍ଟାଣ୍ଟ ଇଂଜିନିୟର ଦୁଃଶାସନ ସାହୁ, ସରପଞ୍ଚ ଶ୍ରୀୟା କର୍ମୀ, ଜୟଶ୍ରୀ ଦେହୁରୀ, ମହେନ୍ଦ୍ର ଜଗଦଲା, ସୂର୍ଯ୍ୟ ନନ୍ଦ, ଅନୁସୂୟା ପଧାନ, ସୁବଳୟା ଏସସିଏଫ ଅବିନାଶ ବେରିହା, ଉଲୁଣ୍ଡା ରେଞ୍ଜର ସୀତାରାମ ଶବର, ବୀରମହାରାଜପୁର ସହକାରୀ ଉଦ୍ୟାନ ଅଧିକାରୀ ପ୍ରିୟଦର୍ଶିନୀ ଝାଙ୍କର, ଜଳଛାୟା ଅଧିକାରୀ ଓ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଡାଟାଏଣ୍ଟ୍ରି ଅଧିକାରୀ, ଭିଆରପି ପ୍ରମୁଖ ଯୋଗଦେଇଥିଲେ । ମନରେଗା କାମରେ ଅନେକ ସ୍ଥାନରେ ଡିସପ୍ଲେ ବୋର୍ଡ ନ ଥିବାରୁ ଫାଇନ କରିବା ସହ, ନୂତନ ବୋର୍ଡ ନିର୍ମାଣ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ବୀରମହାରାଜପୁର ବ୍ଲକର ଅନେକ ପଞ୍ଚାୟତରେ ଆଶାନୁରୂପ କାର୍ଯ୍ୟ ହୋଇନଥିବାରୁ କାହିଁକି ହୋଇନାହିଁ ବୋଲି ପ୍ରଶ୍ନ କରାଯାଇଥିଲା । କାର୍ଯ୍ୟକ୍ରମରେ ସାଇରାମ ମିଶ୍ର ସହଯୋଗ କରିଥିଲେ । ଶେଷରେ ଏବିଡିଓ ପୁରୁଷୋତ୍ତମ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁମୁରିଆରେ ଆଞ୍ଚଳିକ ଲୋକମହୋତ୍ସବ ଉଦ୍‌ଯାପିତ



**ଦେଓଗାଁ, ୨୭।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁଲୁତାପଡ଼ା ପଞ୍ଚାୟତ ଅଧୀନ ଶୁଳିଆପୀଠ କୁମୁରିଆ ସାନଖଳାରେ ଚାଲିଥିବା ଆଞ୍ଚଳିକ ଲୋକମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ଆବାହକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଯୋଗଦେଇ କଳା ସାହିତ୍ୟ ଓ ସଂସ୍କୃତିର ତ୍ରିବେଣୀ ସଂଗମ ହେଉଛି ମହୋତ୍ସବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ କନ୍ଧମାଳ ବିଧାୟକ ମହିଧର ରଣା, ଗୁରୁଶ୍ରୀ ଘାସିରାମ ମିଶ୍ର, ବିଡିଓ ପ୍ରିୟ ରଞ୍ଜନ କୁମାର, ସମିତିସଭ୍ୟ ଅଭିମନ୍ୟୁ ମାଝୀ ପ୍ରମୁଖ ଯୋଗଦେଇ ଥିଲେ। ଏ ଅବସରରେ ଦେଷଣ୍ଟର ଚାନ୍ଦିଲି ପାହାଡ଼ ମହୋତ୍ସବ କମିଟି ଓ ଭୂତିଆରବାହାଲର ଶ୍ରୀବତ୍ସ ସାହୁ ସ୍ମାରକୀ ଫୁଟବଲ କମିଟିକୁ ଶୁଳିଆ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ପୁଇଁନ୍ତଲାର ଘୁଙ୍ଗୁରୁ କଳାପରିଷଦ, ବଲାଙ୍ଗିରର ଏକତା କଳାପରିଷଦ ସରଧାପାଲି ର ଯୁବ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପାରମ୍ପାରିକ ଲୋକକଳାନୃତ୍ୟ ପରିବେଷିତ ହୋଇଥିଲା। ମହୋତ୍ସବର ସଫଳ ସମାପନରେ ରୁପାଧର ପୁଟା, ଟଙ୍କଧର ରଣା, ଶୈଳେନ୍ଦ୍ର ସାହୁ, ପ୍ରମୋଦ ବହିଦାର, ବେଣୁଧର ସିଂ, ଜୟ ରଣା, ହେମନ୍ତ କୁମାର ମାଝୀ, ଲୋକନାଥ ନନ୍ଦ, ପିତବାସ ନାଏକ, ନିରୋଦ ଛତ୍ରିଆ ତଥା ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିବାବେଳେ ମହୋତ୍ସବରେ କୁଲୁତାପଡ଼ା, ମୁକୁନ୍ଦପୁର, ଅର୍ଜ୍ଜୁନପୁର, ବଡ଼ବାହାଲ, ଗୁଡ଼ଖାପଲା, ମହଲାଇ, ଉପରଝର ସମେତ ସୋନପୁର ଜିଲ୍ଲାର ବାଲଖମାର ଓ ଚାରଭଟା ପଞ୍ଚାୟତର ଦର୍ଶକ ଉପସ୍ଥିତ ଥିଲେ।

### ତୃତୀୟ ଗ୍ୟାଲେକ୍ସି ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

# ଚିନ୍ତନ ଓ ଦୀପକ ଯୋଡ଼ି ଚାମ୍ପିଅନ

**ବୀରମହାରାଜପୁର, ୨୭।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ହେଉଥିବା ଦ୍ୱିଦିବସୀୟ ଗ୍ୟାଲେକ୍ସୀ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ସୁବର୍ଣ୍ଣପୁରର ଚିନ୍ତନ ଓ ଦୀପକ ଯୋଡ଼ି, କନ୍ଧମାଳର ଟିକୁ ଓ କାହ୍ନା ଯୋଡ଼ିକୁ ହରାଇ ଚାମ୍ପିଅନ ହୋଇଛି । ପ୍ରତିଯୋଗିତାର ଅନ୍ତିମ ଦିବସର ପ୍ରଥମାର୍ଦ୍ଧରେ ଅତିଥି ଭାବରେ ବିଡିଓ ରାଜୀବ ହାଁସ୍‌ଦା ଓ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ପୂର୍ବାହ୍ନରେ କନିଷ୍ଠମାନଙ୍କ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ବିଜେତା ସୁବର୍ଣ୍ଣପୁରର ଶ୍ରେୟାଶିଷ ସାହୁ ଓ ମିଳନ ମେହେର ଏବଂ ଉପବିଜେତା ଶ୍ରେୟସ ପ୍ରିୟଦର୍ଶୀ ହୋତା ଓ ଅତୁଲ ପଣ୍ଡାଙ୍କୁ ବିଧାୟକ ଟ୍ରଫି ପ୍ରଦାନ କରିଥିଲେ। ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଆସିଷ୍ଟାଣ୍ଟ କଲେକ୍ଟର କୃଷ୍ଣମୋହନ ସିଂହ ପ୍ରମୁଖ ଯୋଗଦେଇଥିଲେ। ଗିରିଧାରୀ ହୋତାଙ୍କ ସଂଯୋଜନାରେ ପୁରସ୍କାର ବିତରଣୀରେ ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ଆସିଷ୍ଟାଣ୍ଟ କଲେକ୍ଟର ନରେନ୍ଦ୍ର ଭୋଇ ଯୋଗଦେଇ ଚାମ୍ପିଅନ ଓ ଉପବିଜେତା ଦଳକୁ ନଗଦ ଅର୍ଥସହ ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ବଲାଙ୍ଗିର, ବୌଦ୍ଧ, ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲ୍ଲାର ୩୪ଟି ବ୍ୟାଡମିଣ୍ଟନ ଟିମ୍ ଅଂଶଗ୍ରହଣ କରିଥିଲେ । ଗାଲେକ୍ସୀ ଟିମ୍ ସଭାପତି ଜଗନ୍ନାଥ ମେହେର ଓ ସମ୍ପାଦକ ଜଗନ୍ନାଥ ମେହେର, ସଭ୍ୟ ରାଧାକାନ୍ତ ବାଘ, ଛବିଳ କର୍ଣ୍ଣ, ସତ୍ୟବ୍ରତ ପ୍ରଧାନ, ପ୍ରକାଶ ପାତ୍ର, ପ୍ରିୟବ୍ରତ ଜଗଦଲା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲେ। ମ୍ୟାଚ୍ ଗୁଡ଼ିକୁ ଗୋପୀ କର୍ଣ୍ଣ ଓ ଗିରିଧାରୀ ହୋତା ପରିଚାଳନା କରିଥିବା ବେଳେ ବିଚିତ୍ର କହଁର ସ୍କୋରର ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ।




# ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ; ଟିକ୍ରାପଡ଼ା ବିଜୟୀ



**ମୁରିବାହାଲ, ୨୭ ।୧(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ପଞ୍ଚାୟତ ଗୁରୁଣ୍ଡା ଗ୍ରାମରେ ଆଜାଦ ଚନ୍ଦ୍ର ଶେଖର ଯୁବକ ସଂଘ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଗୋଇମୁଣ୍ଡ ପଞ୍ଚାୟତର ସରପଞ୍ଚ କାଳିଆ ସରାଫ, ଯୁଧିଷ୍ଠିର ଭରାସଗରିଆ, ପୂର୍ବତନ ସମିତି ସଭ୍ୟ ଉମେଶ ଚନ୍ଦ୍ର ବର୍ମା, କଶ୍ୟପ ସରାଫ, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘର ସମ୍ପାଦକ ହୁଲେଶ୍ୱର ହଂସ, ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଦିଗାମ୍ବର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ଟିକ୍ରାପଡ଼ା ଓ ତେନ୍ତୁଳିମୁଣ୍ଡା ଦଳ ମଧ୍ୟରେ ଖେଳ ହୋଇଥିବାବେଳେ ତେନ୍ତୁଳିମୁଣ୍ଡାକୁ ପରାସ୍ତ କରି ଟିକ୍ରାପଡ଼ା ଦଳ ବିଜୟୀ ହୋଇଛି । ଏହି ମ୍ୟାଚ୍ କୁ ବିବସ୍ୱ ମାଝୀ ଖେଳ ପରିଚାଳନା କରିଥିବା ବେଳେ ବୈଷ୍ଣବ ତାଣ୍ଡି, ନବୀନ ସରାଫ ଓ ନିତେଶ ମାଝୀ ସହଯୋଗ କରିଥିଲେ। ଡୋଲାମଣି ଦାସ ଓ ପୃଥିରାଜ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟିର ସଭାପତି ପଦ୍ମ ଲୋଚନ ସରାଫ, ସମ୍ପାଦକ ତୁଳକୃଷ୍ଣ ବେହେରା, କୋଷାଧ୍ୟକ୍ଷ ମୋହନ ଲାଲ ସରାଫ, ବିନୋଦ କୁମାର ସରାଫ, ମୁକେଶ କୁମାର ସରାଫ, ମଧୁସୂଦନ ସରାଫ, ଝସକେତନ ସରାଫ, ବିର ଭୋଇ, ମନୁ ସାହୁ, କୁଳମଣି ବେହେରା, ବୁଦ୍ଧଦେବ ସରାଫ, ଉମେଶ ସରାଫ, କାଳିଆ ମହାନନ୍ଦ, ସୁଶୀଲ ଭୋଇ ପ୍ରମୁଖଙ୍କ ସହ ଆୟୋଜକ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଦାଦରପାଲି କ୍ରିକେଟ୍ କପ୍ ଉଦ୍‌ଘାଟିତ

# କ୍ୱାଟର ଫାଇନାଲରେ ନୂଆଁଗଡ଼ ଦଳ ବିଜୟୀ

**ସୁବଳୟା, ୨୭।୧(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଳା ପଞ୍ଚାୟତ ଅଧୀନ ଦାଦରପାଲି ଗାଁରେ ଷଷ୍ଠ ତମ ଦାଦରପାଲି କ୍ରିକେଟ କପ ସୋମବାର ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଦୁର୍ଜନତୈଳା ପୂର୍ବତନ ସରପଞ୍ଚ ରଞ୍ଜିତ ଖେତୀ, କ୍ରୀଡ଼ାବିତ ଲମ୍ବୋଦର ମହାକୁର, କାଳିଆ ଘିବିଲା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘଟନୀ ମ୍ୟାଚ ଘିଚାପାଲି, ହିଲୁଙ୍ଗ, ଭାଲିଆପଦର ଓ ବମରାଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଘିଚାପାଲି ହିଲୁଙ୍ଗ ବିଜୟୀ କରିଥିଲା। କ୍ୱାଟର ଫାଇନାଲ ମ୍ୟାଚରେ ଘିଚାପାଲି ଦଳ ହିଲୁଙ୍ଗକୁ ପରାସ୍ତ କରିଥିଲା। ଦ୍ୱିତୀୟ ଦିବସରେ ଚୌକା ଓ ଗୌଡ଼ଗାଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚୌକା ପ୍ରଥମେ ବ୍ୟାଟିଂ କରି ୧୧୬ରନ କରିଥିବା ବେଳେ ଗୌଡ଼ଗାଡ଼ ୮୮ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପାତରପାଲି ଓ ନୂଆଁଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପାତରପାଲି ଦଳ ପ୍ରଥମେ ବ୍ୟାଟିଂ କରି ୬୫ ରନ କରିଥିଲା। ଜବାବରେ ନୂଆଁଗଡ଼ ୬୭ ରନ କରି ବିଜୟୀ ହୋଇଥିଲା। କ୍ୱାଟରେ ଫାଇନାଲ ମ୍ୟାଚରେ ଚୌକା ଓ ନୂଆଁଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚୌକା ପ୍ରଥମେ ବ୍ୟାଟିଂ କରି ୯୧ ରନ କରିଥିଲା। ଜବାବରେ ନୂଆଁଗଡ଼ ଦଳ ୯୫ ରନ କରି ବିଜୟୀ ହୋଇଥିଲା। ମ୍ୟାଚ୍‌ଗୁଡ଼ିକ ପିଣ୍ଟୁ ଓ ଅନନ୍ତ ପରିଚାଳନା କରିଥିବା ବେଳେ ଯଦୁମଣି ମହାକୁର ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ।





# ଅଦାଚାଷ

**ବର୍ଷକ ବାରମାସ ଅଦାର ଚାହିଦା ରହିଥାଏ । ଅଦାରେ ରୋଗପ୍ରତିରୋଧକ କ୍ଷମତା, ମାଙ୍ଗାନିଜ, କ୍ୟାଲସିୟମ୍, ଜିଙ୍କ୍, ଭିଟାମିନ୍, ଫସ୍‌ଫରସ, ଆଦି ରହିଛି । ଉଷ୍ଣ ଓ ଆର୍ଦ୍ର ଜଳବାୟୁରେ ଅଦାଚାଷ ଭଲ ହୋଇଥାଏ । ଏହି ଚାଷ ପାଇଁ ନିଗିଡ଼ା, ଉର୍ବର, ଦୋରସା ମାଟି ସର୍ବୋତ୍ତମ ।**



ଅଦାଚାଷ ପାଇଁ ସୁରଭି, ସୁପ୍ରଭା, ସୁରୁଚି ଆଦି କିସମ ସର୍ବୋତ୍ତମ । ତେବେ ଅଦା ଚାଷ ପୂର୍ବରୁ ଜମିକୁ ଦୁଇରୁ ତିନିଥର ଭଲଭାବେ ହଳ କରି ଗୁଣ୍ଡଚାଷ କରିବା ଆବଶ୍ୟକ । ଏହାପରେ ଜମିରେ ଜିଆଖତ, ଶଢ଼ା ଗୋବର, ନିମଖତ ଆଦି ପକାଇ ମାଟିକୁ ସମତଳ କରିପାରିବେ । ଏକର ପ୍ରତି ୫ରୁ ୭ କ୍ୱିଣ୍ଟାଲ ଖଣ୍ଡ ଆବଶ୍ୟକ । ୫ସେମି ଗଭୀରରେ ଛାଦିକରଣ ଜରୁରି । ଧାଡ଼ିକୁ ଧାଡ଼ି ୨୫ ସେମି ଏବଂ ବୁଦାକୁ ବୁଦା ୨୦ ସେମି ରଖାଯାଏ । ପଟାଳି ପଟାଳି କରି ବୁଣାକାମ କରି ହାଲୁକା ଜଳସିଞ୍ଚନ କରନ୍ତୁ । ଅଦାଚାଷ ପାଇଁ ୨୫ରୁ ୩୫ ଡିଗ୍ରୀ ତାପମାତ୍ରା ରହିବା ଜରୁରି । ଅଦା ଚାଷରେ ଜଳସିଞ୍ଚନରେ ବିଶେଷ ଧ୍ୟାନ ଦେବାକୁ ପଡ଼େ । ଏଥିପାଇଁ ବୁନ୍ଦା ଜଳସେଚନ ପଦ୍ଧତି ଆପଣାଇ ପାରିବେ । ଅଦା ଲଗାଇବା ସମୟରେ ସିଆର ତଳେ ଏକର ପ୍ରତି ୪୦ କିଗ୍ରା ଯବକ୍ଷାରଜାନ, ୨୦ କିଗ୍ରା ଫସ୍‌ଫରସ୍, ପୁଣି ୪୫ ଦିନରେ ୨୫ କିଗ୍ରା ଯବକ୍ଷାରଜାନ ଏବଂ ୯୦ ଦିନରେ ୨୫ କିଗ୍ରା ଯବକ୍ଷାରଜାନ ଓ ୨୦ କିଗ୍ରା ପଟାସିୟମ ଦିଆଯାଏ । ଦୁଇଟି ପଟାଳି ମଧ୍ୟରେ ୩୦ ସେମିର ନାଳୀ ରଖିବା ଜରୁରି ।

ଅଦା ଫସଲରେ ରୋଗପୋକ ନ ହେବାକୁ ପଦକ୍ଷେପ ଆପଣାଇବା ଜରୁରି । ଅଦା ଫସଲରେ ପତ୍ରପୋଡ଼ା ରୋଗ ଦେଖାଦେଲେ, କ୍ଲୋରୋଥାଲୋନିଲ୍ ୭୫% ଡବ୍ଲ୍ୟୁ ଲିଟର ପିଛା ୨ ଗ୍ରାମ୍, ମୂଳଶଢ଼ା ରୋଗ ନିୟନ୍ତ୍ରଣ ପାଇଁ ମାଙ୍କୋଜେବ୍ ୭୫% ଡବ୍ଲ୍ୟୁ ପି ଲିଟର ପଛା ୩ ଗ୍ରାମ୍, କାଣ୍ଡବିନ୍ଧା ପୋକ ଦେଖାଦେଲେ, ମୋନୋକ୍ରୋଟୋଫସ୍ ୩୬% ଏସ୍ଏଲ ଲିଟର ପିଛା ୧.୫ ମିଲି ବ୍ୟବହାର କରିପାରିବେ । ଅଦା ଏକର ପ୍ରତି ୬୦ରୁ ୧୦୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

# ସୂକ୍ଷ୍ମ ଜଳସେଚନ ପଦ୍ଧତି

**ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ବୈଶ୍ୱିକ ସ୍ତରରେ ସମସ୍ୟା ସୃଷ୍ଟି କରିଛି । ଏହାର ଅଧିକ ପ୍ରଭାବ ପଡୁଛି କୃଷିକ୍ଷେତ୍ରରେ । ତେଣୁ ଭବିଷ୍ୟତରେ କୃଷି କାର୍ଯ୍ୟରେ ଜଳାଭାବକୁ ଦୂର କରିବାକୁ ସୂକ୍ଷ୍ମ ଜଳସେଚନ ପଦ୍ଧତି ଏକ ବରଦାନ ସଦୃଶ । ଏହି ପଦ୍ଧତିରେ କମ୍ ପାଣିରେ ଅଧିକ ସ୍ଥାନରେ ଚାଷ ସମ୍ଭବ । ସମସ୍ତ ଫସଲକୁ ଏକାସାଙ୍ଗେ ପାଣି ଦେବା ପାଇଁ ଉପଯୋଗୀ ହୋଇଥିବା ଏହା ଏକ ଉନ୍ନତ କୌଶଳ । ଏହାଦ୍ୱାରା ଗଛମୂଳରେ ଆର୍ଦ୍ରତା ଠିକ୍ ରହୁଥିବାରୁ ମାଟି ଶୁଖାଏନି । ଗଛର ଆବଶ୍ୟକତା ଅନୁସାରେ ନିୟମିତ ରୂପେ ବୁନ୍ଦା ବୁନ୍ଦା ପାଣି ଗଛ ମୂଳକୁ ପହଞ୍ଚାଇବା ପାଇଁ ବ୍ୟବହୃତ ହେଉଥିବା ଜଳସେଚନକୁ ସୂକ୍ଷ୍ମ ବୁନ୍ଦା ଜଳସେଚନ ପଦ୍ଧତି କୁହାଯାଏ ।**





ଏହା ଏକ ସ୍ଥାୟୀ, କାର୍ଯ୍ୟ ସକ୍ଷମ, ଲାଭପ୍ରଦ ଜଳସେଚନ ପଦ୍ଧତି । ଯେଉଁଥିରେ ପ୍ଲାଷ୍ଟିକ୍ ପାଇପ୍, ଅନ୍ୟ ଛୋଟ ଉପକରଣ ଓ ବୁନ୍ଦା ସିଞ୍ଚନ କିଟ୍‌କୁ ପରସ୍ପର ସଂଯୋଗ କରାଯାଉଥିବାରୁ ବଗିଚାରେ ସବୁ ଗଛକୁ ଧୀରେ ଧୀରେ ବୁନ୍ଦା ଜଳ ଯୋଗାଏ । ଏଥିରୁ ବୁନ୍ଦା ବୁନ୍ଦା ପାଣି ପଡୁଥିବାରୁ ଏହାକୁ ବୁନ୍ଦା ଜଳସେଚନ ମଧ୍ୟ କୁହାଯାଏ । ଏହଦ୍ୱାରା ଗଛରେ କୌଣସି ପ୍ରକାର ଚାପ ପଡ଼ି ନ ଥାଏ ।

**ମଜୁରି ଓ ସାର କମ୍ ଖର୍ଚ୍ଚ:** ଏହି ପଦ୍ଧତିର ସ୍ୱତନ୍ତ୍ରତା ଏହା ଯେ, ପାଣି ସିଧାସଳଖ ଗଛ ମୂଳକୁ ଯୋଗାଏ । ତେଣୁ ସୂକ୍ଷ୍ମ ଜଳସେଚନ ବିଧିରେ ପ୍ରଥମେ ଜମିରେ ଏହାକୁ ସ୍ଥାପିତ କରିବାର ଆବଶ୍ୟକ ଥାଏ । ସୂକ୍ଷ୍ମ ଜଳସେଚନ ସ୍ଥାପନାରେ ତ୍ରୁଟି ହେଲେ, ସମୟ ଓ ପରିଶ୍ରମ ବୃଥା ଯାଏ । ଏହାସହ ଅଧିକ ପାଣି ଖର୍ଚ୍ଚ ହୁଏ । ତେଣୁ ସଠିକ ସ୍ଥାପନା ଦ୍ୱାରା ଫସଲରେ ଶୀଘ୍ର ପରିପକ୍ୱତା ଆସେ । କମ୍ ମଜୁରି ଓ ସାର ଖର୍ଚ୍ଚ ସଞ୍ଚୟ ହୁଏ । ଏହି ପଦ୍ଧତି ଦ୍ୱାରା ସାର ଓ କୀଟନାଶକ ଔଷଧ ମଧ୍ୟ ସହଜରେ ଆବଶ୍ୟକ ମାତ୍ରାରେ ଗଛମୂଳକୁ ପ୍ରୟୋଗ କରାଯାଇପାରେ ।

**କେଉଁ ଫସଲ ପାଇଁ ଉପଯୋଗୀ:** ଯେକୌଣସି ଉଚ୍ଚ ଖାଲ ଢିପ ଜମିରେ ଜଳସେଚନ କରିହୁଏ । ତେବେ ନିର୍ଦ୍ଧାରିତ ଦୂରତା ବଜାୟ ରଖି କରାଯାଉଥିବା ଚାଷ ଯଥା- ସେଓ, ଅଙ୍ଗୁର, କଦଳୀ, ଆମ୍ବ, ଆଖୁ, ଚାହା, କଫି, ସାଗୁଆନ, ପରିବା, ଫୁଲ ଯଥା- ଗୋଲାପ, ଜରବେରା, ଏନ୍ଥ୍ୟୁରିୟମ୍ ଇତ୍ୟାଦି ଫସଲ ପାଇଁ ବୁନ୍ଦା ଜଳସେଚନ ପଦ୍ଧତି ଖୁବ୍ ଉପଯୋଗୀ । ଘନ ଏବଂ କମ୍ ଦୂରତାରେ କରାଯାଇଥିବା ଫସଲ ଯଥା- ଟମାଟୋ, ସିମଲା ଲଙ୍କା, ପତ୍ରକୋବି, ଶାଗ ତଥା ବିଭିନ୍ନ ପ୍ରକାରର ଶିମ୍ବ ଜାତୀୟ ଫସଲ ପାଇଁ ସୂକ୍ଷ୍ମ ସିଞ୍ଚନ ଜଳସେଚନ ପଦ୍ଧତି ଆପଣାଯାଏ ।

**ଲାଭପ୍ରଦ ସୂକ୍ଷ୍ମ ଜଳସେଚନ ପଦ୍ଧତି:** ଏହି ପଦ୍ଧତିରେ କମ୍ ପାଣିରେ ଅଧିକ ଫସଲ ଅଧିକ ସ୍ଥାନରେ ହୋଇପାରିଥାଏ । ବାଳୁଙ୍ଗା ଗଛର ବୃଦ୍ଧି ଉପରେ ନିୟନ୍ତ୍ରଣ ହୁଏ । ସମସ୍ତ ଗଛକୁ ଆବଶ୍ୟକ ଅନୁସାରେ ଏକାସାଙ୍ଗେ ପାଣି ଦିଆଯାଉଥିବାରୁ ଫସଲର ନିରନ୍ତର ଏକ ସମାନ ଭାବେ ବୃଦ୍ଧି, ଶୀଘ୍ର ଫଳଦାୟୀ ହୋଇଥାଏ । ରୋଗପୋକର ଆଶଙ୍କା କମ୍ ହୁଏ । ଗଛ ପାଖେ ସନ୍ତସନ୍ତିଆ ରହେ ନାହିଁ । ପାଣିର ଉପଯୋଗ କ୍ଷମତା ବୃଦ୍ଧି, ସାର, ମଜୁରି, ବିଜୁଳି ଖର୍ଚ୍ଚ ନିୟନ୍ତ୍ରଣ ହୋଇଥାଏ । ଅନ୍ୟ ଜଳସେଚନ ବିଧି ତୁଳନାରେ ବୁନ୍ଦା ଓ ସିଞ୍ଚନ ଜଳସେଚନରେ ୯୦% ପାଣି ମାଟିକୁ ଯାଇଥାଏ । ଚେରରେ ପାଣି ପଡ଼ିବା ଯୋଗୁଁ ସାର ବି ନଷ୍ଟ ହୁଏନି । ବିଶେଷ କଥାଟି ହେଲା, ଅନୁମୋଦିତ ବ୍ୟୟ ଅଟକଳ ହିସାବରେ ସାଧାରଣ ଚାଷୀ, କ୍ଷୁଦ୍ର ଚାଷୀ, ଅନୁସୂଚିତ ଜାତି/ଜନଜାତିଙ୍କ ପାଇଁ ସରକାରଙ୍କ ପକ୍ଷରୁ ସହାୟତା ମିଳିଥାଏ ।

# ସୂର୍ଯ୍ୟମୁଖୀ ଫୁଲରୁ ତେଲ



**ସୂର୍ଯ୍ୟମୁଖୀ ଏକ ଲାଭଦାୟୀ ତୈଳବୀଜ ଚାଷ । ଏହାର ମଞ୍ଜିକୁ ସଂଗ୍ରହ କରି ତେଲ ବାହାର କରାଯାଇଥାଏ । ବଜାରରେ ଏହି ତେଲର ଚାହିଦା ସବୁବେଳେ ରହିଆସିଛି । ଏହି ତେଲ ଉତ୍ପାଦନ ପ୍ରକ୍ରିୟାରେ ଗୁଣବତ୍ତା ଓ ପରିଷ୍କାର ରଖିବା ଆବଶ୍ୟକ । ତେବେ ସୂର୍ଯ୍ୟମୁଖୀ ଫୁଲକୁ କିପରି ତେଲ ବାହାର କରିବେ ଜାଣି ରଖନ୍ତୁ ।**

ସୂର୍ଯ୍ୟମୁଖୀ ଫୁଲ ଫୁଟିବାର ଫୁଲକୁ ମୋଟ୍ ୩୫ ଦିନ ଛାଡ଼ିଦିଆଯାଏ । ଅଧିକ ତେଲ ପାଇବା ପାଇଁ ଉନ୍ନତ ଓ ଗୁଣବତ୍ତା ସମ୍ପନ୍ନ କିସମ ରହିଛି । ଫୁଲଟି ପୂରା ଶୁଖିଗଲେ, ଫୁଲ ମଝିରେ ଥିବା କଳା ଅଂଶ ମଝିରେ ମଞ୍ଜି ହୋଇ ରହିଥାଏ । ଅଧିକାଂଶ ସମୟରେ ସୂର୍ଯ୍ୟମୁଖୀ ମଞ୍ଜିକୁ ସିଧାସଳଖ କଳରେ ଭର୍ତ୍ତି କରି ତେଲ ବାହାର କରନ୍ତି । ଏହାଦ୍ୱାରା ତେଲ ଚୋପାରେ ଅଧିକ ରହିଥାଏ । ତେଣୁ ପ୍ରଥମେ ଏହି ମଞ୍ଜିକୁ ଧୂଳା, ପାକଳା ଓ ଅନ୍ୟାନ୍ୟ ଅଶୁଦ୍ଧିରୁ ଶୁଦ୍ଧ କରାଯାଏ । କଳା ଚୋପା ମଧ୍ୟରୁ ଧଳା ଅଂଶକୁ ବାହାର କରି ଏହାକୁ ଛୋଟ ଛୋଟ କରି କଳରେ ନିର୍ଦ୍ଦିଷ୍ଟ ତାପମାତ୍ରାରେ ରଖି ଅଧିକ ତେଲ ବାହାର କରାଯାଏ । ଚାପ ମାଧ୍ୟମରେ ମିଳିଥିବା କାଚା ତେଲରୁ ଅଶୁଦ୍ଧି ହଟାଇ ପରିଷ୍କାର କରାଯାଏ । ତେବେ ସୂର୍ଯ୍ୟମୁଖୀ ଫୁଲରୁ ତେଲ କାଢ଼ିବା ପରେ ପରେ, ଚାଷୀ ଏଥିରୁ ଜୈବିକ ଉପାୟରେ ତେଲ ବାହାର କରିଥାନ୍ତି । ଏହାକୁ ରିଫାଇନ୍ ମଧ୍ୟ କରାଯାଉଛି ।

# ଶୀତଦିନେ ବାଛୁରୀଙ୍କ ଯତ୍ନ

**ଶୀତଦିନେ ଗାଈ କି ମଇଁଷି ଛୁଆ ଜନ୍ମ କରିଲେ, ସେମାନଙ୍କ ଉପଯୁକ୍ତ ଯତ୍ନ ସହ ଖାଦ୍ୟ ପାନୀୟ ପ୍ରତି ଧ୍ୟାନ ଦେବା ଉଚିତ ।**



ଜନ୍ମ ପରେ ବାଛୁରୀର ଯତ୍ନ ଅତ୍ୟନ୍ତ ଜରୁରି, ଏହା ବାଛୁରୀକୁ ରୋଗରୁ ରକ୍ଷା କରିବା ସହ ଭବିଷ୍ୟତରେ ଭଲ ଗାଈ କିମ୍ବା ବଳଦ କରିବାରେ ସାହାଯ୍ୟ କରେ । ତେଣୁ ଜନ୍ମ ପରେ ବାଛୁରୀକୁ ମା' ଦ୍ୱାରା ଚାଟି ସଫା କରିବାକୁ ଦେବା ଉଚିତ । ଏହାଦ୍ୱାରା ଉଭୟ ମା' ଏବଂ ଛୁଆ ମଧ୍ୟରେ ଘନିଷ୍ଠତା ବଢ଼େ । ଯଦି ଗାଈ ବାଛୁରୀକୁ ନ ଚାଟୁଚି ତେବେ କିଛି ଲୁଣ ଛିଞ୍ଚି ଦେଲେ ଗାଈ ଚାଟିବା ଆରମ୍ଭ କରେ ବୋଲି ପ୍ରାଣୀ ଚିକିତ୍ସକ ଡ. ସିଦ୍ଧାର୍ଥ ରଣବିଜୁଳି କୁହନ୍ତି । ସେହିପରି ବାଛୁରୀକୁ ଚାଟିବା ପରେ ତାକୁ ଭଲଭାବେ ପୋଛି ଦେବା ଜରୁରି । ଶୀତଦିନେ ଗରମ ସେକ ଦେଇପାରିବେ । ସେହିପରି ନାକ, ନାକ, ଆଖିରୁ ଲାଳକୁ ପୋଛି ନାଭିରେ ଆଣ୍ଟିସେପ୍ଟିକ୍, ଆୟୋଡାଇନ୍ ଲଗାଇ ପାରିବେ । ଜନ୍ମର ୨୪ଘଣ୍ଟା ମଧ୍ୟରେ ବାଛୁରୀକୁ କଷ କ୍ଷୀର ଖାଇବାକୁ ଦେବା ଦ୍ୱାରା ରୋଗପ୍ରତିଷେଧକ ଶକ୍ତି ଆସିଥାଏ । ୧୦ ଦିନ ଅନ୍ତରରେ କୃମିନାଶକ ଔଷଧ ଦେଇପାରିବେ । ପୁନର୍ବାର ୨୧ ଦିନ ପରେ କୃମିନାଶକ ଔଷଧ ଦେବାକୁ ଭୁଲନ୍ତୁନି । ସେହିପରି ତିନିମାସରୁ ଗାଈ ସହ ବାଛୁରୀକୁ ଅଳ୍ପ ମାତ୍ରାରେ ଘାସ ନଡ଼ା, ଶୁଖିଲା ଚାରା ଆଦି ଦେଇପାରିବେ । ୬ରୁ ୧୨ ମାସ ବାଛୁରୀକୁ ଦୈନିକ ୧-୧.୫ କିଗ୍ରା ଦାନା ସହିତ ୧୦ କିଗ୍ରା ସବୁଜ ଘାସ, ୨ କିଗ୍ରା ନଡ଼ା, ୧୨ରୁ ୧୪ ମାସରେ ଦୈନିକ ୧.୫ରୁ ୨.୫ କିଗ୍ରା ଦାନା ସହ ୧୦ରୁ ୧୫ କେଜି ସବୁଜ ଘାସ ସହ ୩ କିଗ୍ରା ନଡ଼ା ଦିଆଯାଇପାରିବ ।

● ଶୀତଋତୁରେ ଗାଈଗୋରୁମାନଙ୍କୁ ଏଫ୍ଏମ୍‌ଡ଼ି, ସେପ୍ଟିସେମିଆ, ବ୍ଲାକ୍ କ୍ୱାର୍ଟର, ଏଣ୍ଟୋରୋଟକ୍ସେମିଆ ଆଦି ରୋଗ ପାଇଁ ଟିକାକରଣ କରନ୍ତୁ । ଶୀତଋତୁରେ ଗାଈଗୋରୁମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଓ ଘାସ ସାଇତି ରଖନ୍ତୁ ।

# କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ଡାଲୁଅ ଧାନ ମୁଖ୍ୟ ଜମି ପ୍ରସ୍ତୁତ କରନ୍ତୁ । ୨୧ ଦିନିଆ ତଳି ୪ ରୁ ୫ ପତ୍ର ହେବା ପରେ ମୁଖ୍ୟ ଜମିରେ ରୋପଣ କରନ୍ତୁ । ପ୍ରତି ହିଡ଼ରେ ୧୫ ସେମି ବ୍ୟବଧାନରେ ୨ରୁ ୩ଟି ଚାରା ଲଗାନ୍ତୁ । ହିଡ଼କୁ ହିଡ଼ର ବ୍ୟବଧାନ ୧୦ ସେମି ରଖନ୍ତୁ ।
- ଆଖୁ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବିହନ ଲଗାଇବାର ୩ ଦିନ ମଧ୍ୟରେ ଏକର ପ୍ରତି ୮୦୦ ଗ୍ରାମ୍ ଆଟ୍ରାଜିନ୍ ଔଷଧ କିମ୍ବା ୪୦୦ରୁ ୫୦୦ଗ୍ରାମ୍ ମେଟ୍ରିବୁଜିନ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ଗୋଲାପ ଗଛରେ ଉକୁଣିଆ ପୋକ ଆକ୍ରମଣ ଦେଖାଦେଲେ ପ୍ରତି ଲିଟର ପାଣିରେ ଫେନ୍‌ପାଇରୋକ୍ସିମେଟ୍ ୫% ଇସି ୨ ମିଲି ମିଶାଇ ସିଞ୍ଚନ କରନ୍ତୁ ।



# ସୈନିକରୁ ମାଣ୍ଡିଆ ଚାଷୀ

**ପଞ୍ଜାବର ସଙ୍ଗରୁର ଜିଲ୍ଲା, ରଜପୁରା ଗାଁ'ର ଦିଲପ୍ରୀତ୍ ସିଂହ ବିଦେଶରେ ସୈନିକ ଭାବେ କାର୍ଯ୍ୟ କରୁଥିଲେ । ହେଲେ ବର୍ତ୍ତମାନ ମାଣ୍ଡିଆ ଚାଷ କରି ସେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ସାଜିଛନ୍ତି ।**



ଦିଲପ୍ରୀତ୍ ନିଜ ଗାଁ'ରେ ଦ୍ୱାଦଶ ପଢ଼ା ପରେ ଅଷ୍ଟ୍ରେଲିଆ ପଳାଇଥିଲେ । ସେଠାରେ ସେ ଚାରିବର୍ଷ ସେନା ଭାବେ ସେବା ଯୋଗାଉଥିଲେ । ଛୁଟି ସମୟରେ ସେ ନିଜ ଗାଁକୁ ଆସି ଚାଷ କାର୍ଯ୍ୟ ସହିତ ଜଡ଼ିତ ରହୁଥିଲେ । ତେଣୁ ସେ ପାରମ୍ପରିକ ଚାଷକୁ ଛାଡ଼ି କିଛି ବର୍ଷ ହେବ ସେ ନିଜ ଗାଁ'ରେ ମାଣ୍ଡିଆ ଚାଷ କରୁଛନ୍ତି । ସେ ଆଠ ଏକର ଜମିରେ ମାଣ୍ଡିଆ ଚାଷ କରନ୍ତି । ଆଠ ମାସ ସେ ନିଜ ଗାଁ'ରେ ରହୁଥିବାବେଳେ ବାକିତକ ଅଷ୍ଟ୍ରେଲିଆରେ ନିଜ ବ୍ୟବସାୟକୁ ଆଗକୁ ବଢ଼ାଉଛନ୍ତି । ଅମଳ ମାଣ୍ଡିଆକୁ ସେ ମଣ୍ଡିରେ ବିକ୍ରି କରନ୍ତିନି । ଏଥିପାଇଁ ସେ ନିଜେ ଏକ ପ୍ରୋସେସିଂ ୟୁନିଟ୍ ଲଗାଇଛନ୍ତି । ଏଠାରେ ସେ ଅମଳ ମାଣ୍ଡିଆକୁ ପ୍ରକ୍ରିୟାକରଣ କରି ସେଥିରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି । ଏହି ଖାଦ୍ୟପଦାର୍ଥକୁ ସେ " ହେଲ୍‌ଦି ସଏଲ୍ ଫୁଡ ଆଣ୍ଡ ପିପୁଲ୍' ନାମକ ବ୍ରାଣ୍ଡରେ ବିକ୍ରି କରନ୍ତି । ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ଖାଦ୍ୟପଦାର୍ଥ ବିକ୍ରି ସବୁକିଛିକୁ ଦିଲପ୍ରୀତ୍ ନିଜେ କରନ୍ତି । ମାଣ୍ଡିଆର ପ୍ରକ୍ରିୟାକରଣରୁ ବିଭିନ୍ନ ଉତ୍ପାଦ କରି ବଜାରରେ ବିକ୍ରି କରନ୍ତି । ମାଣ୍ଡିଆ ଚକୋଲେଟ୍ ଠାରୁ ଆରମ୍ଭ କରି ମିକ୍ସର, ବିସ୍କୁଟ ଇତ୍ୟାଦି ସେ କରନ୍ତି । ତାଙ୍କ ହାତ ତିଆରି ମାଣ୍ଡିଆରୁ ତିଆରି ରେଡି-ଟୁ ଇଟ୍ ଉତ୍ପାଦ ଆଜି ଅଷ୍ଟ୍ରେଲିଆ ଯାଏଁ ପହଞ୍ଚି ପାରିଛି । ଏନେଇ ଦିଲପ୍ରୀତ୍ କୁହନ୍ତି, ଶୁଖିଲା ଜମି ତଥା ଜଳସେଚନ ଅଭାବ ଥିବା ସ୍ଥାନରେ ମାଣ୍ଡିଆ ଚାଷ ହୋଇପାରେ । ଆଗାମୀ ସମୟରେ ସେ ନିଜ ଉତ୍ପାଦକୁ କାନାଡ଼ାକୁ ପଠାଇବା ଲକ୍ଷ୍ୟ ରଖିଛନ୍ତି । ଦିଲପ୍ରୀତ୍‌ଙ୍କ କଠିନ ପରିଶ୍ରମ ଏବଂ ସଫଳତାକୁ ସ୍ୱୀକୃତି ଦେଇ ଭାରତ ସରକାରତାଙ୍କୁ ସମ୍ମାନିତ କରିଛନ୍ତି ।

## କୃଷି ବ୍ୟବସାୟ

# ମକା ବର୍ଜ୍ୟରୁ ମାଲାମାଲ୍

ମକା ଏକ ଅର୍ଥକରୀ ଫସଲ । ଏହା ଭାରତର ସବୁ ସ୍ଥାନରେ ଚାଷ କରାଯାଇଥାଏ । ବିଭିନ୍ନ କିସମ ମକା ଚାଷ କରି ଚାଷୀମାନେ ଭଲ ଲାଭ ପାଇଥାନ୍ତି । ତେବେ ଅଧିକାଂଶ ଚାଷୀ ଚାଷ ପରେ ମକା ବର୍ଜ୍ୟକୁ ଏଣେତେଣେ ଫିଙ୍ଗି ଦିଅନ୍ତି । ଏବେ ବିହାରର ମୁଜାଫରନଗର, ମୁରାଦପୁର ଗାଁ'ର ନାଜ ଓଜର ମକା ବର୍ଜ୍ୟରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ଚର୍ଚ୍ଚାରେ ରହିଛନ୍ତି । ସମ୍ପ୍ରତି ପ୍ଲାଷ୍ଟିକ୍‌ର ପ୍ଲେଟ୍, କପ୍‌ଠୁ ନେଇ ସବୁଠି ପ୍ଲାଷ୍ଟିକ୍ ସାମଗ୍ରୀକୁ ବ୍ୟବହାର କରି ମଣିଷ ରୋଗାକ୍ରାନ୍ତ ହେଉଛନ୍ତି । ଭୂମି, ଜଳ ଆଦି ପ୍ରଦୂଷିତ ହେବା ମୁଖ୍ୟ କାରଣ ହେଉଛି ପ୍ଲାଷ୍ଟିକ୍ । ତେଣୁ ନାଜ୍‌ଙ୍କ ଜଣେ ସମ୍ପର୍କୀୟ କର୍କଟରେ ପ୍ରାଣ ହରାଇବା ପରେ ସେ ମକା ବର୍ଜ୍ୟକୁ ପ୍ଲାଷ୍ଟିକ୍‌ର ବିକଳ୍ପ ଭାବେ ବାଛିବାକୁ ନିଷ୍ପତ୍ତି ନେଇଥିଲେ । ବର୍ତ୍ତମାନ ସେ ମକା ବର୍ଜ୍ୟରୁ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଥାଳି, ତାଟିଆ ଆଦି ତିଆରି କରିବା ସହ ନିକଟରେ ମକା ବର୍ଜ୍ୟରୁ ଏକ ପରିବେଶ ଅନୁକୂଳ ଡଷ୍ଟବିନ୍ ତିଆରି କରିଛନ୍ତି । ମକା ବର୍ଜ୍ୟରୁ ଏପରି ସାମଗ୍ରୀ ପ୍ରସ୍ତୁତ ସହଜ ହେଉଥିବାରୁ ଏହା ମଧ୍ୟ ମକାଚାଷୀଙ୍କୁ ଅଧିକ ଲାଭ ଦେଇପାରିବ । ଏପରିକି ମକା ବର୍ଜ୍ୟରୁ ଚକୋଲେଟ୍ ୱାରପର, କପ୍, ପ୍ଲେଟ୍, ବ୍ୟାଗ୍, ବ୍ୟାନର ଆଦି ତିଆରି ହୋଇପାରୁଛି । ନାଜ୍ ଦିନକୁ ୧୦୦୦ ଉତ୍ପାଦ ବିକ୍ରି କରିବା ଭଲ ରୋଜଗାର କରୁଛନ୍ତି । ତାଙ୍କର ଏହି କାମକୁ ଆଇଆଇଟି, ପାଟନା ପକ୍ଷରୁ ମାନ୍ୟତା ମିଳିବା ସହ 'ବିହାର ଷ୍ଟାର୍ଟଅପ୍ ପ୍ରୋଗ୍ରାମ'ର ସହଯୋଗରେ ତାଙ୍କର ଉତ୍ପାଦ ବିକ୍ରି ହୋଇପାରୁଛି । ତେବେ ମକା ବର୍ଜ୍ୟରୁ ତିଆରି ଏହି ସାମଗ୍ରୀ ଯୋଗୁଁ କେବଳ ପ୍ଲାଷ୍ଟିକ୍ ବ୍ୟବହାର କମ୍ ହୋଇଛି ତାହା ନୁହେଁ, ବର୍ଷକୁ ତିନିଥର ମକା ଚାଷ ହୋଇଥିବାରୁ ସ୍ଥାନୀୟ ଚାଷୀ ମଧ୍ୟ ବେଶ୍ ଲାଭବାନ ହୋଇପାରୁଛନ୍ତି ।



## ମହିଳା ହକି ଇଣ୍ଡିଆ ଲିଗ୍ | ଓଡ଼ିଶା ୱାରିୟର୍ସ ପ୍ରଥମ ଚାମ୍ପିଅନ



ରାଞ୍ଚି,୨୭ ।୧(ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍ (ଡବ୍ଲ୍ୟୁଏଚ୍ଆଇଏଲ୍)ର ପ୍ରଥମ ସଂସ୍କରଣ ସଫଳତାର ସହ ଅନୁଷ୍ଠିତ ହୋଇଛି । ରବିବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମୁକାବିଲାରେ ଓଡ଼ିଶା ୱାରିୟର୍ସ ୨-୧ ଗୋଲରେ ପଞ୍ଜାବଭିତ୍ତିକ ଦଳ ସୁରମା ହକି କ୍ଲବକୁ ପରାସ୍ତ କରି ଚାମ୍ପିଅନ ହୋଇଛି । ଏଥିସହ ଓଡ଼ିଶା ଲିଗ୍ ଇତିହାସରେ ପ୍ରଥମ ଚାମ୍ପିଅନ ବିବେଚିତ ହୋଇଛି । ଓଡ଼ିଶା ତରଫରୁ ଦୁଇଟିଯାକ ଗୋଲ ସ୍କୋର କରି ଋତୁଜା ଦାଦାସୋ ପିସାଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ସୁରମା ଜ୍ୟୋତି ରୁମାବତ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଛନ୍ତି । ସେହିପରି ଓଡ଼ିଶାର ୟିବି ଜାନସେନ ଓ ସୁରମାର ଚାର୍ଲୋଟ୍ ଇଙ୍ଗ୍ଲବେର୍ଟ ଯୁଗ୍ମ ଭାବେ ଲିଗ୍‌ର ସର୍ବାଧିକ ଗୋଲ ସ୍କୋରର, ସୁରମାର ସବିତା ପୁନିଆ ଶ୍ରେଷ୍ଠ ଗୋଲରକ୍ଷକ ଏବଂ ସୁରମାର ସୋନମ ଲିଗ୍‌ର ଉଦୀୟମାନ ଖେଳାଳି ବିବେଚିତ ହୋଇଛନ୍ତି ।

୫,୦୦୦ ହଜାର ଦର୍ଶକଙ୍କ ଉପସ୍ଥିତିରେ ସ୍ଥାନୀୟ ଜୟ ପାଲ ସିଂ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଫାଇନାଲ ମ୍ୟାଚର ବିଂଶତମ ମିନିଟ୍‌ରେ ଋତୁଜା ଫିଲ୍ଡ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ । ଏହାପରେ ୨୮ତମ ମିନିଟ୍‌ରେ ପେନି ସ୍କୁଇବ୍ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ । କିନ୍ତୁ ମ୍ୟାଚ୍ ଶେଷ ହେବାକୁ ୪ ମିନିଟ୍ ବାକିଥିବାବେଳେ ଋତୁଜା ଆଉ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ପୁଣିଥରେ ଅଗ୍ରଣୀ କରାଇଥିଲେ । ଅନ୍ତିମ ୪ ମିନିଟ୍‌ରେ ଜବରଦସ୍ତ ସଂଘର୍ଷ ଦେଖାଦେଇଥିଲେ ମଧ୍ୟ ଗୋଲ ସମ୍ଭବ ହୋଇ ନଥିଲା । ଫଳରେ ଓଡ଼ିଶା ବିଜୟୀ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଥିଲା । ସାରା ମ୍ୟାଚ୍‌ରେ ସୁରମା ସବୁ ବିଭାଗରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଭାଗ୍ୟ ସହାୟ ହୋଇ ନଥିଲା । ସୁରମା ବଲ୍ ପଜେସନ, ସଟ୍ସ, ସର୍କଲ ଏଣ୍ଟ୍ରିରେ ଓଡ଼ିଶା ତୁଳନାରେ ଯଥେଷ୍ଟ ଆଗରେ ରହିଥିଲା । ସୁରମା ୩ ଓ ଓଡ଼ିଶା ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲା । ଲିଗ୍‌ର ଅଙ୍କ ତାଲିକାରେ ଏହି ଦୁଇ ଦଳ ଶ୍ରେଷ୍ଠ ସ୍ଥାନରେ ରହି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ । ସୁରମା ୬ ମ୍ୟାଚ୍ ଖେଳି ୪ ବିଜୟ ସହ ୧୩ ପଏଣ୍ଟ ପାଇ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଓଡ଼ିଶା ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୧୧ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା ।

### ନବୀନଙ୍କ ଅଭିନନ୍ଦନ

ଭୁବନେଶ୍ୱର,୨୭ ।୧(ସମିସ): ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ହକି ଇଣ୍ଡିଆ ଲିଗ୍ ପ୍ରଥମ ସଂସ୍କରଣରେ ଟାଇଟଲ ଜିତିଥିବା ଓଡ଼ିଶା ୱାରିୟର୍ସକୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସ' ଜରିଆରେ ସେ ସାରା ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରିଛି ବୋଲି ଉଲ୍ଲେଖ କରିବା ସହ ଭବିଷ୍ୟତରେ ଦଳର ଭଲ ପ୍ରଦର୍ଶନ ନେଇ ଶୁଭେଚ୍ଛା ଜଣାଇଛନ୍ତି ।

### ପୁରସ୍କାର ତାଲିକା

| | |
|---|---|
| ଚାମ୍ପିଅନ ଓଡ଼ିଶା ୱାରିୟର୍ସ : | ଦେଢ଼ କୋଟି ଟଙ୍କା |
| ଉପ- ବିଜେତା ସୁରମା : | ଏକ କୋଟି ଟଙ୍କା |
| ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ : | ଜ୍ୟୋତି ରୁମାବତ (ସୁରମା) |
| ସର୍ବାଧିକ ଗୋଲ ସ୍କୋରର : | ୟିବି ଜାନେସନ(ଓଡ଼ିଶା), ସି. ଇଙ୍ଗ୍ଲେବେର୍ଟ (ସୁରମା) |
| ଶ୍ରେଷ୍ଠ ଗୋଲରକ୍ଷକ : | ସବିତା ପୁନିଆ (ସୁରମା) |
| ଉଦୀୟମାନ ଖେଳାଳି : | ସୋନମ (ସୁରମା) |
| ଫେୟାର ପ୍ଲେ : | ଦିଲ୍ଲୀ ପାଇପର୍ସ |

## ଅଷ୍ଟ୍ରେଲିଆନ୍ ଓପନ୍

## ଟାଇଟଲ ବଜାୟ ରଖିଲେ ସିନର୍

ମେଲବୋର୍ଣ୍ଣ,୨୭ ।୧(ଏଜେନ୍ସି): ଇଟାଲୀ ଯୁବ ଟେନିସ ତାରକା ଜାନିକ ସିନର ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଟାଇଟଲ ଜିତିଛନ୍ତି । ରବିବାର ଅନୁଷ୍ଠିତ ପୁରୁଷ ଏକକ ଫାଇନାଲ ମୁକାବିଲାରେ ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ୨୩ ବର୍ଷୀୟ ସିନର ୬-୩, ୭-୬, ୬-୩ ସିଧାସଳଖ ସେଟ୍‌ରେ ଜର୍ମାନୀ ଆଲେଜଜାଣ୍ଡାର ଜ୍ୱେରେଭଙ୍କୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ପାଇଁ ଚାମ୍ପିଅନ ହୋଇଛନ୍ତି । ପୂର୍ବରୁ ସେମିରେ ସିନର ୭-୬, ୬-୨, ୬-୨ ସେଟ୍‌ରେ ୨୧ତମ ସିଡ୍ ଆମେରିକାର ବେନ ସେଲ୍ଟନଙ୍କୁ ହରାଇ ଫାଇନାଲକୁ ଉଠିଥିଲେ । ସେହିପରି ଦ୍ୱିତୀୟ ସେମିରୁ ନୋଭାକ ଜୋକୋଭିଚ ଆଘାତ ସମସ୍ୟା କାରଣରୁ ଓହରିଯିବା ଫଳରେ ଜ୍ୱେରେଭ ୱାକ୍‌ଓଭର ପାଇ ଫାଇନାଲ ଟିକଟ ହାସଲ କରିଥିଲେ ।



ମ୍ୟାଚ୍‌ରେ ସିନର ପ୍ରଭାବ ବିସ୍ତାର କରି ଖେଳିଥିଲେ । କିନ୍ତୁ ଦ୍ୱିତୀୟ ସେଟ୍‌ରେ ଜ୍ୱେରେଭ ସାମାନ୍ୟ ଚ୍ୟାଲେଞ୍ଜ ଦେଇଥିଲେ । ୨୦୧୯ ପରେ ପ୍ରଥମଥର ପାଇଁ ବିଶ୍ୱ ୧ ଓ ୨ ନଂ ଖେଳାଳି ଫାଇନାଲରେ ପରସ୍ପରକୁ ଭେଟିଥିଲେ । ଏଥିସହ ସିନର ନିଜ ଜବରଦସ୍ତ ଫର୍ମର ପ୍ରମାଣ ଦେଇଛନ୍ତି । ଜାନିକ ସିନର ଗତବର୍ଷ ୟୁଏସ୍ ଓପନ୍ ଟାଇଟଲ ମଧ୍ୟ ଜିତିଥିଲେ । ୨୦୨୪ରୁ ଏପର୍ଯ୍ୟନ୍ତ ସିନର ୮୦ଟି ମ୍ୟାଚ୍ ଜିତିଥିବା ବେଳେ ମାତ୍ର ୬ଟି ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି । ସେ ମଧ୍ୟ ଗତ ୨୧ଟି ମ୍ୟାଚ୍‌ରେ ହାରି ନାହାନ୍ତି । ଏଥିସହ ସିନର କ୍ୟାରିଅରରେ ମୋଟ୍ ୧୯ଟି ଟାଇଟଲ ଜିତିଛନ୍ତି । ଅନ୍ୟପଟେ ବିଜୟୀ ହୋଇଥିଲେ ୨୭ ବର୍ଷୀୟ ଜ୍ୱେରେଭ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥାନ୍ତେ । ପୂର୍ବରୁ ସେ ୨୦୨୪ରେ ଫ୍ରେଞ୍ଚ୍ ଓପନ୍ ଓ ୨୦୨୦ରେ ୟୁଏସ୍ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ । ଅପରପକ୍ଷରେ ମହିଳା ଯୁଗଳ ପ୍ରତିଯୋଗିତାରେ ଟପ୍ ସିଡ୍ ଆମେରିକାର ଟେଲର ଟାଉନସେଣ୍ଡ ଓ ଚେକ୍ ଗଣରାଜ୍ୟର କାଟେରିନା ସିନିଆକୋଭା ଚାମ୍ପିଅନ ହୋଇଛନ୍ତି ।

■ ପୁରୁଷ ହକି ଇଣ୍ଡିଆ ଲିଗ୍

## ସେମି ଦୌଡ଼ରୁ ଲାନ୍ସର୍ସ ଆଉଟ୍

ରାଉରକେଲା,୨୭ ।୧(ସମିସ): ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ରୁ ୨୦୧୭ ତଥା ଗତଥରର ଚାମ୍ପିଅନ ଓଡ଼ିଶା ଭିତ୍ତିକ ଦଳ କଳିଙ୍ଗ ଲାନ୍ସର୍ସ ପ୍ରତିଯୋଗିତାରୁ ବାଦ୍ ପଡିଛି । ସୋମବାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମ ମ୍ୟାଚ୍‌ରେ ରାଢ଼ ବେଙ୍ଗଲ ଟାଇଗର୍ସ ୨-୧ ଗୋଲରେ ଦିଲ୍ଲୀ ପାଇପର୍ସକୁ ପରାସ୍ତ କରି ସେମିଫାଇନାଲ୍‌ରେ ପହଞ୍ଚିଛି । ସେହିଭଳି ଦ୍ୱିତୀୟ ମୁକାବିଲାରେ ସୁରମା ୫-୩ ଗୋଲରେ କଳିଙ୍ଗ ଲାନ୍ସର୍ସକୁ ପରାସ୍ତ କରିଛି । ଏହି ପରାଜୟ ସହ ଲାନ୍ସର୍ସ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିଛି । ଲାନ୍ସର୍ସ ୯ଟି ମ୍ୟାଚ୍ ଖେଳି ୩ ବିଜୟ, ୪ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ଷଷ୍ଠ ସ୍ଥାନରେ ରହିଛି । ସେହିପରି ଅନ୍ୟତମ ଓଡ଼ିଶା ଦଳ ଟିମ୍ ଗୋନାସିକା ୯ ମ୍ୟାଚ୍ ଖେଳି ୧୦ ପଏଣ୍ଟ ପାଇ ୭ମ ସ୍ଥାନରେ ରହି ପୂର୍ବରୁ ବାଦ୍ ପଡିସାରିଛି । ୧୪ ପଏଣ୍ଟ ପାଇ ସୁରମା ୫ମ ସ୍ଥାନ ରହିବା ସହ ସେମି ଆଶା ଉଜ୍ଜୀବିତ ରଖିଛି ।

## ଆଜିଠୁ ୩୮ତମ ନ୍ୟାସନାଲ୍ ଗେମ୍ସ

ଡେରାଡୁନ, ୨୭ ।୧ (ଏଜେନ୍ସି): ନ୍ୟାସନାଲ ଗେମ୍ସର ୩୮ତମ ସଂସ୍କରଣ ମଙ୍ଗଳବାରଠାରୁ ଉତ୍ତରାଖଣ୍ଡରେ ଆରମ୍ଭ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ । ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ଓ ଉତ୍ତରାଖଣ୍ଡ ଅଲିମ୍ପିକ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଚଳିତ ସଂସ୍କରଣରେ ୩୭ଟି ରାଜ୍ୟ ଦଳର ପାଖାପାଖି ୧୦ ହଜାର କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି । ୩୫ଟି କ୍ରୀଡ଼ାରେ ଏହି ପ୍ରତିଯୋଗିତା ଫେବ୍ରୁଆରୀ ୧୪ ପର୍ଯ୍ୟନ୍ତ ଚାଲିବ । ୩୫ରୁ ୩୩ କ୍ରୀଡ଼ାରେ ବିଜେତାଙ୍କୁ ପଦକ ପ୍ରଦାନ କରାଯିବ । ଯୋଗ ଓ ମାଲଖମ୍ବ କ୍ରୀଡ଼ାକୁ ପ୍ରଥମଥର ନ୍ୟାସନାଲ ଗେମ୍ସରେ ସାମିଲ କରାଯାଇଛି । ଉତ୍ତରାଖଣ୍ଡର ୮ ଜିଲ୍ଲାର ୧୧ ସହରରେ ଏହି ସମ୍ମାନଜନକ ପ୍ରତିଯୋଗିତା ୧୭ ଦିନ ଧରି ଚାଲିବ ।

## ୧୨ ବର୍ଷ ପରେ ରଣଜୀ ଖେଳିବେ ବିରାଟ

ନୂଆଦିଲ୍ଲୀ, ୨୭ ।୧ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ଅନ୍ତିମ ତଥା ୭ମ ରାଉଣ୍ଡ ମ୍ୟାଚ୍ ଜାନୁଆରୀ ୩୦ରୁ ଆରମ୍ଭ ହେବ । ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଦିଲ୍ଲୀ ଏହାର ଶେଷ ରାଉଣ୍ଡ ମ୍ୟାଚରେ ରେଲ୍‌ୱେକୁ ଭେଟିବ । ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଲାଗି ୨୦ ଜଣିଆ ସମ୍ଭାବ୍ୟ ଦିଲ୍ଲୀ ଦଳ ଘୋଷଣା କରାଯାଇଛି । ଆୟୁଷ ବଦୋନୀଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରେ ଷ୍ଟାର୍ ବ୍ୟାଟର୍ ବିରାଟ କୋହଲିଙ୍କୁ ସ୍ଥାନ ମିଳିଛି । ଫଳରେ ୧୨ ବର୍ଷର ବ୍ୟବଧାନ ପରେ କୋହଲି ରାଜ୍ୟ ଦଳ ପକ୍ଷରୁ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବାକୁ ଯାଉଛନ୍ତି । କୋହଲି ଶେଷଥର ଲାଗି ୨୦୧୨ ନଭେମ୍ବରରେ ଗାଜିଆବାଦ୍‌ରେ ଉତ୍ତର ପ୍ରଦେଶ ବିପକ୍ଷରେ ରଣଜୀ ଖେଳିଥିଲେ । ଅପରପକ୍ଷରେ ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍ ଖେଳିଥିବା ୱିକେଟରକ୍ଷକ ଋଷଭ ପନ୍ତଙ୍କୁ ଏହି ଦଳରେ ସ୍ଥାନ ମିଳିନାହିଁ । ପନ୍ତ ସୌରାଷ୍ଟ୍ର ବିପକ୍ଷ ମ୍ୟାଚର ଉଭୟ ଇନିଂସରେ ଯଥାକ୍ରମେ ୧ ଓ ୧୭ ରନ କରିଥିଲେ ଏବଂ ଦିଲ୍ଲୀ ଏହି ମ୍ୟାଚରେ ୧୦ ୱିକେଟ୍‌ରେ ପରାସ୍ତ ହୋଇଥିଲା ।

## ସିକେ ନାଇଡୁ ଟ୍ରଫିରୁ ଓଡ଼ିଶା ବିଦା

କଟକ,୨୭।୧(ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ସି.କେ ନାଇଡୁ ଟ୍ରଫିର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ପରାଜୟର ସମ୍ମୁଖୀନ ହୋଇଛି । ଏନପିଆର କଲେଜ ଗ୍ରାଉଣ୍ଡରେ ଘରୋଇ ତାମିଲନାଡୁ ଇନିଂସ୍ ଏବଂ ୪୧ରନରେ ବିଜୟୀ ହୋଇଛି । ପ୍ରଥମ ପାଳିରେ ୧୨୪ ରନରେ ପଛୁଆ ଥିବା ଓଡ଼ିଶା ଦ୍ୱିତୀୟ ପାଳିରେ ମାତ୍ର ୮୩ ରନରେ ଅଲଆଉଟ ହୋଇଥିଲା । ଏହି ପରାଜୟ ସହ ଓଡ଼ିଶାର ଅଭିଯାନ ଶେଷ ହୋଇଛି । ସୁଜଳ ସିଂହଙ୍କ ଶତକ ସହାୟତାରେ ଓଡ଼ିଶା ପ୍ରଥମ ଇନିଂସରେ ୨୭୨ ରନ କରିଥିଲା । ଜବାବରେ ତାମିଲନାଡୁ ୩୯୬ ରନରେ ଅଲଆଉଟ ହୋଇଥିଲା । ପଛୁଆ ରହି ଦ୍ୱିତୀୟ ଇନିଂସ ଖେଳିଥିବା ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ୯ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ ।

## ୩୫ ବର୍ଷ ପରେ ୱେଷ୍ଟଇଣ୍ଡିଜଠୁ ହାରିଲା ପାକିସ୍ତାନ

ମୁଲତାନ,୨୭ ।୧(ଏଜେନ୍ସି): ପାକିସ୍ତାନ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ସୋମବାର ତୃତୀୟ ଦିବସରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୧୨୦ ରନରେ ବିଜୟୀ ହୋଇଛି । ଏଥସହ ପାକିସ୍ତାନ ମାଟିରେ ଦୀର୍ଘ ୩୫ ବର୍ଷ ପରେ ୱେଷ୍ଟଇଣ୍ଡିଜ ଟେଷ୍ଟ ବିଜୟୀ ହୋଇ ଇତିହାସ ସୃଷ୍ଟି କରିଛି ।

**ମୁଲତାନ୍ ଟେଷ୍ଟ**

ପ୍ରଥମ ଇନିଂସରେ ଅପରାଜିତ ୩୬ ଓ ୪ ୱିକେଟ, ଦ୍ୱିତୀୟରେ ୧୮ ରନ ସଂଗ୍ରହ କରିବା ସହ ୫ ୱିକେଟ ନେଇ ୱେଷ୍ଟଇଣ୍ଡିଜ ସ୍ପିନର ଜୋମେଲ ୱାରିକାନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ସେହିପରି ସାରା ସିରିଜରେ ମୋଟ୍ ୮୫ ରନ ସଂଗ୍ରହ କରିବା ସହ ୧୯ଟି ୱିକେଟ ନେଇ ସେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି । ପୂର୍ବରୁ ପ୍ରଥମ ଟେଷ୍ଟରେ ପାକିସ୍ତାନ ୧୨୭ ରନରେ ବିଜୟୀ ହୋଇଥିଲା । ଏଥିସହ ସିରିଜ ୧-୧ରେ ଅମୀମାଂସିତ ରହିଛି । ଟସ ଜିତି ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୪୧.୧ ଓଭରରେ ୧୬୩ ରନ କରିଥିଲା । ଜବାବରେ ପାକିସ୍ତାନ ପ୍ରଥମ ଇନିଂସରେ ୪୭ ଓଭରରେ ୧୫୪ ରନରେ ଅଲଆଉଟ ହୋଇଥିଲା । ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ ୬୬.୧ ଓଭରରେ ୨୪୪ ରନକରି ଅଲଆଉଟ ହେବା ପରେ ପାକିସ୍ତାନ ସମ୍ମୁଖରେ ୨୫୪ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା । ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ୪୪ ଓଭରରେ ୧୩୩ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା ।

## ବୁମ୍‌ରା, ମନ୍ଧାନାଙ୍କୁ ଆଇସିସି ପୁରସ୍କାର





ଦୁବାଇ,୨୭ ।୧(ଏଜେନ୍ସି): ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ସୋମବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟେଷ୍ଟ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି । ୩୧ ବର୍ଷୀୟ ବୁମ୍‌ରା ଇଂଲଣ୍ଡର ଜୋ ରୁଟ୍, ହ୍ୟାରୀ ବ୍ରୁକ୍ ଓ ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସଙ୍କୁ ପଛରେ ପକାଇ ଏହି ପୁରସ୍କାର ପାଇଛନ୍ତି । ପ୍ରଥମ ଭାରତୀୟ ବୋଲର ଭାବେ ସେ ଏହି ସମ୍ମାନ ପାଇଛନ୍ତି । ଗତ ବର୍ଷ ସେ ୧୩ଟି ଟେଷ୍ଟ ଖେଳି ମୋଟ ୭୧ଟି ୱିକେଟ ହାସଲ କରି ସଫଳ ପ୍ରଦର୍ଶନ କରିଥିଲେ । ସେ ବର୍ଡର-ଗାଭାସ୍କର ଟ୍ରଫିରେ ୩୨ଟି ୱିକେଟ ନେଇଥିଲେ । ବୁମ୍‌ରା ଏପର୍ଯ୍ୟନ୍ତ ୪୫ଟି ଟେଷ୍ଟ, ୮୯ ଦିନିକିଆ ଓ ୭୦ଟି ଟି-୨୦ ଖେଳି ବେଶ ସଫଳତା ହାସଲ କରିଛନ୍ତି ।

ସେହିଭଳି ଭାରତୀୟ ବ୍ୟାଟର ସ୍ମୃତି ମନ୍ଧାନା ଆଇସିସି ମହିଳା ୱାନଡେ କ୍ରିକେଟର ଅଫ୍ ଦି ଇୟର ଭାବେ ପୁରସ୍କୃତ ହୋଇଛନ୍ତି । ସେ ତୃତୀୟଥର ପାଇଁ ଏହି ସମ୍ମାନ ହାସଲ କରିଛନ୍ତି । ପୂର୍ବରୁ ୨୮ ବର୍ଷୀୟା ମନ୍ଧାନା ପୂର୍ବରୁ ୨୦୧୮ ଓ ୨୦୨୨ରେ ଏହି ପୁରସ୍କାର ପାଇଥିଲେ । ୨୦୨୪ରେ ସେ ୧୩ଟି ମ୍ୟାଚ୍ ଖେଳି ୫୭.୮୬ ହାରରେ ଓ ୯୫.୧୫ ଷ୍ଟ୍ରାଇକ୍‌ରେଟ୍‌ରେ ୭୪୭ ରନ ସଂଗ୍ରହ କରିଥିଲେ ଓ ଏଥିରେ ୪ଟି ଶତକ ସାମିଲ ରହିଛି । ସେହିପରି ଏହି ବର୍ଷ ସେ ୯୫ ଚୌକା ଓ ୬ଟି ଛକା ମାରିଥିଲେ । କିଛି ଦିନତଳେ ଆଇସିସି ପ୍ରକାଶ କରିଥିବା ମହିଳା ଦିନିକିଆ ଦଳରେ ମନ୍ଧାନାଙ୍କ ସମେତ ଅଲରାଉଣ୍ଡର ଦୀପ୍ତି ଶର୍ମା ସାମିଲ ଥିଲେ ।

## କାକର ପ୍ରଭାବ ପଡ଼ିବ ନାହିଁ: କ୍ୟୁରେଟର୍

କଟକ,୨୭।୧(ସମିସ): ବାରବାଟୀର ପିଚ୍ ଆଉ ଆଉଟଫିଲ୍ଡରେ ଆଣ୍ଟିଡ୍ୟୁ ବ୍ୟବହାର କରାଯିବ । ଏହି ରସାୟନିକ ସାମଗ୍ରୀ ବ୍ୟବହାର ଦ୍ୱାରା କାକରର ପ୍ରଭାବ ବେଶୀ ରହିବ ନାହିଁ । ଦ୍ୱିତୀୟ ଇନିଂସ୍ ଖେଳୁଥିବା ଦଳ ପାଇଁ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ । ବଲ୍ ଓଦା ହେବ ନାହିଁ କି ଖେଳାଳିଙ୍କ ଗୋଡ଼ ଖସିବା ଭଳି ସ୍ଥିତି ଉପୁଜିବ ନାହିଁ । ଏହାଛଡ଼ା ମୁମ୍ବଇରୁ ନାଲି ମାଟି ଆଣି ଏକ ପିଚ୍ ପ୍ରସ୍ତୁତ ହୋଇଛି । କଳାହାଣ୍ଡିର କଳାମାଟି ବ୍ୟବହାର କରାଯାଉ ଆଉ ଏକ ପିଚ୍ ମଧ୍ୟ ପ୍ରସ୍ତୁତ ହୋଇ ରହିଛି । ଆଉ ୧୩ ଦିନ ପରେ ଏଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭଲ୍ ସ୍କୋର ଦେଖିବାକୁ ମିଳିବ ବୋଲି ସୋମବାର ବିସିସିଆଇର ମୁଖ୍ୟ କ୍ୟୁରେଟର ଆଶିଷ ଭୌମିକ ଅନୁଧ୍ୟାନ କରିବା ପରେ ମତ ପ୍ରକାଶ ପାଇଛି । ପ୍ରକାଶଥାଉକି, ଏହି ମ୍ୟାଚ୍ ଦିବାରାତ୍ର ବିଶିଷ୍ଟ ହୋଇଥିବାରୁ ରାତି ସମୟର ଖେଳକୁ ଗୁରୁତ୍ୱ ଦିଆଯାଇଛି । ମହାନଦୀ କୂଳରେ ଅବସ୍ଥିତ ବାରବାଟୀ ଷ୍ଟାଡିୟମରେ ପ୍ରାୟତଃ କାକରର ପ୍ରଭାବ ଦେଖିବାକୁ ମିଳେ । ଫେବ୍ରୁଆରୀ ଦ୍ୱିତୀୟ ସପ୍ତାହରେ ମ୍ୟାଚ୍ ରହିଛି । ଶୀତ ମଧ୍ୟ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିପାରେ ।

ଏଣୁ କାକର ପ୍ରଭାବ କମାଇବା ଦିଗରେ ବିଶେଷ ଦୃଷ୍ଟି ଦିଆଯାଇଛି । ଆଉଟଫିଲ୍ଡ ଦ୍ରୁତ ରହିବ ବୋଲି କୁହାଯାଇଛି । ଶ୍ରୀ ଭୌମିକ ବାରବାଟୀ ଷ୍ଟାଡିୟମ ଅନୁଧ୍ୟାନ କରିବା ସମୟରେ ଓସିଏର କ୍ୟୁରେଟର ଅଞ୍ଜନ କୁମାର ଖୁଣ୍ଟିଆ ଉପସ୍ଥିତ ଥିଲେ ।



**ବାରବାଟୀ ଏକଦିବସୀୟ — ଆଉ ୧୩ ଦିନ**

## ରଣଜୀ ଟ୍ରଫି | ଓଡ଼ିଶାର ଇନିଂସ୍ ବିଜୟ

କଟକ,୨୭।୧(ସମିସ): ସିଲଂର ଏମସିଏ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ରଣଜୀ ଟ୍ରଫିର ୬ଷ୍ଠ ରାଉଣ୍ଡ ମୁକାବିଲାରେ ଓଡ଼ିଶା ଇନିଂସ୍ ଓ ୫୬ରନରେ ଘରୋଇ ମେଘାଳୟକୁ ହରାଇଛି । ଇନିଂସ୍ ବିଜୟରୁ ୭ ପଏଣ୍ଟ ସଂଗ୍ରହ ସହ ମୋଟ ୧୭ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଗ୍ରୁପ-ଏ ଟେବଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି । ୩୦ ତାରିଖରେ ସର୍ଭିସେସ ବିପକ୍ଷରେ ଓଡ଼ିଶା ଅନ୍ତିମ ଲିଗ୍ ମ୍ୟାଚ୍ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳିବ ।

ମେଘାଳୟର ପ୍ରଥମ ପାଳି ୧୯୮ ରନ ଜବାବରେ ଓଡ଼ିଶା ୭ ୱିକେଟ ହରାଇ ୫୪୮ ରନ କରି ଘୋଷଣା କରିଥିଲା । ଗୋବିନ୍ଦ ପୋଦ୍ଦାର ସର୍ବାଧିକ ୧୨୧ ରନ କରିଥିଲେ । ସେହିଭଳି ରାଜେଶ ଧୂପର ୧୦୨ ରନର ଅପରାଜିତ ଦ୍ରୁତ ପାଳି ଖେଳିଥିଲେ । ପ୍ରଥମ ଇନିଂସ୍‌ରେ ୩୫୦ରନରେ ପଛୁଆ ରହିଥିବା ଘରୋଇ ମେଘାଳୟ ଦ୍ୱିତୀୟ ଇନିଂସ୍ ପ୍ରାରମ୍ଭରୁ କ୍ରମାଗତ ୱିକେଟ ହରାଇଥିଲା । ଦଳୀୟ ସ୍କୋର ୩୧ ବେଳେ ପ୍ରମୁଖ ୩ ବ୍ୟାଟର ପ୍ୟାଭିଲିୟନ ଫେରି ସାରିଥିଲେ । ତେବେ ନିମ୍ନକ୍ରମର ବ୍ୟାଟରଙ୍କ ସଂଘର୍ଷପୂର୍ଣ୍ଣ ପାଳି ଯୋଗୁଁ ଦଳ ୨୦୦ପାର୍ କରି ପାରିଥିଲା । ଜସକିରତ ସର୍ବାଧିକ ୮୨ ରନ କରିଥିବାବେଳେ ସୁମିତ କୁମାର ୫୧ ରନର ପାଳି ଖେଳିଥିଲେ । ଓଡ଼ିଶା ପକ୍ଷରୁ ସୁନୀଲ ରାଉଳ ସର୍ବାଧିକ ୪ଟି ୱିକେଟ ଦଖଲ କରିଥିଲେ । ପ୍ରଥମ ପାଳିରେ ୬ ୱିକେଟ ହାସଲ କରିଥିବା ତାପସ କୁମାର ଦାସଙ୍କୁ ଗୋଟିଏ ଏବଂ ରାଜେଶ ମହାନ୍ତିଙ୍କୁ ୩ଟି ୱିକେଟ ମିଳିଥିଲା ।

## ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ରାଜକୋଟ୍,୨୭ ।୧(ଏଜେନ୍ସି): ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ମଙ୍ଗଳବାର ତୃତୀୟ ଟି-୨୦ ମ୍ୟାଚ୍ ଆୟୋଜନ ହେବ । ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଜିତି ୨-୦ରେ ଅଗ୍ରଣୀ ହାସଲ କରିଥିବା ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ଆଗୁଆ ସିରିଜ ଜିତିବାକୁ ପ୍ରୟାସ କରିବ । ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ୭ ଓ ଦ୍ୱିତୀୟରେ ୨ ୱିକେଟ ବିଜୟୀ ହୋଇଥିଲା । ଅନ୍ୟପଟେ ସିରିଜ ବଞ୍ଚାଇ ରଖିବାକୁ ହେଲେ ଇଂଲଣ୍ଡକୁ ଏହି ମ୍ୟାଚ୍ ଜିତିବା ଅପରିହାର୍ଯ୍ୟ ହୋଇ ପଡିଛି । ଅର୍ଥାତ ଇଂଲଣ୍ଡ କର ବା ମର ସ୍ଥିତିରେ ରହିଛି । ଏହି ମ୍ୟାଚ୍ ପାଇଁ ଇଂଲଣ୍ଡ ଦଳରେ କୌଣସି ପରିବର୍ତ୍ତନ ହୋଇନାହିଁ । ଆଇସିସି ଟି-୨୦ ର୍ୟାଙ୍କିଙ୍ଗ୍‌ରେ ଭାରତ ଶୀର୍ଷ ସ୍ଥାନରେ ରହିଥିବାବେଳେ ଇଂଲଣ୍ଡ ତୃତୀୟ ସ୍ଥାନରେ ରହିଛି । ଦୀର୍ଘ ଦିନ ପରେ ଦଳକୁ ଫେରିଥିବା ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ଏହି ମ୍ୟାଚ୍ ଖେଳିବେ ବୋଲି ବ୍ୟାଟିଂ କୋଚ୍ ସିତାଂଶୁ କୋଟାକ କହିଛନ୍ତି । ନିରଞ୍ଜନ ଶାହା ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ବଲ ପେସ୍ ଓ ବାଉନ୍ସ ହେବ । କିନ୍ତୁ ପିଚ୍ ବ୍ୟାଟରଙ୍କୁ ଅଧିକ ସୁହାଇବ । ଏହାପରେ ପ୍ରଥମ ଇନିଂସର ହାରାହାରି ସ୍କୋର ୧୮୯ ରହିଛି । ରନ୍ ଚେଜ୍ କରିବା କଷ୍ଟକର ହେବ । ମ୍ୟାଚ୍ କିନ୍ତୁ ହାଇସ୍କୋରିଂ ହେବ । ଦୁଇ ଦଳ ଏପର୍ଯ୍ୟନ୍ତ ଟି-୨୦ରେ ପରସ୍ପରକୁ ୨୬ଥର ଭେଟିଛନ୍ତି । ଏଥିରୁ ଭାରତ ୧୫ ଓ ଇଂଲଣ୍ଡ ୧୧ଟିରେ ବିଜୟୀ ହୋଇଛି । ଘରୋଇ ମାଟିରେ ଭାରତ ୮ ଓ ଇଂଲଣ୍ଡ ୫ଟିରେ ବିଜୟୀ ହୋଇଛି । ପୁଣି ଗତବର୍ଷ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ରେ ଭାରତ ସେମିଫାଇନାଲରେ ଇଂଲଣ୍ଡକୁ ହରାଇଥିଲା । ତେଣୁ ରେକର୍ଡ ଓ ଫର୍ମରେ ଭାରତ ଆଗରେ ରହିଛି । ଏହି ମ୍ୟାଚ୍‌ରେ ଆଉ ୨ ୱିକେଟ ନେଇ ଅର୍ଶଦୀପ ସିଂହ ପ୍ରଥମ ଭାରତୀୟ ବୋଲର ଭାବେ ୧୦୦ ୱିକେଟ ନେବାକୁ ପ୍ରୟାସ କରିବେ । ସେ ଏପର୍ଯ୍ୟନ୍ତ ୬୨ ଟି-୨୦ ମ୍ୟାଚ୍ ଖେଳି ୯୮ ୱିକେଟ ଅକ୍ତିଆର କରିଛନ୍ତି । ଗତ ୧ ବର୍ଷରେ ଭାରତ ୨୫ ମ୍ୟାଚ୍ ଖେଳି ୨୩ ବିଜୟ, ୨ ପରାଜୟ ହାସଲ କରିଛି । ଅପରପକ୍ଷରେ ଇଂଲଣ୍ଡ ୧୯ ମ୍ୟାଚ୍ ଖେଳି ୧୦ ବିଜୟ ଓ ୭ ପରାଜୟ ବରଣ କରିଛି । ଅଧିନାୟକ ସୂର୍ଯ୍ୟକୁମାର ଏହି ମ୍ୟାଚ୍‌ରେ ଫର୍ମକୁ ଫେରିବେ ବୋଲି ଆଶା କରାଯାଉଛି । କାକର ସମସ୍ୟା ଥିଲେ ମଧ୍ୟ ଟସ୍ ଜିତିବା ଦଳ ପ୍ରଥମେ ବ୍ୟାଟିଂ କରିବାକୁ ପସନ୍ଦ କରିବ । ତିଲକ ବର୍ମା, ଅଭିଷେକ ଶର୍ମା, ଆର୍ଶଦୀପ, ଜୋଶ ବଟଲର, ଜୋଫ୍ରା ଆର୍ଚରଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ । ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବା ସହ ରୋମାଞ୍ଚକ ହେବ ।

**ଆଜି ତୃତୀୟ ଟି-୨୦**
ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ, ଡିଜନୀ ହଟ୍‌ଷ୍ଟାର

ଭାରତୀୟ ଦଳ: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅକ୍ଷର ପଟେଲ (ଉପ-ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ, ନୀତୀଶ କୁମାର ରେଡ୍ଡୀ, ହର୍ଷିତ ରାଣା, ଅର୍ଶଦୀପ ସିଂହ, ମହମ୍ମଦ ସାମି, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର ଓ ଧ୍ରୁବ ଜୁରେଲ ।

ଇଂଲଣ୍ଡ ଦଳ: ଜୋଶ ବଟଲର (ଅଧିନାୟକ), ହ୍ୟାରୀ ବ୍ରୁକ୍ (ଉପ- ଅଧିନାୟକ), ଫିଲ ସଲ୍ଟ, ଜ୍ୟାକବ ବେଥେଲ, ଲିଆମ ଲିଭିଂଷ୍ଟୋନ, ଜୋଫ୍ରା ଆର୍ଚର, ଗସ ଅଟକିନସନ, ବେନ ଡକେଟ, ଜେମି ଓଭରଟନ, ଆଦିଲ ରସିଦ ଓ ମାର୍କ ଉଡ୍ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS